

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୦ ଫେବୃଆରୀ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 February 2026

Vol.No. 36 ■ No.48 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି

ସାଗରିକା

(ନୂଆବର୍ଷ ସଂଖ୍ୟା)

ଡିଜିଟାଲ୍ ଫର୍ମାଟରେ ମଧ୍ୟ ଉପଲବ୍ଧ...

website : sagarika.in.net


# ଆଜି ରାଜ୍ୟ ବଜେଟ୍ : ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଉପସ୍ଥାପନ କରିବେ ମୁଖ୍ୟମନ୍ତ୍ରୀ



- ପଞ୍ଚାୟତ ନିର୍ବାଚନ ଥିବାରୁ କିଛି ନୂଆ ଯୋଜନା ଆଣିପାରନ୍ତି ସରକାର
- ଇନପୁଟ୍ ସବ୍‌ସିଡି ଓ ସୁଭଦ୍ରା ଯୋଜନା ପାଇଁ ଅଧିକ ବ୍ୟୟବରାଦ ରହିପାରେ
- ଗ୍ରାମୀଣ ବିକାଶ ଓ ରୋଜଗାର ପାଇଁ ଅଧିକ ଅନୁଦାନ ଦେଇପାରନ୍ତି ମୋହନ ସରକାର
- ଭିତ୍ତିଭୂମି, ଶିଳ୍ପ ଓ ସଡ଼କ ପରିବହନର ବିକାଶ ପାଇଁ ନିଆଯାଇପାରେ ବଡ଼ ନିଷ୍ପତ୍ତି
- ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି କ୍ଷେତ୍ରକୁ ସୁଦୃଢ଼ କରିବାକୁ ମିଳିପାରେ ଅଧିକ ଅନୁଦାନ

ଭୁବନେଶ୍ୱର, ୧୯/୨ (ନି.ପ୍ର): ରାତି ପାହିଲେ ଆସିବ ରାଜ୍ୟ ବଜେଟ୍ । ବିକଶିତ ଓଡ଼ିଶା ପାଇଁ ଚଳିତ ବଜେଟରେ ବଡ଼ ଘୋଷଣା କରିପାରନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ବଜେଟର ଆକାର ତ ବୃଦ୍ଧି ପାଇବ । ଏହା ନିଶ୍ଚିତ । ହେଲେ ବର୍ଦ୍ଧିତ ବଜେଟରେ ସାଧାରଣ ଲୋକ କେତେ ଲାଭବାନ ହେବେ ତାହା ଉପରେ ଓଡ଼ିଶାବାସୀଙ୍କ ନଜର । ରାଜ୍ୟପାଳ ବିଧାନସଭାରେ ଅଭିଭାଷଣ ରଖି କହିଛନ୍ତି, ଭାରତର ତୃତୀୟ ବୃହତ୍ତ ଅର୍ଥନୀତି ହେବ ଓଡ଼ିଶା । ବିକଶିତ ଭାରତ ପାଇଁ ଓଡ଼ିଶା ସାଜିବ ଗ୍ରୋଥ୍ ଇଞ୍ଜିନ । ରାଜ୍ୟପାଳଙ୍କ ଏହି ଅଭିଭାଷଣକୁ ପୂର୍ଣ୍ଣାଙ୍ଗ ରୂପ ଦେବାକୁ ଆସୁଛି ୨୦୨୬-୨୭ ଆର୍ଥିକ ବର୍ଷର ପୂର୍ଣ୍ଣାଙ୍ଗ ବଜେଟ୍ । ପୂର୍ବ ବଜେଟ୍‌ଠାରୁ ଚଳିତବର୍ଷ ବଜେଟର କଳେବର ବଢି ୩ ଲକ୍ଷ ୧୫ ହଜାର କୋଟି ଟପିପାରେ । ଯାହା ବିକଶିତ ଓଡ଼ିଶା ସ୍ୱପ୍ନକୁ ଆହୁରି ବଳ ଦେବ । ଐତିହାସିକ ବଜେଟ ଆଣିବାକୁ ଶାସକ ଦଳ ବେଶ ଉତ୍ସାହିତ। ସାଧାରଣ ଲୋକଙ୍କ ସ୍ୱାର୍ଥ ଏହି ବଜେଟ ପୂରା କରିବ ବୋଲି କହିଛି ଶାସକ ଦଳ। ଅନ୍ୟପଟେ ବଜେଟ ବୃଦ୍ଧିକୁ କଟାକ୍ଷ କରିଛନ୍ତି ବିରୋଧୀ । ଖର୍ଚ୍ଚ କରିବାର ସାମର୍ଥ୍ୟ ନାହିଁ, ବଜେଟ୍ ବୃଦ୍ଧି କରି ଲାଭ କ'ଣ ? ବୋଲି ପ୍ରଶ୍ନ କରିଛି ବିଜେଡି । ସେହିଭଳି କଂଗ୍ରେସ କହିଛି, ବଜେଟ୍‌ର ପ୍ରତିଫଳନ ରାଜ୍ୟ ବିକାଶରେ ଦେଖିବାକୁ ମିଳୁନି । ଶାସକ-ବିରୋଧୀଙ୍କ ପ୍ରତ୍ୟାରୋପ ଭିତରେ ଲୋକଙ୍କ ସରକାରରେ ଲୋକଙ୍କ ପାଇଁ ବଜେଟ୍‌ରେ କ'ଣ ମିଳୁଛି ? ତାହା ଦେଖିବା ବାକି ରହିଲା ।

# ଲାଞ୍ଚନେଇ ବନ୍ଧାହେଲେ ସୋର ତହସିଲଦାର

## ୪୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ



ସୋର,୧୯।୨(ଜନ୍ମେଞ୍ଜୟ ମିଶ୍ର): ଓଡ଼ିଶା ଭିଜିଲାନ୍ସ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବାଲେଶ୍ୱର ଜିଲା ସୋର ତହସିଲଦାରଙ୍କୁ ଗିରଫ କରିଛି। ଜବତ ହୋଇଥିବା ପଥର ବୋଝେଇ ଟ୍ରକ୍ ଛାଡ଼ିବା ପାଇଁ ଲାଞ୍ଚ ନେଉଥିବା ବେଳେ ସେ ଧରାପଡ଼ିଛନ୍ତି। ଗୁରୁବାର ଅପରାହ୍ନରେ ସୋର ତହସିଲଦାର ଦୈତାରୀ ମଲ୍ଲିକ ଏବଂ ତାଙ୍କ ସହଯୋଗୀ ଦୟାନିଧି ଜେନାଙ୍କୁ ଭିଜିଲାନ୍ସ ଟିମ୍ କାବୁ କରିଛି। ଜଣେ ଟ୍ରକ୍ ମାଲିକଙ୍କ ଠାରୁ ୪୦,୦୦୦ ଟଙ୍କା ଲାଞ୍ଚ ଗ୍ରହଣ କରୁଥିବା ସମୟରେ ଏହି ଚଢ଼ାଉ କରାଯାଇଥିଲା। ତହସିଲଦାର ମଲ୍ଲିକ ଗତ ୧୧ ଫେବୃଆରୀରୁ ପଥର ବୋଝେଇ ୫ଟି ଟ୍ରକକୁ ଅଟକ ରଖିଥିଲେ। ଏହି ଟ୍ରକ୍‌ଗୁଡ଼ିକୁ ଖଣି ବିଭାଗକୁ ହସ୍ତାନ୍ତର ନ କରିବା ଏବଂ ମୋଟା ଅଙ୍କର ଜୋରିମାନାରୁ ବଞ୍ଚାଇବା ପାଇଁ ସେ ୧ ଲକ୍ଷ ଟଙ୍କା ଲାଞ୍ଚ ଦାବି କରିଥିଲେ। ଟ୍ରକ୍ ମାଲିକ ଏତେ ଟଙ୍କା ଦେବାକୁ ଅସମର୍ଥ ପ୍ରକାଶ କରିବାରୁ,

◆◆ପୃଷ୍ଠା ୭

# ୨ ବିହାରୀ କଏଦୀ ଫେରାର୍ ମାମଲାରେ ଜେଲର୍ ସନ୍ତୋଷିନୀ ଦାଶ ନିଲମ୍ବିତ

ଭୁବନେଶ୍ୱର, ୧୯/୨ (ନି.ପ୍ର): ଜେଲର ସନ୍ତୋଷିନୀ ଦାଶ ନିଲମ୍ବିତ। କଣ୍ଟାବାଞ୍ଜି ଉପକାରାଗାର ଜେଲର୍ ସନ୍ତୋଷିନୀ ଦାଶଙ୍କୁ ନିଲମ୍ବନ କରାଯାଇଛି। ଚୌଦ୍ୱାର ଜେଲରୁ କଣ୍ଟାବାଞ୍ଜି ଜେଲକୁ ତାଙ୍କୁ ବଦଳି କରାଯାଇଥିଲା। ତେବେ ନିଜ କର୍ତ୍ତବ୍ୟରେ ଅବହେଳା ଏବଂ ଆଚରଣ ପାଇଁ ତାଙ୍କୁ ନିଲମ୍ବନ କରିଛନ୍ତି ଜେଲ୍ ଡିଜି। ଗତ ଦଶହରା ଦିନ ୨ ଦୁର୍ଦ୍ଧାନ୍ତ ବିହାରୀ କଏଦୀ ଚମ୍ପଟ ମାମଲାରେ ତାଙ୍କୁ କଣ୍ଟାବାଞ୍ଜି ଉପକାରାଗାରକୁ ବଦଳି କରିଦିଆଯାଇଥିଲା। ଏହି ଆଉ ଏହି ଘଟଣାକୁ ନେଇ ବିବାଦରେ ଥିଲେ ସନ୍ତୋଷିନୀ। ତେବେ ସ୍ୱାସ୍ଥ୍ୟଗତ କାରଣ ପାଇଁ ଛୁଟିରେ ଥିବା ସନ୍ତୋଷିନୀ ଦାଶ ଦର୍ଶାଇଥିଲେ।

# ଚଣ୍ଡିଗଡ଼ର ପଞ୍ଜାବ ସଚିବାଳୟ ଓ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ବୋମା ଧମକ

ଚଣ୍ଡିଗଡ, ୧୯/୨ (ନି.ପ୍ର): ଗୁରୁବାର ଦିନ ଚଣ୍ଡିଗଡ଼ର ପଞ୍ଜାବ ସଚିବାଳୟକୁ ବୋମା ଧମକ ମିଳିଛି। ଏହା ପରେ, ସଚିବାଳୟ କୋଠାକୁ ଖାଲି କରାଯାଇଥିଲା। ପୂର୍ବରୁ, ହରିୟାଣା ଏବଂ ପଞ୍ଜାବ ସଚିବାଳୟକୁ ବୋମା ଧମକ ମିଳିଥିଲା। ଗୁରୁବାରର ଧମକ ପରେ, ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ପଞ୍ଜାବ ସହିତ ହରିୟାଣା ସଚିବାଳୟକୁ ଆଲର୍ଟ ରଖାଯାଇଛି। ଆଜି ମିଳିଥିବା ଧମକପୂର୍ଣ୍ଣ ଇମେଲରେ ସଚିବାଳୟ ଏବଂ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ବୋମା ବିସ୍ଫୋରଣ କରାଯିବାର ଦାବି କରାଯାଇଛି। ସୁରକ୍ଷା ଦୃଷ୍ଟିରୁ, ପୋଲିସ ଅଂଚଳକୁ ଘେରାବନ୍ଦୀ କରି ସଚିବାଳୟରୁ ଲୋକଙ୍କୁ ବାହାର କରିଥିଲା। ପୋଲିସ, ସିଆରପିଏଫ, ବୋମା ନିଷ୍କ୍ରିୟକାରୀ ଦଳ ଏବଂ କୁକୁର ସ୍କ୍ୱାଡ୍ ଦଳ ସଚିବାଳୟରେ ତଲାସୀ କରିଥିଲେ କିନ୍ତୁ କୌଣସି ସନ୍ଦେହଜନକ ବସ୍ତୁ ପାଇଲେ ନାହିଁ।

# ଅଳସୁଆ କରୁଛି ମାଗଣା ଯୋଜନା : ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୧୯/୨ : ନିର୍ବାଚନ ପୂର୍ବରୁ ରାଜ୍ୟ ରାଜକୋଷ ଉପରେ ଚାପ ପକାଉଥିବା ଭଳି ମାଗଣା ଯୋଜନା ଘୋଷଣା କରିବା ଓ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତରକୁ ନେଇ ବିଭିନ୍ନ ରାଜ୍ୟର ରାଜନୈତିକ ଦଳଗୁଡ଼ିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି । ସୁପ୍ରିମକୋର୍ଟ ଡିଏମକେ ସରକାର ନେତୃତ୍ୱାଧୀନ ତାମିଲନାଡୁ ପାୱାର ଡିଷ୍ଟ୍ରିବ୍ୟୁସନ୍ କର୍ପୋରେସନ ଲିମିଟେଡର ଏକ ଆବେଦନର ଶୁଣାଣି କରି ଦେଶରେ ନିର୍ବାଚନ ପୂର୍ବରୁ ମାଗଣା ଯୋଜନା ଓ ନଗଦ ହସ୍ତାନ୍ତର କରାଯିବାର ଟ୍ରେଣ୍ଡ ବଢ଼ିବାରେ ଲାଗିଛି ବୋଲି କହିଥିଲେ । ଏହା କୌଣସି ଗୋଟିଏ ରାଜ୍ୟରେ ସୀମିତ ନାହିଁ । ଏହାଦ୍ୱାରା ଦେଶର ଆର୍ଥିକ ବିକାଶରେ ବାଧା ସୃଷ୍ଟି ହେବ ଓ ଲୋକମାନେ କାମ କରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଥିଲେ । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ବିପୁଲ ପାଞ୍ଚୋଲିଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ତାମିଲନାଡୁ ବିଦ୍ୟୁତ୍ ନିଗମ ଆବେଦନର ଶୁଣାଣି କରି କାହିଁକି ଶେଷ ମୁହୂର୍ତ୍ତରେ ଏକ ମାଗଣା ବିଦ୍ୟୁତ୍ ଯୋଜନା ଘୋଷଣା କରାଯାଇଥିଲା ବୋଲି ତାମିଲନାଡୁ ସରକାରଙ୍କୁ ପ୍ରଶ୍ନ କରିଥିଲେ । ଏହି ଯୋଜନା ଫଳରେ ବିଦ୍ୟୁତ୍ ବଣ୍ଟନ କମ୍ପାନୀଗୁଡ଼ିକ ଶୁଳ୍କ ଏବଂ ବଜେଟ୍ ହିସାବକୁ ସଜାଡ଼ିବାକୁ ବାଧ ହୋଇଥିଲେ ବୋଲି ସୁପ୍ରିମକୋର୍ଟ କହିଥିଲେ । ଉପଭୋକ୍ତାଙ୍କ ଆର୍ଥିକ ସ୍ଥିତି ଉପରେ ଧ୍ୟାନ ନଦେଇ ସମସ୍ତଙ୍କୁ ମାଗଣା ବିଦ୍ୟୁତ ଦେବା ଘୋଷଣାକୁ ନେଇ କୋର୍ଟ ତୀବ୍ର ସମାଲୋଚନା କରିଥିଲେ । ମାଗଣା ସେବା ସଂସ୍କୃତିକୁ ସୁପ୍ରିମକୋର୍ଟ ତୀବ୍ର ସମାଲୋଚନା କରିଛନ୍ତି । ଖଣ୍ଡପୀଠ କହିଥିଲେ , ଏହା ଅର୍ଥନୈତିକ ବିକାଶରେ ବାଧା ଦିଏ ଏବଂ ଏପରି ନୀତିଗୁଡ଼ିକୁ ପୁନଃବିଚାର କରିବାର ସମୟ ଆସିଛି । ଟିକସଦାତାଙ୍କ ବ୍ୟତୀତ ଅନ୍ୟ କିଏ ଏହି ଯୋଜନାର ବ୍ୟୟଭାର ଉଠାଉଛି କି ? ସରକାର ଏସବୁ ମାଗଣା ଯୋଜନା କରିବା ଅପେକ୍ଷା ରୋଜଗାର ସୃଷ୍ଟି ଉପରେ ଧ୍ୟାନ ଦେବା ଉଚିତ । ରାଜ୍ୟରେ ବିକାଶ ଉପରେ କମ୍ ଖର୍ଚ୍ଚ କରାଯାଉଛି ବୋଲି ପ୍ରଧାନ ବିଚାରପତି କହିଛନ୍ତି ।

# ବଦଳିବ ହଳଦିଆପଦର ବ୍ରିଜ୍ ଡିଜାଇନ୍ : ପରିବହନ ମନ୍ତ୍ରୀ

ଭୁବନେଶ୍ୱର, ୧୯/୨ (ନି.ପ୍ର): ହଳଦିଆପଦର ବ୍ରିଜ୍ ପ୍ରସଙ୍ଗରେ ପରିବହନ ମନ୍ତ୍ରୀ ବିଭୂତି ଜେନା ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ ଯେଉଁଦିନରୁ ବ୍ରିଜ ତିଆରି ହୋଇଛି, ସେବେଠାରୁ ଡିଜାଇନ ଭୁଲ୍ ଅଛି। ଏଥିପାଇଁ ବହୁତ ଜୀବନ ଅକାରଣରେ ଗଲାଣି। ସ୍ୱାର୍ଥ ସାଧନ ପାଇଁ ଯେଉଁ କାମ କରାଯାଇଥିଲା ତାକୁ ସମସ୍ତେ ନିନ୍ଦା କରୁଛନ୍ତି। ଆଜି ଯେଉଁମାନେ କହୁଛନ୍ତି, ସେମାନେ ଆଗରୁ କହୁନଥିଲେ । ବ୍ରିଜ ପ୍ରସଙ୍ଗରେ ଆଗରୁ ବହୁତ ଥର ସ୍ୱର ଉତ୍ତୋଳନ କରିଛି । କିନ୍ତୁ ଏ ପର୍ଯ୍ୟନ୍ତ ଭୁଲ ହୋଇଥିବା ଡିଜାଇନ୍ ପରିବର୍ତ୍ତନ କରାଯାଇ ନଥିଲା । ହଳଦିଆପଦର ଦୁର୍ଘଟଣା ଏବେ ସମସ୍ତଙ୍କ ଆଖି ଖୋଲିଯାଇଛି । ତେଣୁ ଆଗକୁ ଡିଜାଇନ ଭଲ ଭାବେ କରାଯିବ । ସୂଚନାଯୋଗ୍ୟ ଯେଜାନୁଆରୀ ୩୧ରେ ଦୁର୍ଘଟଣା ପାଇଁ ୫ଟି ଜୀବନ ଯାଇଥିଲା । ଏହାକୁ ନେଇ ସୁପ୍ରିମକୋର୍ଟ ରୋଡ଼ ସେଫ୍ଟି କମିଟି ରିପୋର୍ଟ ମାଗିଥିଲେ । ଯାହାକୁ ନେଇ ମୁଖ୍ୟ ଶାସନ ସଚିବ ମଧ ଲେଖିଛନ୍ତି । ଏହା ଉପରେ ବିଭାଗୀୟ ଟିମ୍ ସ୍ପଟ୍ ଉପରକୁ ଯାଇ ତଦନ୍ତ କରିଛି।

# ଉତ୍ତର ପ୍ରଦେଶର ଦୁଇ ଉପମୁଖ୍ୟମନ୍ତ୍ରୀ ଆରଏସଏସ ମୁଖ୍ୟ ଭାଗବତଙ୍କୁ ଭେଟିଲେ

ନୂଆଦିଲ୍ଲୀ,୧୯/୨ : ଉତର ପ୍ରଦେଶର ଦୁଇ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ ବ୍ରଜେଶ ପାଠକ ଗୁରୁବାର ନିରାଲା ନଗରର ସରସ୍ୱତୀ କୁଞ୍ଜରେ ପୃଥକ୍ ସମୟରେ ଆରଏସଏସ ସରସଂଘଚାଳକ ଡକ୍ଟର ମୋହନ ରାଓ ଭାଗବତଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ସରସଂଘଚାଳକ ଆରଏସଏସ ପ୍ରଚାରକଙ୍କ ସହିତ ଏକ ବୈଠକ ମଧ କରିଥିଲେ। ପୂର୍ବରୁ ଉତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ବୁଧବାର ସରସଂଘଚାଳକ ଡକ୍ଟର ଭାଗବତଙ୍କୁ ମଧ ଭେଟିଥିଲେ। ସରସଂଘଚାଳକ ତିନି ଦିନିଆ ଲକ୍ଷ୍ନୌ ଗସ୍ତରେ ଅଛନ୍ତି, ଏବଂ ଆଜି ତାଙ୍କ ଗସ୍ତର ତୃତୀୟ ଏବଂ ଶେଷ ଦିନ।

◆◆ପୃଷ୍ଠା ୭

# ୧୫ବର୍ଷରୁ କମ୍ ପିଲାଙ୍କ ପାଇଁ ସୋସିଆଲ୍ ମିଡିଆ ବ୍ୟାନ କରାଯାଉ: ଫ୍ରାନ୍ସ ରାଷ୍ଟ୍ରପତି




ନୂଆଦିଲ୍ଲୀ,୧୯/୨ : ନୂଆଦିଲ୍ଲୀର ଭାରତ ମଣ୍ଡପମରେ ଚାଲିଥିବା 'ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬'ରେ ବିଶ୍ୱର ଅନେକ ପ୍ରମୁଖ ନେତା ଯୋଗଦେଇଛନ୍ତି। ଏହି ମଞ୍ଚରୁ ଅନେକ ଦେଶର ରାଷ୍ଟ୍ରମୁଖ୍ୟ ଓ ପ୍ରତିନିଧିମାନେ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଭବିଷ୍ୟତ ଉପରେ ନିଜର ମତ ରଖିଛନ୍ତି। ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ମଧ ନିଜ ବକ୍ତବ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଶଂସା କରିଛନ୍ତି ଏବଂ ୧୫ ବର୍ଷରୁ କମ ବୟସର ପିଲାଙ୍କ ପାଇଁ ସୋସିଲ୍ ମିଡ଼ିଆ ବ୍ୟାନ୍ କରିବା ପାଇଁ ଅପିଲ କରିଛନ୍ତି। ଇଣ୍ଡିଆ ଏଆଇ ଇମ୍ପାକ୍ଟ ସମିଟ୍ ୨୦୨୬କୁ ସମ୍ବୋଧିତ କରି ଫ୍ରାନ୍ସ ରାଷ୍ଟ୍ରପତି କହିଥିଲେ, ଆପଣଙ୍କ ସୁନ୍ଦର ଦେଶରେ ଆମକୁ ଭବ୍ୟ ସ୍ୱାଗତ କରିଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବହୁତ ବହୁତ ଧନ୍ୟବାଦ। ଆପଣଙ୍କ ଦ୍ୱାରା ଆୟୋଜିତ ଏହି ଏଆଇ ଇମ୍ପାକ୍ଟ ସମିଟରେ ଉପସ୍ଥିତ ହେବା ବଡ଼ ଖୁସିର କଥା। ଗତ ୧୦ ବର୍ଷ ମଧ୍ୟରେ ଦେଶରେ ବହୁତ କିଛି ପରିବର୍ତ୍ତନ ହୋଇଛି। ଦଶ ବର୍ଷ ପୂର୍ବେ, ମୁମ୍ବାଇର ଜଣେ ରାସ୍ତା କଡ଼ରେ ବ୍ୟବସାୟ କରୁଥିବା ବିକ୍ରେତା ପାଇଁ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପ୍ରାୟତଃ ଅସମ୍ଭବ ଥିଲା। ତାଙ୍କର କୌଣସି ଠିକଣା ନଥିଲା, କୌଣସି କାଗଜପତ୍ର ନଥିଲା, କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ବଦଳି ଯାଇଛି। ବର୍ତ୍ତମାନ ସେହି ବିକ୍ରେତା ଯେକୌଣସି ବ୍ୟକ୍ତିଙ୍କଠୁ ଫୋନ ମାଧ୍ୟମରେ ତୁରନ୍ତ ପେମେଣ୍ଟ ଗ୍ରହଣ କରିପାରୁଛନ୍ତି। ଏହା ଏକ ବିରାଟ ପରିବର୍ତ୍ତନ। ମାକ୍ରୋନ୍ କହିଛନ୍ତି ଯେ ଭାରତ ପ୍ରତିବର୍ଷ ଲକ୍ଷ ଲକ୍ଷ ଏଆଇଇ ଇଞ୍ଜିନିୟରଙ୍କୁ ତାଲିମ ଦିଏ। ୫ଲକ୍ଷ ଇଞ୍ଜିନିୟରଙ୍କ ସହିତ, ଭାରତରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଡେଭଲପର କମ୍ୟୁନିଟି ଅଛି।

◆◆ପୃଷ୍ଠା ୭

# ମଧ୍ୟ ପ୍ରାଚ୍ୟରେ ମହାଯୁଦ୍ଧ: କୌଣସି ବି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରିପାରେ ଆମେରିକା



ନୂଆଦିଲ୍ଲୀ,୧୯/୨ : ଏବେ ଠାରୁ ଯେକୌଣସି ମୁହୂର୍ତ୍ତରେ ଇରାନ ଉପରେ ଆକ୍ରମଣ କରିପାରେ ଆମେରିକା। ୨୦୦୩ ଇରାକ ଅନୁପ୍ରବେଶ ପରେ ଆମେରିକା ପ୍ରଥମଥର ପାଇଁ ମଧ୍ୟପ୍ରାଚ୍ୟରେ ନିଜର ସବୁଠାରୁ ବିଶାଳ ଏୟାର ପାୱାର ଦେଖାଇଛି। ପୁଳାପୁଳା ଯୁଦ୍ଧ ବିମାନ ଠାରୁ ଆରମ୍ଭ କରି ଯୁଦ୍ଧ ତୋପକୁ ମଧ୍ୟପ୍ରାଚ୍ୟରେ ଖଞ୍ଜିବାରେ ଲାଗିଛି ଆମେରିକା। ଏଫ-୩୫ ଓ ଏଫ ୨୨ ଯୁଦ୍ଧ ବିମାନ ସମେତ ସେଗୁଡ଼ିକୁ ସହାୟତା ପାଇଁ ସ୍ୱତନ୍ତ୍ର ଏୟାରକ୍ରାଫ୍ଟକୁ ଆମେରିକା ମଧ୍ୟପ୍ରାଚ୍ୟରେ ଠୁଳ କରୁଛି। ଆମେରିକା ପକ୍ଷରୁ ଦ୍ୱିତୀୟ ବିମାନ ବାହାକ ତୋପରେ ଆକ୍ରମଣ ଓ ଇଲେକ୍ଟ୍ରୋନିକ ଯୁଦ୍ଧ ବିମାନକୁ ଭର୍ତ୍ତି କରି ମଧ୍ୟପ୍ରାଚ୍ୟକୁ ପଠା ଯାଉଛି। ସେହିପରି ଆକାଶ ପଥରେ ବଡ଼ ଧରଣର ଲଢ଼େଇରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା କମାଣ୍ଡ ଓ କଣ୍ଟ୍ରୋଲ ଏୟାରକ୍ରାଫ୍ଟ ମଧ ଆମେରିକାରୁ ମଧ୍ୟପ୍ରାଚ୍ୟ ଆଡ଼କୁ ଉଡ଼ାଣ ଭରିଛି। ଆମେରିକା ବାୟୁ ସେନା ଓ ନୌସେନା ସଂପୂର୍ଣ୍ଣ ଆକ୍ରମଣ ମୁଦ୍ରାରେ ରହିଥିବା ବେଳେ କେବଳ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ସେମାନେ ଅପେକ୍ଷା କରିଛନ୍ତି। ଟ୍ରମ୍ପ ଗ୍ରୀନ ସିଗ୍ନାଲ ଦେବା କ୍ଷଣୀ ଇରାନ ଉପରେ ଭୟଙ୍କର ଷ୍ଟ୍ରାଇକ କରିବ ଆମେରିକା। ରିପୋର୍ଟ ଅନୁସାରେ, ଟ୍ରମ୍ପ ଏଯାଏ ଇରାନ ଉପରେ ଆକ୍ରମଣ କରାଯିବ କି ନାହିଁ, ତା' ନିଷ୍ପତ୍ତି ନେଇ ନାହାନ୍ତି। କିନ୍ତୁ ଯଦି ସେ ଆକ୍ରମଣର ଅନୁମତି ଦିଅନ୍ତି, ତା'ହେଲେ ଇରାନର ଆଣବିକ କାର୍ଯ୍ୟକ୍ରମ ବାଧାପ୍ରାପ୍ତ ହେବ। ସେହିପରି ଇରାନରେ ଶାସନ ପରିବର୍ତ୍ତନ ହେବ। ଏହାବାଦ ମଧପ୍ରାଚ୍ୟରେ ସବୁଠାରୁ ବଡ଼ ଯୁଦ୍ଧକୁ ପୂରା ବିଶ୍ୱ ସାମ୍ନା କରିବ। ବିମାନ ଟ୍ରାକିଂ ତଥ୍ୟରୁ ସ୍ପଷ୍ଟ ହୋଇଛି ଯେ ଆମେରିକାର ଏକାଧିକ ଯୁଦ୍ଧ ଓ ସହାୟତା ବିମାନ ଜୋର୍ଡାନରେ ଥିବା ମୁୱାଫକ ସଲ୍ଟି ଓ ସାଉଦି ଆରବରେ ଥିବା ପ୍ରିନ୍ସ ସୁଲତାନ ଏୟାର ବେସ୍‌ରେ ପହଞ୍ଚି ସାରିଛନ୍ତି। ସେହିପରି ଆହୁରି ଅନେକ ବିମାନ ମଧ୍ୟପ୍ରାଚ୍ୟକୁ ଉଡ଼ାଣ ଭରିଛନ୍ତି। ଏଫ-୩୫, ଏଫ ୧୫, ଏଫ-୧୬, ଏଫ-୨୨ ରାପ୍ଟର, ଇ-୩ ଏୟାରବର୍ଣ୍ଣ ୱାର୍ଣ୍ଣିଂ ଓ କଣ୍ଟ୍ରୋଲ ସିଷ୍ଟମ ଏବଂ ଇ-୧୧ ବ୍ୟାଟେଲଫିଲ୍ଡ

◆◆ପୃଷ୍ଠା ୭

# ରାହୁଲ ଗାନ୍ଧୀ ଓ ୨୫ ସାଂସଦଙ୍କୁ କର୍ଣ୍ଣି ସେନା ସଦସ୍ୟଙ୍କ ହତ୍ୟା ଧମକ

ନୂଆଦିଲ୍ଲୀ,୧୯/୨ : କର୍ଣ୍ଣି ସେନାର ଜଣେ ସଦସ୍ୟ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଓ ଅନ୍ୟ ୨୫ ଜଣ ସାଂସଦଙ୍କୁ ଗୁଳି କରି ହତ୍ୟା କରିବାକୁ ଧମକ ଦେଉଥିବାର ଏକ ଭିଡିଓକୁ ନେଇ ବିବାଦ ଆରମ୍ଭ ହୋଇଛି । ଭିଡିଓରେ ଜଣେ ବ୍ୟକ୍ତି ନିଜକୁ କର୍ଣ୍ଣି ସେନାର ସଦସ୍ୟ ବୋଲି ଦାବି କରିବା ସହିତ କଂଗ୍ରେସ ସାଂସଦମାନଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବାର ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ତୀବ୍ର ସମାଲୋଚନା କରିଛି କଂଗ୍ରେସ। ଏହାକୁ ଆରଏସ୍ଏସ୍- ବିଜେପିର 'ଗଡସେ ଫ୍ୟାକ୍ଟ୍ରି' ବୋଲି କଂଗ୍ରେସ ପ୍ରବକ୍ତା ପୱନ ଖେଡ଼ା କହିଛନ୍ତି। ବିରୋଧୀ ଦଳ ଅଭିଯୋଗ କରିଛନ୍ତି ଯେ, ବିରୋଧୀଙ୍କୁ ଶତ୍ରୁ ଦର୍ଶାଇବା ସହିତ ମହାତ୍ମା ଗାନ୍ଧୀଙ୍କ ହତ୍ୟାକୁ ବୈଧ ଦର୍ଶାଇବା ପାଇଁ ଜାଣିଶୁଣି ଏପରି ଅଭିଯାନ ଚାଲିଛି। ଧମକ ଦେଇଥିବା ବ୍ୟକ୍ତିକୁ କୋଟା ପୁଲିସ ଅଟକ ରଖି ପଚରାଉଚରା କରୁଛି। ସମ୍ପୃକ୍ତ ବ୍ୟକ୍ତିର ନାମ ରାଜ ସିଂହ ବୋଲି ଜଣାପଡ଼ିଛି। ଏହି ଭିଡିଓରେ ରାଜ୍ ସିଂହ କହୁଥିବାରୁ ଶୁଣିବାକୁ ମିଳିଥିଲା ଯେ, ୨୫ ଜଣ କଂଗ୍ରେସ ସାଂସଦ ଯେପରି ଭାବେ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କୁ ଗୁଳିଗୁଲଜ କରିଥିଲେ ସେଥି ଯୋଗୁ ସେ ଉତ୍‌କ୍ଷିପ୍ତ ହୋଇଯାଇଛି। ଯଦି ଏପରି ପୁଣିଥରେ ଘଟେ ମୁଁ ସେହି ସାଂସଦଙ୍କ ଘରକୁ ଯାଇ ସେମାନଙ୍କୁ ଗୁଳି କରି ହତ୍ୟା କରିବି ବୋଲି କହିଥିଲା। ଏସବୁ ରାହୁଲ ଗାନ୍ଧୀଙ୍କ ନିର୍ଦ୍ଦେଶରେ ହେଉଥିବା ସେ କହିଥିଲା।

◆◆ପୃଷ୍ଠା ୭

# ପୁଇଁନ୍ତଲା କଂଗ୍ରେସର ପ୍ରସ୍ତୁତି ବୈଠକ

ବଲାଙ୍ଗିର, ୧୯/୨ (ନି.ପ୍ର): ପୁଇଁନ୍ତଲା ବ୍ଲକ ବୁଢେଲ ପଂଚାୟତ ବେଲବାହାଲି ଗ୍ରାମ ଅନ୍ତର୍ଗତ ଲକ୍ଷ୍ମୀନଗର ରେ ଏକ ପ୍ରସ୍ତୁତି ବୈଠକ ପୂର୍ବତନ ବ୍ଲକ ସଭାପତି ଉମାକାନ୍ତ ସାହୁଙ୍କ ସଭାପତିତ୍ୱରେ ଓ ସାନନ୍ଦ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ଆଗାମୀ ପଂଚାୟତ ନିର୍ବାଚନକୁ ଆଖି ଆଗରେ ରଖି ପୂର୍ବତନ ବ୍ଲକ ଅଧକ୍ଷ, ପୂର୍ବତନ ବ୍ଲକ ସଭାପତି, ସରପଂଚ ଓ ସମିତି ସଭ୍ୟ ତଥା ପୁଇଁନ୍ତଲା ବ୍ଲକର ଆଗ ଧାଡିର କଂଗ୍ରେସ କର୍ମୀମାନଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ବିଶିଷ୍ଟ ଆଇନଜିବୀ ଅମରେନ୍ଦ୍ର ମିଶ୍ର (ବାବୁଲୁ) ଯୋଗଦାନ କରି ଆଗାମୀ ପଂଚୟତ ନିର୍ବାଚନ ରେ ୱାର୍ଡ ସଭ୍ୟ ଠାରୁ ବ୍ଲକ ଅଧକ୍ଷ, ଜିଲ୍ଲା ପରିଷଦ ସଭ୍ୟ, ସବୁଠି କଂଗ୍ରେସ କୁ ବିଜୟଲାଭ କରାଇ ବ୍ଲକରେ କଂଗ୍ରେସ କୁ ସୁଦୃଢ କରିବା ପାଇଁ ଆହ୍ୱାନ ଦେଇଥିଲେ । ପୂର୍ବତନ ଜିଲ୍ଲା ସଭାପତି ଦିଲିପ ବେହେରା ଯୋଗଦାନ କରି କେନ୍ଦ୍ର ଓ ରାଜ୍ୟ ସରକାରର ବିଭିନ୍ନ ବିଫଳତା ତଥା ଚାଷୀ ମାରଣାନୀତି ବିରୁଦ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଉପସ୍ଥିତ କର୍ମୀମାନଙ୍କୁ ଅବଗତ କରାଇଥିଲେ । ଆଜିର ଏହି ବୈଠକରେ ଦଳୀୟ ପରିଚାଳନା ଜିଲ୍ଲା ଠାରୁ ବ୍ଲକ ପର୍ଯ୍ୟନ୍ତ ସଠିକ୍ ଭାବେ ପରିଚାଳନା ନ ହେଉଥିବା ଉପସ୍ଥିତ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ । ଯଥା ଗତ ୩ମାସ ତଳେ ସ୍ଥାନୀୟ ହୋଟେଲ ଠାରେ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ନିଯୁକ୍ତ ପିସିସି ପର୍ଯ୍ୟବେକ୍ଷକ, ପିସିସି ଉପସଭାପତି ସନ୍ତୋଷ ସିଂ ସାଲୁଜା, ଜିଲ୍ଲା କଂଗ୍ରେସ ସଭାପତି ଏବଂ ପୁଇଁନ୍ତଲା ବ୍ଲକର ସମସ୍ତ ସକ୍ରିୟ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ସର୍ବ ସମ୍ମତିକ୍ରମେ ପୁଇଁନ୍ତଲା ବ୍ଲକ କଂଗ୍ରେସ ସଭାପତି ପାଇଁ ୫ ଜଣଙ୍କ ନାମ ସୁପାରିଶ କରାଯାଇଥିଲା କିନ୍ତୁ ଦୁର୍ଭାଗ୍ୟର ବିଷୟ ପୁଇଁନ୍ତଲା ବ୍ଲକ କଂଗ୍ରେସ କମିଟିର ସହମତି କୁ ଏଡାଇ ଦେଇ ଜଣେ ଅଣ କଂଗ୍ରେସ, ଅପାରଗ ଯୁବକକୁ ପୁଇଁନ୍ତଲା ବ୍ଲକ କଂଗ୍ରେସ ସଭାପତି ଭାବେ ଘୋଷଣା କରି କଂଗ୍ରେସ ସଂଗଠନକୁ ଦୁର୍ବଳ କରିବା ପାଇଁ ଏକ କୁଚକ୍ରି ଗୋଷ୍ଠି ଷଡଯନ୍ତ୍ର କରିଛନ୍ତି ବୋଲି ଲୋଇସିଂହା ନିର୍ବାଚନ ମଣ୍ଡଳି ବିଧାୟକ ପ୍ରାର୍ଥୀ ଓମ୍ ପ୍ରକାଶ କୁମ୍ଭାର, ପୂର୍ବତନ ବ୍ଲକ ସଭାପତି ରାଜ କିଶୋର ବାବୁ, ପୂର୍ବତନ ବ୍ଲକ ଅଧକ୍ଷ ହୃଦାନନ୍ଦ ଭୋଇ, ବିଶିଷ୍ଟ ଦଳିତ ନେତା ଜ୍ୟୋତିଷ ମୁଗ୍ରୀ, ପୂର୍ବତନ ସରପଂଚ ପଂଚାନନ ସେଠ ପ୍ରମୁଖ ନିଜ ବକ୍ତବ୍ୟରେ ଉଦ୍‌ବେଗ ପ୍ରକାଶ କରିଥିଲେ । ସଭା ପ୍ରାରମ୍ଭରେ ନବ ନିଯୁକ୍ତ ବଲାଙ୍ଗିର ନଗର କଂଗ୍ରେସ ସଭାପତି ବୁଲୁ ଦାନୀ ଏବଂ ରାଜ୍ୟ କିଶାନ କଂଗ୍ରେସ ସଂଯୋଜକ ସାନନ୍ଦ ମିଶ୍ର ଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ନେତୃତ୍ୱରେ ଆଗାମୀ ପଂଚାୟତ ନିର୍ବାଚନ ଲଢେଇ କରିବା ପାଇଁ ବୈଠକରେ କର୍ମୀମାନେ ଉତ୍ସାହର ସହ ମତ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କାର୍ଯ୍ୟକାରୀ ସଭାପତି ମନୀଷ ମିଶ୍ର, ଆଗଲପୁର ବ୍ଲକ କଂଗ୍ରେସ ସଭାପତି ମନମୋହନ ପଟେଲ, ପୂର୍ବତନ ବ୍ଲକ ସଭାପତି ଲୋଇସିଂହା ଅରବିନ୍ଦ ସାହୁ, ସାନ୍ତନୁ ସିଂ, ସରପଂଚ ରବି ବସ୍ତିଆ, ମୋହିତ ମିଶ୍ର, ହିମାଂଶୁ ନନ୍ଦ, ଅନିରୁଦ୍ଧ ବଗର୍ତ୍ତି, ମନୋଜ ସାଏ, ଲଳିତ ପଟେଲ, ଶ୍ୟାମ ସୁନ୍ଦର ସାଏ, ସାରଙ୍ଗ ସାଏ, ସମୀର କୁମ୍ଭାର, ସୀତାରାମ କୁମ୍ଭାର, ତରଣିସେନ ଦୀପ, ବସୁଦେବ ନାଏକ, ଯୁବନେତା ଜିତୁ ମନହିରା, ସଂଜିବ କ୍ଷେତି, ସରୋଜ ଡାଙ୍ଗ, ଦେବରାଜ ମହାକୁର, ବିକ୍ରମ ଡାଙ୍ଗ, ଦେବହରି ବାଗ, ତିର୍ଥ ମେଲ୍ଲୀ, କ୍ଷମାନିଧି ସାହୁ, ଗରିବ ସାହୁ, ସମିତି ସଭ୍ୟ ସୁଦାମ ନନ୍ଦ, ବେଲବାହାଲି ଗଉଁନ୍ତିଆ ବେଣୁଧର ସାଏ, କଲାକାହ୍ନୁ ସାଏ, ସୁଦାମ ପଟେଲ, ପ୍ରିୟବନ୍ଧୁ ସାଏ, ଅଚ୍ୟୁତ ବେହେରା, ବିଶେଶ୍ୱର ଚନ୍ଦନ, ବୁଲୁ ମନହିରା, ଭରତ ମନହିରା, ରିଙ୍କୁ ବାଗ, ରାଜିନ ମହାକୁର, ଯୁଗେଶ୍ୱର ପାଣ୍ଡେ, ରାମ କାଲସାଏ, ମକାରୁ ସେଠ, ବାବୁଲାଲ ଷାଣ୍ଡେ, ସୁନିଲ ମିଶ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ ।

# ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦ୍‌ଘାଟିତ

ଜୟପୁର , ୧୯/୨ (ନି.ପ୍ର): କୋରାପୁଟ ହାଇସ୍କୁଲ ପଡ଼ିଆ ଠାରେ ଆୟୋଜିତ ଦୁଇ ଦିନିଆ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭାପତି ସସ୍ମିତା ମେଲେକାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ମେଳାରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାକୁ ନେଇ ଷ୍ଟଲ ଗୁଡ଼ିକରେ ପ୍ରଦର୍ଶିତ କରାଯାଇଥିଲା। କୋରାପୁଟ ସାଂସଦଙ୍କ ପ୍ରତିନିଧି ମନୋଜ କୁମାର ଆଚାର୍ଯ୍ୟ ଏବଂ ନବରଙ୍ଗପୁର ସାଂସଦଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ରହିଥିବା ବିଭିନ୍ନ ଯୋଜନା ସଂପର୍କରେ ଚାଷୀ ମାନଙ୍କୁ ଅବଗତ କରିବା ପାଇଁ ବ୍ଲକ ଏବଂ ଜିଲ୍ଲାସ୍ତରରେ ମେଳା ଆୟୋଜନ କରାଯାଉଛି। ଏହି ମେଳାରେ ଚାଷୀ ମାନେ ଯୋଜନା ଏବଂ ସବସିଡି ସଂପର୍କରେ ସୂଚନା ପାଇବେ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ କହିଛନ୍ତି। ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନାରେ କୋରାପୁଟ ଜିଲ୍ଲାରେ ୩୭୫ ଜଣ ଚାଷୀ ପକ୍ଷଭୁକ୍ତ ହୋଇଥିବା ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡାକ୍ତର ଲକ୍ଷ୍ମୀଧର ବେହେରା କହିଛନ୍ତି। ଏଥି ମଧ୍ୟରୁ ୧୬୧ ଜଣ ଚାଷୀ ଦୁଇଟି ଲେଖାଁଏ ଗାଈ ପାଇ ସାରିଛନ୍ତି। କୋରାପୁଟ ଜିଲ୍ଲାକୁ ବର୍ତ୍ତମାନ ୩୨୦ ଟି ଗାଈ ଆସି ଯାଇଥିବା ସେ କହିଛନ୍ତି।ପଡୋଶୀ ରାଜ୍ୟରୁ ମାଛ ଆମଦାନୀ କମ କରିବା ଏବଂ ନିଜସ୍ୱ ମାଛ ଉତ୍ପାଦନ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରିଛନ୍ତି। ଆଗମୀ ଭବିଷ୍ୟତରେ ଏହାର ସୁଫଳ ମିଳିବ ବୋଲି ଜିଲ୍ଲା ମତ୍ସ୍ୟ ଅଧିକାରୀ ସାଗର କୁମାର ରାମ କହିଛନ୍ତି।ନୂତନ ପୋଖରୀ ନିର୍ମାଣ କରି ମାଛ ଚାଷ କରିବା ସହ ପୁରୁଣା ପୋଖରୀରେ ବୈଜ୍ଞାନିକ ପ୍ରଣାଳୀରେ ମାଛ ଚାଷ କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଛି। କୋରାପୁଟ ଜିଲ୍ଲାରେ ୩୦୦ ହେକ୍ଟରରେ ନୂଆ ପୋଖରୀ ଏବଂ ୩୦ ହେକ୍ଟର ପୁରୁଣା ପୋଖରୀରେ ମାଛ ଚାଷ କରିବା ପାଇଁ ଚାଷୀ ମାନଙ୍କୁ ପ୍ରୋତ୍ସାହନ ଦିଆଯାଉଛି। ଏହି ଅବସରରେ ମତ୍ସ୍ୟ ଏବଂ ପ୍ରାଣୀ ସମ୍ପଦର ଚାଷୀ ମାନଙ୍କୁ ଚେକ ପ୍ରଦାନ କରାଯାଇଥିଲା। ପି ସନ୍ତୋଷୀ ଆଚାରୀ ଓ ସୁଜାତା ଆଚାରୀ ଯୋଗଦେଇ ମଂଚ ପରିଚାଳନା କରିଥିଲେ। କୋରାପୁଟ, କୋଟପାଡ, ବୋରିଗୁମ୍ମା, କୁନ୍ଦ୍ରା, ବୈପାରିଗୁଡା, ଲକ୍ଷ୍ମୀପୁର ଏବଂ ପଟ୍ଟାଙ୍ଗୀ ବ୍ଲକର ଚାଷୀ ମାନେ ଉପସ୍ଥିତ ଥିଲେ।ଅନ୍ୟମାନଙ୍କ ମଧ୍ୟରେ ଏଡିଭିଓ ଡାକ୍ତର ପ୍ରକାଶ ମହାନ୍ତି ଓ ଡାକ୍ତର ପରୀକ୍ଷିତ କୁଣ୍ଡୁ, କୋରାପୁଟ ଏସଡିଭିଓ ଡାକ୍ତର ସୁଦର୍ଶନ ସାହୁ, ଜୟପୁର ଏସଡିଭିଓ ଡାକ୍ତର ବିଶ୍ୱଜିତ ରାୟ, ଉପ ନିର୍ଦ୍ଦେଶକ ଡାକ୍ତର ଅକ୍ଷୟ କୁମାର ଜେନା ଯୋଗଦେଇ ପରିଚାଳନା କରିଥିଲେ।

# ଚମ୍ପୁଆରେ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର

ଚମ୍ପୁଆ, ୧୯/୨ (ନି.ପ୍ର): ଆଜି ଚମ୍ପୁଆ ସ୍ଥିତ ଧରଣି ଧର ନଗର ଭବନରେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରିୟାଙ୍କ ସଭାପତିତ୍ୱରେ ବନାଞ୍ଚଳସ୍ତରୀୟ ଜଙ୍ଗଲ ନିଆଁ ନିବାରଣ ସଚେତନତା ଶିବିର ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡା, ସମ୍ମାନିତ ଅତିଥିଭାବେ ଡି.ସି. ଭେ. ରାମଚନ୍ଦ୍ରମୁର୍ମୁ, କେନ୍ଦୁଝର ବନ ଖଣ୍ଡ ଏ.ସି. ଭେ. ଅଶୋକ କୁମାର ଦାସ, ଚମ୍ପୁଆ ଥାନା ଅଧିକାରୀ ସୁରୁପ କୁମାର ନାଏକ, ରଜିଆ ଗ୍ରାମପଞ୍ଚାୟତ ସରପଞ୍ଚ ସନ୍ତୋଷ ନାୟକ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ରଙ୍ଗାମାଟିଆ ସରପଞ୍ଚ ମାଧୁରୀ ନାଏକ ଓ ମୁଖ୍ୟବକ୍ତା ଭାବେ ଅଗ୍ନି ନିର୍ବାପକ ଅଧିକାରୀ ଗୌରାଙ୍ଗ ସିଂ ଯୋଗଦାନ କରିଥିଲେ । କାର୍ଯ୍ୟକ୍ରମ ପାରମ୍ଭରେ କେନ୍ଦୁଝର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ତାରିଣୀଙ୍କ ପୂଜାର୍ଚ୍ଚନ କରାଯାଇଥିଲ। ଏହାପରେ ଅତିଥିମାନଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ସଭାପତି ଭାବେ ପ୍ରଥମେ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଅକ୍ଷୟ ଛତ୍ରୀୟା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇଥିଲେ । ମୁଖ୍ୟଅତିଥି ଉପଜିଲ୍ଲାପାଳ ଉମାକାନ୍ତ ପରିଡା ତାଙ୍କ ବକ୍ତବ୍ୟରେ ସଚେତନ ହୋଇ କିପରି ଜଙ୍ଗଲରେ ଆଦୌ ନିଆଁ ନ ଲାଗିବ ଓ ନିଆଁ ଲାଗୁ ନ ଥିବା ଗାଁର ଜନସାଧାରଣଙ୍କୁ ଧନ୍ୟବାଦ ସହିତ ପୁରସ୍କୃତ କରିବାକୁ ମତ ରଖିଥିଲେ। ଠିକ ସେହିପରି ସମସ୍ତ ସମ୍ମାନିତ ଅତିଥି ପ୍ରାକୃତିକ କିମ୍ବା କାହାରି ଦ୍ୱାରା ନିଆଁ ନ ଲାଗିବ ସେଥିପ୍ରତି ସମସ୍ତେ ସଚେତନ ହେବାକୁ ଆହ୍ୱାନ ଦେଇଥିଲେ ଓ ଜଙ୍ଗଲର ଉପକାରିତା ତଥା କିପରି ଜଙ୍ଗଲ ବିଭାଗ, ଅଗ୍ନି ନିର୍ବାପକ ବିଭାଗ ଓ ଜନସାଧାରଣ ସଚେତନ ହୋଇ ଜଙ୍ଗଲରେ ନିଆଁ ନ ଲାଗିବ କିମ୍ବା ରୋକାଯାଇ ପାରିବ ସେଥିପ୍ରତି ସମନ୍ୱୟ ରଖିଲେ ଜଙ୍ଗଲ ନଷ୍ଟ ନ ହେବା ସହିତ ଜଙ୍ଗଲଜନ୍ତୁ ସୁରକ୍ଷିତ ହୋଇ ପାରିବେ, ଔଷଧିୟ ବୃକ୍ଷ ସୁରକ୍ଷିତ ହୋଇ ପାରିବ ଓ ପରିବେଶ ଠିକ ରହି ପାରିବ ସେ ସମ୍ପର୍କରେ ବାର୍ତ୍ତା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉଦୟନାଥ ହୋ ମଞ୍ଚ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ବନରକ୍ଷୀ, ବନ କର୍ମଚାରୀ, ପ୍ରତ୍ୟେକ ଗାଁର ଜଙ୍ଗଲ କମିଟି ସଦସ୍ୟ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।

## ଏସିଡ୍ ପୀଡ଼ିତଙ୍କୁ ମଧ୍ୟବର୍ତ୍ତୀକାଳୀନ ଅନୁକମ୍ପା ରାଶି ପ୍ରଦାନ

ନୂଆପଡ଼ା, ୧୯/୨ (ନି.ପ୍ର): ନୂଆପଡ଼ାଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ପାଞ୍ଚଜଣ ଏସିଡ୍ ମାଡ ପୀଡ଼ିତଙ୍କୁ ମଧ୍ୟବର୍ତ୍ତୀକାଳୀନ ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ପ୍ରକାଶ ଥାଉକି ଜିଲ୍ଲା ଓ ଦୌରା ଜଜଙ୍କ ଅଦାଲତରେ ଖଡ଼ିଆଳ ଥାନା ଅନ୍ତର୍ଗତ ଏକ ଏସିଡ୍ ମାଡ ମକଦ୍ଦମା ବିଚାରାଧିନ ଅଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ଏହି ମକଦ୍ଦମାରେ ଓଡ଼ିଶା ପୀଡ଼ିତ ଅନୁକମ୍ପା ଯୋଜନା, ୨୦୧୭ ଅନ୍ତର୍ଗତ ପ୍ରତ୍ୟେକ ପୀଡ଼ିତଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କା ହିସାବରେ ସର୍ବମୋଟ ୭ ଲକ୍ଷ ୫୦ ହଜାର ଟଙ୍କା ପ୍ରଦାନ କରିଛନ୍ତି। ଏହି ଅନୁକମ୍ପା ରାଶିର ସଦୁପଯୋଗ କରି ନିଜ ଚିକିତ୍ସା ଓ ଜୀବିକା ନିର୍ବାହରେ ବ୍ୟୟ କରିବାକୁ ପ୍ରାଧିକରଣର ସଚିବ ନବନୀତା ଦାଶ ପୀଡ଼ିତମାନଙ୍କୁ ଉପଦେଶ ଦେଇଛନ୍ତି।

# ବରଗଛରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

କୋରେଇ, ୧୯/୨ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ପଂଚାୟତର ମୁଳରୀ ମୌଜାରେ ଥିବା ଆର୍ଶିବାଦ ରାଇସ ମିଲ ପଛ ପଟରେ ଆଜି ସକାଳୁ ଏକ ଯୁବକ ବରଗଛରେ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲା । ଏନେଇ ପୁଲିସ ସୂଚନା ପାଇବା ପରେ ଘଟଣାସ୍ଥଳେ ପହଂଚିଥିଲା । ଉକ୍ତ ଯୁବକ ଜଣଙ୍କ କୋରେଇ ଥାନା ଅନ୍ତର୍ଗତ ଧନପୁର ଗ୍ରାମର ନଟବର ବାରିକଙ୍କ ପୁଅ ଶ୍ରୀଡ଼ଧର ବାରିକ (୪୭)ବୋଲି ଜଣାପଡିଥିଲା । ଶ୍ରୀଧର ରାଇସ ମିଲର ଶ୍ରମିକ ସର୍ଦ୍ଦାର ଭାବେ କାର୍ଯ୍ୟରତ ଥିଲା । ଖବର ପାଇ ଶହ ଶହ ସଂଖ୍ୟାରେ ଲୋକ ସେଠାରେ ରୁଣ୍ଡ ହୋଇଥିଲେ । ଯାଜପୁରରୋଡ ଏସଡିପିଓ ଶରତ ଚନ୍ଦ୍ର ପାତ୍ର, କୋରେଇ ଥାନାଧିକାରୀ ରାକେଶ କୁମାର ତ୍ରିପାଠୀ, ସଦଳବଳେ ସେଠାରେ ପହଂଚିଥିଲେ । ଘଟଣାସ୍ଥଳେ ସାଇନଟିଫିକ ଟିମ ପହଂଚି ତଦନ୍ତ ଆରମ୍ଭ କରିଥିଲା । ଅନ୍ୟପଟେ ଶ୍ରୀଧରର ମୃତ ଖବର ପ୍ରଚାରିତ ହେବା ପରେ ଗ୍ରାମରେ ଉତେଜନା ଦେଖାଦେଇଥିଲା । ତାକୁ ମାରି ଟାଂଗି ଦେଇଥିବା ଗୁଜବ ପ୍ରଚାରିତ ହୋଇଥିଲା । ଯାହା ଫଳରେ ଗ୍ରାମବାସୀ ମାନେ ଉତ୍ୟକ୍ତ ହୋଇ ରାଇସମିଲ ଆଗରେ ଧାରଣା ଦେଇଥିଲେ । ସାଇନଟିଫିକ ଟିମ ତଦନ୍ତ କରିବା ପରେ ମୃତ ଶ୍ରୀଧରର ସ୍ତ୍ରୀ ମାଳତି ବାରିକ ତାଙ୍କ ସ୍ୱାମୀ ଆତ୍ମହତ୍ୟା କରିବା ନେଇ ଲିଖିତ ଅଭିଯୋଗ କରିଥିଲେ । ଏନେଇ ପାଣିକୋଇଲି ଥାନାରେ ଏକ ଅପମୃତ୍ୟୁ ମାମଲା ୩/୨୬ ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ପାଇଁ ଦାନଗଦି ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଯାଇଥିଲା । ପରେ ମିଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ ମୃତ ଶ୍ରୀଧରଙ୍କ ପାର୍ଇ ସହୟତା ରାଶି ଘୋଷଣା କରାଯାଇଥିଲା । ଯାହା ଫଳରେ ଉତେଜନା ହ୍ରାସ ପାଇବା ସହ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା । ବ୍ୟବଚ୍ଛେଦ ପରେ ମୃତ ଶରୀରକୁ ଗ୍ରାମକୁ ଆଣି ଏକ ଶୋକାକୂଳ ପରିବେଶରେ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

# ଏନଏସଡିର ୨୫ତମ ଭାରତ ରଙ୍ଗ ମହୋତ୍ସବ

ନୂଆଦିଲ୍ଲୀ, ୧୯/୨ : ଜାତୀୟ ନାଟ୍ୟ ବିଦ୍ୟାଳୟ (ନ୍ୟାସନାଲ ସ୍କୁଲ ଅଫ୍ ଡ୍ରାମା) ଦ୍ୱାରା ଆୟୋଜିତ ବିଶ୍ୱର ସର୍ବବୃହତ ଅନ୍ତର୍ଜାତୀୟ ନାଟ୍ୟ ମହୋତ୍ସବ, ୨୫ତମ ଭାରତ ରଙ୍ଗ ମହୋତ୍ସବ (ବିଆରଏମ୍) ଶେଷ ହୋଇଛି। ଇତି ମଧ୍ୟରେ ଏହା ଭାରତ ଏବଂ ବିଶ୍ୱର ବିଭିନ୍ନ ନାଟ୍ୟ ପ୍ରଦର୍ଶନ ସହିତ ଦର୍ଶକଙ୍କୁ ଆକର୍ଷିତ କରିଚାଲିଛି। ଆଜି ସୁଦ୍ଧା ଏହି ମହୋତ୍ସବ ଅଧିନରେ ୧୯ଟି ସ୍ଥାନରେ ୧୩୦ରୁ ଅଧିକ ଜାତୀୟ ଏବଂ ଅନ୍ତର୍ଜାତୀୟ ପ୍ରଦର୍ଶନ ତଥା ଲଘୁନାଟକ ଏବଂ ଏକକ ନାଟକ ଆଦି ପ୍ରଦର୍ଶିତ ହୋଇସାରିଛି। ଦିଲ୍ଲୀ-ଏନସିଆରରେ ଥିବା କଲେଜର ବିଭିନ୍ନ ଛାତ୍ର ଗୋଷ୍ଠୀ ଦ୍ୱାରା ପ୍ରଦର୍ଶିତ ୩୧ଟି ଲଘୁନାଟକ, ୫ଟି ଏକକ ନାଟକ ଏବଂ ୯ଟି ପଥପ୍ରାନ୍ତ ନାଟକ ସମେତ ଏହି ପ୍ରଦର୍ଶନଗୁଡ଼ିକ ମହୋତ୍ସବରେ ଗଭୀରତା, ସୃଜନଶୀଳତା ଏବଂ ଯୁବଶକ୍ତି ସଂଯୋଗ କରିଛି। ଏସବୁ ନାଟକ ବ୍ୟତୀତ, ମହୋତ୍ସବରେ ବ୍ୟାଣ୍ଡ ପ୍ରଦର୍ଶନ, ଟକ୍ ଶୋ, ସାହିତ୍ୟିକ ଆଲୋଚନା, ଚଳଚ୍ଚିତ୍ର ପ୍ରଦର୍ଶନ ଏବଂ ଶିଶୁ ନାଟ୍ୟ କର୍ମଶାଳା ସମେତ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ପରିବେଷଣ ହୋଇଛି। ମହୋତ୍ସବ ଭାରତ ଓ ବିଶ୍ୱର ବିଭିନ୍ନ ଅଞ୍ଚଳର କାହାଣୀଗୁଡ଼ିକୁ ଗୋଟିଏ ମଂଚରେ ଏକତ୍ରିତ କରିଥିଲା । ଏଥିରେ ଥିଲା ମନମୋହକ ଉର୍ଦ୍ଦୁ ଏବଂ ହିନ୍ଦୀ କାହାଣୀଠାରୁ ଆରମ୍ଭ କରି କାଶ୍ମୀରୀ ଲୋକ ନାଟକ ପର୍ଯ୍ୟନ୍ତ। ପୁଣି ପୋଲାଣ୍ଡ ଏବଂ ରୁଷ ପରି ଆନ୍ତର୍ଜାତୀୟ ପ୍ରସ୍ତୁତି ମଧ୍ୟ ଏଥିରେ ସାମିଲ ଥିଲା । ଏହାଛଡ଼ା ଏକ ଆକର୍ଷଣୀୟ ପଥପ୍ରାନ୍ତ ନାଟକ ଓ ଗୌତମ କିଶନଚନ୍ଦାନୀ ଟିଜ୍ ଯୋସେଫ୍ ଟକ୍ ଶୋ ମଧ୍ୟ ପ୍ରଦର୍ଶିତ ହୋଇଥିଲା, ଯାହା ଦର୍ଶକଙ୍କ ମଧ୍ୟରେ ବେଶ ଆଦୃତ ହୋଇଥିଲା। ଦିନର ପ୍ରଥମ ପୂର୍ଣ୍ଣାଙ୍ଗ ନାଟକ ଥିଲା 'ବଦ୍ଧୁତ', ଯାହା ବିଲକିସ୍ ଜାଫରୁଲ୍ ହାସନଙ୍କ ଦ୍ୱାରା ଲିଖିତ ଏବଂ ଜାଭେଦ୍ ସମୀରଙ୍କ ଦ୍ୱାରା ନିର୍ଦ୍ଦେଶିତ ହୋଇଥିଲା। ଏହାକୁ ଦିଲ୍ଲୀର କ୍ରିଏଟିଭ୍ ଆଡ୍ଡା ଦ୍ୱାରା ପ୍ରଦର୍ଶନ କରାଯାଇଥିଲା। ଏହା ପରେ ସୂର୍ଯ୍ୟ ମୋହନ କୁଲଶ୍ରେଷ୍ଠଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ଏବଂ ଉତ୍ତର ପ୍ରଦେଶର ଦର୍ପଣ ଲକ୍ଷ୍ମୌ ଗୋଷ୍ଠୀ ଦ୍ୱାରା ପ୍ରଦର୍ଶିତ 'ଡ୍ୟାଡି' ନାଟକ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଏହା ପରେ କଶ୍ମୀରର ପାରମ୍ପରିକ ଲୋକନାଟ୍ୟ 'ଭାଣ୍ଡ ପାଥର ନାଟକ 'ଅକା ନନ୍ଦନ (ନୟନ ପିତୁଲା)' ପ୍ରଦର୍ଶନ ହୋଇଥିଲା। ଅରଶଦ ମୁସ୍ତାକଙ୍କ ନିର୍ଦ୍ଦେଶିତ ଏହି ନାଟକକୁ ଶ୍ରୀନଗରର ପଥର ବାରାୟେ' କାଶିରଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା।

ଅନ୍ତର୍ଜାତୀୟ ବର୍ଗରେ ଥିଏଟର ମାଲାବାର ହୋଟେଲର ଲିକାଜ୍ ଚୋଟକୋସ୍କିଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ପୋଲିଶ୍-ଇଂରାଜୀ ନାଟକ 'ଉମାଦେବୀ ଅବଜରଭର୍ସ ୱାଣ୍ଡା ଡାଇନୋୱ୍‌ସ୍କା' ପ୍ରଦର୍ଶିତ ହୋଇଥିଲା। ଏହା ପରେ ରୁଷୀୟ ନାଟ୍ୟ ପ୍ରତିଷ୍ଠାନ ଜିଟିସ୍ ପକ୍ଷରୁ ଆଲେକ୍ସି ବ୍ଲୋଖିନଙ୍କ ଦ୍ୱାରା ନିର୍ଦ୍ଦେଶିତ ଏକ ରୁଷୀୟ ପ୍ରଯୋଜନା 'ଏ ଭେରି ସିମ୍ପଲ୍ ଷ୍ଟୋରୀ' ପ୍ରଦର୍ଶିତ ହୋଇଥିଲା। ଉଭୟ ନାଟକ ବିଶ୍ୱସ୍ତରୀୟ କଳାତ୍ମକ ଆଦାନପ୍ରଦାନ ଏବଂ ପାରସ୍ପରିକ ସାଂସ୍କୃତିକ ଆଲୋଚନା ପ୍ରତି ମହୋତ୍ସବର ପ୍ରତିବଦ୍ଧତାକୁ ପ୍ରଦର୍ଶନ କରିଥିଲା।

ଏନଏସଡି ଛାତ୍ର ସଂଘର ପ୍ରୟାସ, 'ଅଦ୍ୱିତ୍ୟ'ର ଅଂଶ ଭାବରେ ପଥପ୍ରାନ୍ତ ନାଟକମାନ ପ୍ରଦର୍ଶନ କରାଯାଇଥିଲା। ଏହି ବର୍ଗରେ ବିଭିନ୍ନ ସଂବେଦନଶୀଳ କାହାଣୀ ପରିବେଷଣ କରାଯାଇଥିଲା। ବିବେକାନନ୍ଦ ଇନଷ୍ଟିଚ୍ୟୁଟ୍ ଅଫ୍ ପ୍ରଫେସନାଲ୍ ଷ୍ଟଡିଜ୍ ର ବିଭାରଣ ଗ୍ରୁପ୍ 'କୁଛ୍ ଅନସୁନେ' ନାମକ ନାଟକ ପରିବେଷଣ କରିଥିଲା

# ଧର୍ମଶାଳା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳର ସାଙ୍ଗଠନିକ ବୈଠକ

ଧର୍ମଶାଳା, ୧୯/୨ (ନି.ପ୍ର): ସରକାର ପରିବର୍ତନ ପରେ ବିଜୁ ଜନତା ଦଳ ଦୃବଳ ହେବାରେ ଲାଗିଛି । ଗୋଟିଏ ପରେ ଗୋଟିଏ ନେତା ଓ କର୍ମୀ ଦଳ ପରିତ୍ୟାଗ କରୁଛନ୍ତି । ତେବେ ସରକାର ଯିବାର ପାଖାପାଖି ୨ ବର୍ଷ ହେବ ବିଜେଡି ପକ୍ଷରୁ ସେପରି କିଛି ବଡ କାର୍ଯ୍ୟକ୍ରମ କରି ପାରି ନାହିଁ । ଏବେ ବରିଷ୍ଠ ନେତା ଓ ତଳ ସ୍ତରର କର୍ମୀମାନଙ୍କୁ ନେଇ ସଂଗଠିତ ହୋଇ ରହିବାକୁ ପରାମର୍ଶ ଦିଆଯାଉଛି । ଏହି କ୍ରମରେ ବୁଧବାର ଦିନ ଯାଜପୁର ଜିଲା ଧର୍ମଶାଳା ନିର୍ବାଚନ ମଣ୍ଡଳୀ ରସୁଲପୁର ବ୍ଲକ ଅଧିନରେ ଥିବା ୯ଗୋଟି ପଂଚାୟତକୁ ନେଇ କୁଆଖିଆଠାରେ ବିଜୁ ଜନତା ଦଳର ପ୍ରମୁଖ କର୍ମକର୍ତା,ବରିଷ୍ଠ ନେତା, ଛାତ୍ର ଓ ମହିଳା ନେତୃବଅନ୍ଦଙ୍କ ସହିତ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଧର୍ମଶଳାର ପୂର୍ବତନ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ବରିଷ୍ଠ ନେତା ନରେଶ ଚନ୍ଦ୍ର ମହାନ୍ତିଙ୍କ ସମେତ ପୂର୍ବତନ ସରପଂଚ, ସମିତିସଭ୍ୟ ଓ ଯୁବ ଓ ମହିଳା କର୍ମୀ ଉପସ୍ଥିତ ରହି ସଂଗଠନିକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ନିକଟରେ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ ଅରାଜକତା ବୃଦ୍ଧି ପାଇଛି । ସେପଟେ ମିଥ୍ୟା ପ୍ରତିଶ୍ରୁତି ଦେଇ ବିଜେପି ସରକାରକୁ ଆସିଛି । ଏହି ମିଥ୍ୟା ପ୍ରତିଶ୍ରୁତି ଦେଇ ଥିବା ଘଟଣାକୁ ଘରେ ଘରେ ପଂଚାଇବା ପାଇଁ ଦଳ ତାର ରଣନୀତି ପ୍ରସ୍ତୁତ କରିଛି ।

# ସରିଆସୁଛି ଟୋକନ ଅବଧି: ମିଲର ନିୟମିତ ଉଠାଉ ନାହାଁନ୍ତି ଧାନ

ଭଦ୍ରକ, ୧୯/୨ (ନି.ପ୍ର): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକର ସରକାରୀ ମଣ୍ଡିମାନଙ୍କରେ ଲକ୍ଷାଧିକ କୁଇଂଟାଲ ଧାନ ଜମା ହୋଇଛି ।ମିଲର ମାନେ ମଣ୍ଡିରୁ ନିୟମିତ ଧାନ ଉଠାଉ ନାହାଁନ୍ତି ।ଯେଉଁଥି ପାଇଁ ମଣ୍ଡିରେ ଲକ୍ଷାଧିକ ବସ୍ତା ପଡିରହି ସମସ୍ୟା ସୃଷ୍ଟି କରୁଛି ।ମିଲରମାନେ ମଣ୍ଡିରୁ ନିୟମିତ ଧାନ ଉଠାଉ ନଥିବାରୁ ପରିସ୍ଥିତି ଅଣାୟତ ହୋଇପଡୁଛି। ଫଳରେ ସମବାୟ ସମିତି ସମ୍ପାଦକ ଆକ୍ରୋଶର ଶିକାର ହେଉଛନ୍ତି। ଚାଷୀଙ୍କ ଟୋକନ ଅବଧି ସରିଯାଉଥିବାରୁ ସେମାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହାଫଳରେ ସେମାନେ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି। ତେବେ ଅଦ୍ୟାବଧି ବ୍ଲକରୁ ଧାର୍ଯ୍ୟ ଲକ୍ଷର ବହୁ କମ ମାତ୍ର ୩୦ପ୍ରତିଶତ ଧାନ କିଣା ହୋଇନଥିବାରୁ ଲକ୍ଷ୍ୟ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଗତ ମାସ ୫ତାରିଖ ଠାରୁ ବ୍ଲକର ବିଭିନ୍ନ ସମିତି ଏବଂ ସ୍ୱୟଂ ସହାୟକ ଗୋଷ୍ଠି (ଏସଏଚଜି)ରେ ମଣ୍ଡି ଖୋଲିଥିଲା । ଚଳିତ ଖରିଫ ଋତୁରେ ବ୍ଲକରେ ୧୪ ଟି ସମିତି ଏବଂ ୬ଟି ଏସଏଚଜି ମାଧ୍ୟମରେ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଉଛି । ବ୍ଲକରୁ ୧ଲକ୍ଷ ୯୪ହଜାର ୫୮୧କୁଇଂଟାଲ ଧାନ ସଂଗ୍ରହ କରାଯିବାକୁ ଲକ୍ଷ୍ୟଧାର୍ଯ୍ୟ ହୋଇଥିବା ଜଣାଯାଇଛି କ୍ଷ ଧାନ ସଂଗ୍ରହ ପାଇଁ ପ୍ରତ୍ୟେକ ମଣ୍ଡି ସହ ୨ରୁ ଅଧିକ ରାଇସମିଲକୁ ଟ୍ୟାଗ କରାଯାଇଛି । ତେବେ ମଣ୍ଡିରେ ଧାନ ସଂଗ୍ରହ ଆରମ୍ଭ ହେବା ପରଠୁଁ ମିଲରମାନେ ସହଯୋଗ କରୁନଥିବା ମଣ୍ଡି ସମ୍ପାଦକ ଅଭିଯୋଗ କରିଛନ୍ତି । ବ୍ଲକ ଅଧୀନ ବିଭିନ୍ନ ମଣ୍ଡିରୁ ମିଲରମାନେ ମନ୍ଥର ଗତିରେ ଧାନ ଉଠାଉଛନ୍ତି ।ଫଳରେ ମଣ୍ଡିରେ ଲକ୍ଷାଧିକ କୁଇଂଟାଲ ଧାନ ଗଦା ହୋଇଥିବା ଜଣାଯାଇଛି । ପ୍ରତ୍ୟେକ ମଣ୍ଡି ସାମ୍ନାରେ ୫ ହଜାରରୁ ଉର୍ଦ୍ଧ୍ୱ ଧାନ ବସ୍ତା ଖରା, କାକରରେ ପଡ଼ି ରହିଛି । ଅଧିକାଂଶ ସମିତିରେ ଗୋଦାମ ଗୃହ ନଥିବାରୁ ପଦାରେ ଧାନ ପଡି ନଷ୍ଟ ହେଉଥିବା ଜଣାପଡିଛି । ଯେଉଁସବୁ ସମିତିରେ ଗୋଦାମ ଗୃହ ଅଛି ତାହା ମଧ୍ୟ ଧାନରେ ପରିପୂର୍ଣ୍ଣ ହୋଇଯିବାରୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ପାଇଁ ସମିତି ମଧ୍ୟ ଅନିଚ୍ଛା ପ୍ରକାଶ କରୁଥିବା ଜଣାଯାଇଛି । ଚାଷୀମାନଙ୍କ ଆଖି ସ୍ଥାନ କରି ସମିତି କର୍ତ୍ତୃପକ୍ଷ କେବଳ ଧାନ ସଂଗ୍ରହ କରି ନେଉଛନ୍ତି ।ଚାଷୀଙ୍କୁ କେବେ ପ୍ରାପ୍ୟ ମିଳିବ ତାହାର କୌଣସି ସଠିକତା ନରହିବାରୁ ଚାଷୀମାନେ ଆଶଙ୍କାରେ ରହୁଛନ୍ତି ।ସମିତି କର୍ତ୍ତୃପକ୍ଷ ମିଲରଙ୍କୁ ଫୋନ କରିକରି ନୟାନ୍ତ ହେଉଥିଲେ ମଧ୍ୟ ସେମାନେ ଧାନ ଉଠାଇବାର ନାଁ ଧରୁ ନାହାଁନ୍ତି ବୋଲି କେତେକ ସମିତି ସମ୍ପାଦକ ପ୍ରକାଶ କରିଛନ୍ତି । କେତେକ ଚାଷୀଙ୍କ ଟୋକାନ ଅବଧି ଇତିମଧ୍ୟର ଶେଷ ହେବାକୁ ଥିବାରୁ ସେମାନେ ମଣ୍ଡିକୁ ଧାନ ଦେଇପାରିବେ କି ନାହିଁ ସେନେଇ କୌଣସି ନିଶ୍ଚିତତା ନଥିବାରୁ ଏହା ସେହି ଚାଷୀମାନଙ୍କ ପାଇଁ ଦୁଶ୍ଚିନ୍ତାର କାରଣ ପାଲଟିଛି । ଚଳିତ ବର୍ଷ ଧାନ ଅମଳ ଭଲ ହୋଇଥିବା ବେଳେ ଚାଷୀମାନେ ଉଚିତ ପ୍ରାପ୍ୟ ପାଇବା ନେଇ ଆଶାବାଦୀ ଥିଲେ । ମାତ୍ର ଏହା ସମ୍ଭବ ହେଉ ନଥିବାରୁ ସେମାନଙ୍କ ଭିତରେ ହତାସ ଭାବ ଦେଖାଦେଇଛି । ଏପରିସ୍ଥଳେ ମିଲରମାନେ ମଣ୍ଡିରୁ ଧାନ ଉଠାଇବା ଦିଗରେ ସରକାର ଓ ପ୍ରଶାସନ ପଦକ୍ଷେପ ନେବାକୁ ସେମାନେ ଦାବି ଜଣାଇଛନ୍ତି । ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ମନମୋହନ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଯେ,ମଣ୍ଡିରୁ ଧାନ ଉଠୁଛି। ଆହୁରି ପଡିଥିବା ଧାନ ଉଠାଯିବା ଦିଗରେ ପଦକ୍ଷେପ ନିଆଯାଉଛି।

# ଜଙ୍ଗଲ ନିଆଁ ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ

ଭୁବନ, ୧୯/୨ (ନି.ପ୍ର):ଢେଙ୍କାନାଳ ଜିଲ୍ଲା ଭୁବନ ବନାଂଚଳ କାର୍ଯ୍ୟାଳୟ ପରିସରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ଜଙ୍ଗଲ ନିଆଁ ପ୍ରତିରୋଧ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନ ବନାଂଚଳ ଅଧିକାରୀ ରାକେଶ ଦଳେଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ବିଶ୍ୱାଳ, ବିଦ୍ୟୁତ ବିଭାଗ ଆସିଷ୍ଟାଂଟ ମ୍ୟାନେଜର ନଳିନୀ ଶଙ୍କର ରଥ,ଭୁବନ ବନପାଳ ଶ୍ରୀମତୀ କଳ୍ପନା ବେହେରା, ଜିରାଳ ବନପାଳ କବିତା ବିଶ୍ୱାଳ,ଫରେଷ୍ଟ ଗାର୍ଡ ତୁଳସୀ ସାହୁ ଅତିଥି ଭାବେ ଯୋଗଦେଇ ଆଗାମୀ ଗ୍ରୀଷ୍ମ ଋତୁକୁ ଦୃଷ୍ଟିରେ ରଖି କିପରି ଜଙ୍ଗଲ ଅବକ୍ଷୟ, ଚୋରି ଓ ନିଆଁ ଲାଗି ନଷ୍ଟ ହେଉଥିବା ଜଙ୍ଗଲର ସୁରକ୍ଷା ହୋଇ ପାରିବ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ବିଶେଷ କରି ଅଗ୍ନି ଦାଉରୁ କିପରି ଜଙ୍ଗଲକୁ ରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା । 'ଜଙ୍ଗଲ ଆମ ସମ୍ପତି,ଭବିଷ୍ୟତ ପାଇଁ ଲୋଡା ନିହାତି ଜଙ୍ଗଲ ସମ୍ପଦ ପୋଡିବା ନାହିଁ, ବନଜାତ ଜାତ ଦ୍ରବ୍ୟ ମିଳିବ ନାହିଁ ' ବୋଲି ସଚେତନ କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ବନବିଭାଗର ସମସ୍ତ କର୍ମଚାରୀଙ୍କ ସହିତ ସମେତ ବନ ସୁରକ୍ଷା ସମିତି ( ବିଏସଏସ) ର ସଭାପତି ଏବଂ ସମ୍ପାଦକ ମାନେ ଯୋଗଦେଇଥିଲେ ।

# ଏମ୍ସରେ ଭାରତ-ଫ୍ରାନ୍ସ ଏଆଇ ସ୍ୱାସ୍ଥ୍ୟସେବା କେନ୍ଦ୍ର ଆରମ୍ଭ

ନୂଆଦିଲ୍ଲୀ, ୧୯/୨ : ଫ୍ରାନ୍ସ ରାଷ୍ଟ୍ରପତି ଇମେନୁଏଲ ମାକ୍ରୋନ ଏବଂ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ.ପି. ନଡ୍ଡାଙ୍କ ଉପସ୍ଥିତିରେ ବୁଧବାର ଅଖିଳ ଭାରତ ଚିକିତ୍ସା ସଂସ୍ଥାନ ରେ ଭାରତ-ଫ୍ରାନ୍ସ କୃତ୍ରିମ ବୁଦ୍ଧିମତା (ଏଆଇ) ସ୍ୱାସ୍ଥ୍ୟସେବା କେନ୍ଦ୍ର ଆରମ୍ଭ ହୋଇଥିଲା। ଏହି ଅବସରରେ ଭାରତ-ଫ୍ରାନ୍ସ ଗ୍ଲୋବାଲ ସ୍ୱାସ୍ଥ୍ୟସେବା ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ଉଭୟ ଦେଶର ପ୍ରମୁଖ ବୈଜ୍ଞାନିକ, ଡାକ୍ତର, ନୀତି ନିର୍ଦ୍ଧାରକ ଏବଂ ଶିକ୍ଷାବିତ ମାନେ ଯୋଗ ଦେଇଥିଲେ। ତାଙ୍କ ଅଭିଭାଷଣରେ, ରାଷ୍ଟ୍ରପତି ଇମେନୁଏଲ ମାକ୍ରୋନ କହିଥିଲେ ଯେ ଭାରତ ଏବଂ ଫ୍ରାନ୍ସକୁ ସାର୍ବଭୌମ ଏଆଇ କ୍ଷମତା ଏବଂ ପ୍ରତିଭା ବିକଶିତ କରିବାକୁ ପଡିବ ଯାହା ଦ୍ୱାରା ସେମାନେ ଅନ୍ୟ ଦେଶ ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ ନ ହେବେ। ଭାରତ ଏବଂ ଫ୍ରାନ୍ସ ନିର୍ଭରଯୋଗ୍ୟ ଏଆଇ ସିଷ୍ଟମ ନିର୍ମାଣ ପାଇଁ ଆବଶ୍ୟକ କମ୍ପ୍ୟୁଟିଂ ଶକ୍ତି ଏବଂ ପ୍ରତିଭା ବିକଶିତ କରିବାକୁ ପ୍ରତିବଦ୍ଧ କାରଣ ଆମେ କେବଳ ବାହ୍ୟ ପ୍ରଯୁକ୍ତିବିଦ୍ୟା ଉପରେ ନିର୍ଭର କରିପାରିବୁ ନାହିଁ।' ସେ ଜୋର ଦେଇ କହିଥିଲେ ଯେ କୃତ୍ରିମ ବୁଦ୍ଧିମତା ମାନବତା ସେବା କରିବା ଉଚିତ, ଯେଉଁଥିରେ ଶିଶୁଙ୍କ ସୁରକ୍ଷା, ଆଲଗୋରିଦମରେ ସ୍ୱଚ୍ଛତା ଏବଂ ଭାଷାଗତ ଏବଂ ସାଂସ୍କୃତିକ ବିବିଧତାର ସଂରକ୍ଷଣ ଅନ୍ତର୍ଭୁକ୍ତ। କାର୍ଯ୍ୟକ୍ରମ ସମୟରେ, ରାଷ୍ଟ୍ରପତି ମାକ୍ରୋନ ଯୁବ ଭାରତୀୟ ଉଦ୍ଭାବକଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ ଏବଂ ସେମାନଙ୍କୁ ନବସୃଜନ-ଆଧାରିତ ସ୍ୱାସ୍ଥ୍ୟ ସମାଧାନ ବିକଶିତ କରିବାକୁ ଉତ୍ସାହିତ କରିଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେ.ପି. ନଡ୍ଡା ଏଆଇ-ସମର୍ଥିତ ବିଶ୍ୱ ସ୍ୱାସ୍ଥ୍ୟ ସହଯୋଗକୁ ଆହୁରି ମଜବୁତ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଏହି ନୂତନ କେନ୍ଦ୍ର ଏଆଇ ସହାୟତାରେ ରୋଗ ନିର୍ଣ୍ଣୟ, ଚିକିତ୍ସା ଏବଂ ଚିକିତ୍ସା ଗବେଷଣାକୁ ଉନ୍ନତ କରିବା ପାଇଁ କାର୍ଯ୍ୟ କରିବ। ଏହି ପ୍ରୟାସ ଏଆଇଏବଂ ବେସାମରିକ ଭଳି ପ୍ରମୁଖ ପ୍ରତିଷ୍ଠାନ ସହିତ ମିଳିତ ଭାବରେ ଆରମ୍ଭ କରାଯାଇଛି। ଏହି ପ୍ରତିଷ୍ଠାନଗୁଡ଼ିକ ନୂତନ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ସ୍ୱାସ୍ଥ୍ୟସେବା ସେବାକୁ ସୁଦୃଢ଼ କରିବା ପାଇଁ ଡାକ୍ତର, ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନଙ୍କୁ ଏକାଠି କରିବାର ଲକ୍ଷ୍ୟ ରଖିଛନ୍ତି। ଏହି ପ୍ରୟାସ ଡିଜିଟାଲ ସ୍ୱାସ୍ଥ୍ୟ, ଏଣ୍ଟିମାଇକ୍ରୋବାୟଲ୍ ପ୍ରତିରୋଧ , ସ୍ୱାସ୍ଥ୍ୟ ମାନବ ସମ୍ବଳ ଏବଂ ସ୍ୱାସ୍ଥ୍ୟ ତଥ୍ୟର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଭଳି ପ୍ରାଥମିକତା କ୍ଷେତ୍ରରେ ଭାରତ-ଫ୍ରାନ୍ସ ସହଯୋଗ ଉପରେ ଆଧାରିତ।

# ବସ୍ ଷ୍ଟାଣ୍ଡର ନୂତନ ଷ୍ଟେଟ୍ ବ୍ୟାଙ୍କ୍ ଏଟିଏମ୍‌କୁ ଉଦ୍ଘାଟନ କଲେ ଜିଲ୍ଲାପାଳ

ନୂଆପଡା, ୧୯/୨ (ନି.ପ୍ର): ନୂଆପଡା ଜିଲ୍ଲା ସଦର ବସ୍ ଷ୍ଟାଣ୍ଡର ନୂତନ ଷ୍ଟେଟ୍ ବ୍ୟାଙ୍କ୍ ଏ ଟି ଏମ୍ କୁ ଜଣେ ସାଧାରଣ ଯାତ୍ରୀ, ଗୋବର୍ଦ୍ଧନ ମହାନନ୍ଦ ଉଦ୍ଘାଟନ କରିଛନ୍ତି । ବ୍ୟାଙ୍କ୍ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ମୁଖ୍ୟ ଅତିଥି ଭାବରେ ଏଥିପାଇଁ ନିମନ୍ତ୍ରଣ କରା ଯାଇଥିଲା । ନିର୍ଦ୍ଦିଷ୍ଟ ସମୟରେ ଜିଲ୍ଲାପାଳ ମଧ୍ୟ ପହଂଚିଥିଲେ। କିନ୍ତୁ ସେ ନିମନ୍ତ୍ରଣ କଲେ ଜଣେ ସାଧାରଣ ଯାତ୍ରୀ ଗୋବର୍ଦ୍ଧନ ମହାନନ୍ଦ, ଧରମ ବନ୍ଧା ଙ୍କୁ ଏହା ଉଦ୍ଘାଟନ ପାଇଁ, ଯିଏକି ନିଜ ଗାଁକୁ ଯିବା ପାଇଁ ବସ୍ ଷ୍ଟାଣ୍ଡ ଆସିଥିଲେ । ଏହି ଅବସରରେ ଷ୍ଟେଟ୍ ବ୍ୟାଙ୍କ୍ ଆର୍ ଏମ୍ ପ୍ରଦ୍ୟୁମ୍ନ କୁମାର ସ୍ୱାଇଁ, ନୂଆପଡା ଶାଖା ମୁଖ୍ୟ ପରିଚାଳକ ଲିଙ୍କନ ଦାଶ, ଡି ଟି ଏମ୍ ଆକାଶ ମହାପାତ୍ର, ଆର୍ ଟି ଓ ଶର୍ମିଳା ମହାରଣା ଏବଂ ଆମ ବସ୍ ଷ୍ଟାଣ୍ଡ ପରିଚାଳନା କମିଟିର ସଦସ୍ୟ ଯାଜ୍ଞସେନୀ ମହାପାତ୍ର, ବିଜୟ କୁମାର ରାଉତ ରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଏବଂ ବିଭିନ୍ନ ଗଣ ମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ । ଏ ବିଷୟରେ ଜିଲ୍ଲାପାଳ କହିଲେ ଯେ, ଏହା ହେଉଛି ଲୋକମାନଙ୍କ ସରକାର ଏବଂ ପ୍ରଶାସନ। ଏଥିରେ ପ୍ରତ୍ୟେକ ବ୍ୟକ୍ତି ବିଶେଷ ସମ୍ମାନର ଅଧିକାରୀ । ଏଣୁ ଏହିଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମ୍ମାନଜନକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ଜଣେ ସାଧାରଣ ଯାତ୍ରୀଙ୍କୁ ଅବସର ଦିଆଗଲା ।

# ମାତ୍ର ୮ ମିନିଟର ରାଗ ; ବର୍ବାଦ କରିଦେବ ରକ୍ତ ପ୍ରବାହ, ଧିମା ହୋଇଯିବ ଶରୀର, ମସ୍ତିଷ୍କ ପାଇଁ ବଡ଼ ବିପଦ



ବେଶି ନୁହେଁ ମାତ୍ର ୮ ମିନିଟ୍ ... ରାଗକୁ ନିୟନ୍ତ୍ରଣ ନକଲେ ସର୍ବନାଶ ହୋଇପାରେ । ୮ ମିନଟର ରାଗ ପାଖାପାଖି ଘଣ୍ଟାଏ ଯାଏଁ ରକ୍ତ ଧମନୀକୁ ଶକ୍ତ କରିଦେବ । ରକ୍ତ ପ୍ରବାହ ଧୀମା ହୋଇଯିବ । ଶରୀର ପକ୍ଷପାତ ହୋଇଯାଇପାରେ । ମସ୍ତିଷ୍କ ବି ଭୋଗିବ । ଏକ ନୂଆ ରିସର୍ଚ୍ଚରେ ଏହା ସ୍ପଷ୍ଟ ହୋଇଛି । ସର୍ବେକ୍ଷଣରେ ୨୮୦ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ପରୀକ୍ଷଣରୁ ଜଣାପଡ଼ିଲା, କ୍ରୋଧରୁ ରକ୍ତ ପ୍ରବାହ ୫୦ ପ୍ରତିଶତ ଧୀମା ହୋଇଯାଏ । ଆଉ କ୍ରୋଧର ପ୍ରଭାବ ୪୦ ମିନିଟରୁ ଘଣ୍ଟାଏ ଯାଏଁ ରୁହେ । ଏହି ସମୟରେ ହାର୍ଟ ଆଟାକ୍ , ଷ୍ଟ୍ରୋକର ଆଶଙ୍କା ବଢ଼ିଯାଏ । ଆଉ ବାରମ୍ବାର ରାଗିଲେ ହାର୍ଟ ଉପରେ ଏହାର ଗୁରୁତର ପ୍ରଭାବ ପଡ଼େ । ଗବେଷଣାରେ କୁହାଯାଇଛି କ୍ରୋଧର ସିଧା ପ୍ରଭାବ ହାର୍ଟ ଉପରେ ପଡ଼େ । ଗବେଷଣାରେ ୨୮୦ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ୩ଟି ଗ୍ରୁପରେ ଭାଗ କରାଯାଇଥିଲା । ଗୋଟିଏ ଗ୍ରୁପକୁ ପୂର୍ବ ଦିନରେ ସେମାନେ ରାଗିଥିବା ସମୟକୁ ମନେପକାଇବାକୁ କୁହାଯାଇଥିଲା । ଦ୍ୱିତୀୟ ଗ୍ରୁପକୁ ଦୁଃଖ ଏବଂ ଚିନ୍ତାଗ୍ରସ୍ତ ଅବସ୍ଥାକୁ ମନେପକାଇବାକୁ କୁହାଯାଇଥିଲା । ଏବଂ ତୃତୀୟ ଗ୍ରୁପରେ ଥିବା ଲୋକଙ୍କୁ ରାଗିବାର ସମୟକୁ ମନେପକାଇଥିବାକୁ କୁହଗଲା । ଏହାପରେ ନିର୍ଯ୍ୟାସ ଚମକାଇଦେବା ଭଳି ଥିଲା । ରାଗୁଥିବା ଲୋକଙ୍କଠାରେ ରକ୍ତ ସଞ୍ଚାଳନ ୫୦ ପ୍ରତିଶତ କମିଗଲା । ଲଏଭଳି ସ୍ଥିତି ୪୦ ମିନିଟ ଯାଏଁ ରହିଲା । କିନ୍ତୁ ଦୁଃଖ ଏବଂ ଚିନ୍ତାଗ୍ରସ୍ତ ସମୟକୁ ମନେପକାଉଥିବା ଲୋକଙ୍କଠାରେ ସେପରି କିଛି ସମସ୍ୟା ଦେଖିବାକୁ ମିଳିନଥିଲା । କେବଳ ରାଗୁଥିବା ଲୋକଙ୍କଠାରେ ରକ୍ତର ଧମନୀର ଆଭ୍ୟନ୍ତରୀଣ ପରସ୍ତ ଟାଣ ହୋଇଯାଇଥିଲା , ଫଳରେ ରକ୍ତ ପ୍ରଭାବ କମିଯାଇଥିଲା । ପରୀକ୍ଷଣ କରୁଥିବା ବିଶେଷଜ୍ଞ କହିଛନ୍ତି, କ୍ରୋଧ କରୁଥିବା ଲୋକଙ୍କ ରକ୍ତି ଧମନୀ ଫ୍ରିଜ୍ ହୋଇଯାଏ । ରକ୍ତଚାପ ବଢ଼ିଯାଏ । ଫଳରେ ହାର୍ଟ ଆଟାକ୍ ଏବଂ ଷ୍ଟ୍ରୋକ୍ ହେବାର ଆଶଙ୍କା ବଢ଼ିଯାଏ । ରାଗିଲେ କୋର୍ଟିକଲ ହର୍ମୋନ୍ ବଢ଼ିଯାଏ, ଯାହା ଏଣ୍ଡୋଥେଲିୟମକୁ ଡ୍ୟାମେଜ୍ କରେ । କିନ୍ତୁ ଦୁଃଖ ବା ଚିନ୍ତାରେ ଏହି ହୁଏନାହିଁ । ହୃଦରୋଗ ବିଶେଷଜ୍ଞଙ୍କ କହିବା ଅନୁସାରେ, କୋଧ କେବଳ ମାନସିକ ସମସ୍ୟା ନୁହେଁ ବରଂ ଏହା ହାର୍ଟ ପାଇଁ ବଡ଼ ବିପଦ । ରିସର୍ଚ୍ଚରେ ପ୍ରମାଣିତ ହୋଇଛି, କ୍ରୋଧ ନିୟନ୍ତ୍ରଣ କରିବାକୁ ଏବଂ ହାର୍ଟର ସୁରକ୍ଷା ପାଇଁ କିଛି ସହଜ ଟିପ୍ସ ରହିଛି ।




ଭାରତରେ ୪୦ ରୁ ୪୫ ପ୍ରତିଶତ ମଧ୍ୟବିତ୍ତ ପରିବାରର ଲୋକ ଯାତାୟାତ ପାଇଁ ବାଇକ ଉପରେ ଭରସା କରନ୍ତି । ବାଇକ୍ ଏବଂ ହେଲମେଟ୍ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ଯାତ୍ରାକୁ ଆହୁରି ସୁରକ୍ଷିତ କରିବା ପାଇଁ ହେଲମେଟ୍ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଏ । ଅନେକ ଲୋକ ଭାବନ୍ତି ଯେ ଘଣ୍ଟା ଘଣ୍ଟା ଧରି ହେଲମେଟ୍ ପିନ୍ଧିବା ଦ୍ୱାରା ମୁଣ୍ଡରୁ ଚୁଟି ଝଡ଼ିଥାଏ ଏବଂ ସମୟ ସହିତ ଚନ୍ଦାପଣ ମଧ ଗ୍ରାସ କରେ । ଏହି ପ୍ରଶ୍ନ ପ୍ରାୟତଃ ସେମାନଙ୍କ ମନରେ ଆସେ ଯେଉଁମାନେ ପ୍ରତିଦିନ ବାଇକ୍ ଚଲାନ୍ତି ଏବଂ ପୂରା ଦିନ ହେଲମେଟ୍ ପିନ୍ଧନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ହେଲମେଟ୍‌କୁ ଚୁଟି ଝଡ଼ିବାର ମୁଖ୍ୟ କାରଣ ବୋଲି କୁହାଯାଇପାରିବ ନାହିଁ । ଦୀର୍ଘ ସମୟ ଧରି ହେଲମେଟ୍ ପିନ୍ଧିବା ଦ୍ୱାରା ଚୁଟି ସମ୍ବନ୍ଧୀୟ ଅନେକ ସମସ୍ୟା ହୋଇପାରେ କିନ୍ତୁ ଏହା ସିଧାସଳଖ ଚୁଟି ଝଡ଼ିବାର କାରଣ ନୁହେଁ । ମଇଳା ହେଲମେଟ୍ ଏବଂ ଝାଳ ହୋଇଥିବା ଚୁଟିକୁ କୁଣ୍ଡାଇବା କେଶକୁ ଦୁର୍ବଳ କରିପାରେ । ତେଣୁ ହେଲମେଟ୍ ବ୍ୟବହାର କରିବା ସମୟରେ ଧ୍ୟାନ ଦିଅନ୍ତୁ ଯେ ଯେମିତି ଆପଣଙ୍କ ଚୁଟି ଓଦା ନଥିବ । ହେଲମେଟ୍ ମଇଳା ହୋଇନଥିବ ଏବଂ ଚୁଟିରେ ଝାଳ ହୋଇନଥିବ । ଏହା ଦ୍ୱାରା କେଶ ଉପୁଡ଼ିବାର ସମସ୍ୟା ସୃଷ୍ଟି ହେବ ନାହିଁ । ପ୍ଲାଷ୍ଟିକ୍ ଏବଂ କସମେଟିକ୍ ସର୍ଜନ୍ କୁହନ୍ତି ଯେ ଯଦି ଆପଣ ଏକ ଭଲ କ୍ୱାଲିଟିର ହେଲମେଟ୍ ବ୍ୟବହାର କରନ୍ତି ଏବଂ ଏହାକୁ ଲମ୍ବା ସମୟ ଧରି ପିନ୍ଧନ୍ତି ନାହିଁ ତେବେ ଏହା ଚୁଟି ସମସ୍ୟା ସୃଷ୍ଟି କରିବ ନାହିଁ । ଯଦି ଆପଣଙ୍କର ହେଲମେଟ୍ ମଇଳା ଏବଂ ଝାଳ ଶୋଷେ ତେବେ ଏହା ଚୁଟିକୁ ଦୁର୍ବଳ କରିପାରେ । ଯାହାଦ୍ୱାରା ମୁଣ୍ଡରେ ଫଙ୍ଗଲ୍ ଇନଫେକ୍ସନ୍ ଏବଂ ଶୁଷ୍କତା ସମେତ ଅନେକ ସମସ୍ୟା ସୃଷ୍ଟି ହୁଏ । ଯଦିଓ ଏହି ସମସ୍ତ ସମସ୍ୟାକୁ ଚୁଟି ପାଇଁ ବିପଦ ବୋଲି କୁହାଯାଏ କିନ୍ତୁ ଚୁଟି ଏବଂ ହେଲମେଟ୍ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ । ଲୋକମାନେ ଏପରି ଗୁଜବ ଉପରେ ବିଶ୍ୱାସ କରିବା ଉଚିତ୍ ନୁହେଁ ବରଂ ହେଲମେଟ୍ ସଫାସୁତୁରା ପ୍ରତି ଧ୍ୟାନ ଦେବା ଉଚିତ । ଯେତେବେଳେ ହେଲମେଟ୍ ମୁଣ୍ଡରେ ଅତ୍ୟଧିକ ଟାଇଟ୍ ହୋଇ ଫିଟ୍ ହୁଏ କିମ୍ବା ଏହାର ଭିତର ପ୍ୟାଡ୍ ଖରାପ କ୍ୱାଲିଟିର ହୋଇଥାଏ ତେବେ ଚୁଟି ସହିତ ନିରନ୍ତର ଘର୍ଷଣ ସୃଷ୍ଟି ହୁଏ । ଏହି ଘର୍ଷଣ କେଶ ମୂଳକୁ ଦୁର୍ବଳ କରେ ଏବଂ କେଶ ମୋଡ଼ି ହୋଇ ଝଡ଼ିବାକୁ ଲାଗିଥାଏ । ଏହାଛଡ଼ା ଗରମରେ ହେଲମେଟ୍ ପିନ୍ଧିବା ଦ୍ୱାରା ମୁଣ୍ଡରୁ ଝାଳ ବୋହିଥାଏ ଯାହା ଜୀବାଣୁ ଏବଂ ଫଙ୍ଗାଲ୍ ସଂକ୍ରମଣର ଆଶଙ୍କା ସୃଷ୍ଟି କରେ । ଉଭୟ ଅବସ୍ଥାରେ ଚୁଟି ଝଡ଼େ । ମଇଳା ହେଲମେଟ୍ ଧୂଳି, ଝାଳ ଏବଂ ଜୀବାଣୁ ଜମା କରେ ଯାହା ଦ୍ୱାରା ମୁଣ୍ଡରେ ରୁପି ସମସ୍ୟା, କୁଣ୍ଡାଇ ହେବା, ଫଙ୍ଗଲ୍ ସଂକ୍ରମଣ ଭଳି ସମସ୍ୟା ଦେଖାଯାଏ ।




ଗତ କିଛି ବର୍ଷ ହେଲା ଲୋକ ବହୁତ ହେଲ୍ଥ କନସିୟସ୍ ହେଲେଣି । ଯେଉଁଥିପାଇଁ ଡାଏଟ୍ , ବ୍ୟାୟାମ ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ଉପରେ ସମସ୍ତେ ଧ୍ୟାନ ଦେଉଛନ୍ତି । ଖାସ୍ କରି ଲୋକମାନେ ପ୍ରୋଟିନ୍ ଖାଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଫିଟନେଶ୍ ଫ୍ରିକ ଲୋକମାନେ ଖାଦ୍ୟରେ ଅଣ୍ଡା ଏବଂ ଚିକେନ୍ ଖାଇବାକୁ ପସନ୍ଦ କରନ୍ତି । ଯଦି ଆପଣ ମଧ ଚିକେନ୍ ପ୍ରେମୀ ଏବଂ କୁକୁଡ଼ା ଆପଣଙ୍କ ଖାଦ୍ୟର ଏକ ପ୍ରମୁଖ ଅଂଶ ତେବେ ଏହି ଖବର ଆପଣଙ୍କ ପାଇଁ ଚେତାବନୀ ହୋଇପାରେ । ବର୍ତ୍ତମାନ ପର୍ଯ୍ୟନ୍ତ ନିଜର ପ୍ରୋଟିନ୍ ଆବଶ୍ୟକତା ପୂରଣ କରିବା ପାଇଁ ସମସ୍ତେ ଚିକେନ୍ ଖାଉଛନ୍ତି । ତେବେ ଗବେଷଣାରୁ ଜଣାପଡ଼ିଛି ଯେ ଅତ୍ୟଧିକ ଚିକେନ୍ ଖାଇବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଇଟାଲୀର ନ୍ୟୁଟ୍ରିଏଣ୍ଟସ୍ ପତ୍ରିକାରେ ପ୍ରକାଶିତ ଏକ ଷ୍ଟଡି ଅନୁସାରେ ପ୍ରତି ସପ୍ତାହରେ ୩୦୦ ଗ୍ରାମରୁ ଅଧିକ ହ୍ୱାଇଟ୍ ମିଟ୍ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ । ମାଂସକୁ ସାଧାରଣତଃ ସ୍ୱାସ୍ଥ୍ୟକର କୁହାଯାଉଥିଲେ ହେଁ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଯେଉଁ ଲୋକମାନଙ୍କୁ ପାକସ୍ଥଳୀ ସହ ଜଡିତ କର୍କଟ ରୋଗ ଥିଲା ସେମାନେ ଅତ୍ୟଧିକ କୁକୁଡ଼ା ମାଂସ ଖାଇଥିଲେ । ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନ୍ ଟ୍ରାକ୍ଟ ନାମକ ଏହି କର୍କଟ ରୋଗ ଯେଉଁଥିରେ ଖାଦ୍ୟନଳୀ, ପେଟ, ଛୋଟ ଏବଂ ବଡ଼ ଅନ୍ତନଳୀ, ଯକୃତ, ଅଗ୍ନାଶୟ ଏବଂ ପିତ୍ତକୋଷ ଅନ୍ତର୍ଭୁକ୍ତ । ବୈଜ୍ଞାନିକମାନେ ଦେଖିବାକୁ ଚେଷ୍ଟା କରୁଥିଲେ ଯେ କୁକୁଡ଼ା, ଟର୍କି କିମ୍ବା ବତକ ପରି ପକ୍ଷୀଙ୍କ ମାଂସ ଖାଇବା ପେଟ କର୍କଟ ଏବଂ ଶୀଘ୍ର ମୃତ୍ୟୁ ସହିତ ଜଡ଼ିତ କି ନାହିଁ । ଏଥିପାଇଁ ସେମାନେ ୧୯ ବର୍ଷ ଧରି ଇଟାଲୀର ପ୍ରାୟ ୪୮୬୯ ଜଣ ବୟସ୍କଙ୍କୁ ନିରୀକ୍ଷଣ କରିଥିଲେ ଯେଉଁଥିରେ ଜଣାପଡ଼ିଥିଲା ଯେ ପେଟ କର୍କଟ ଯୋଗୁଁ ପ୍ରାଣ ହରାଇଥିବା ଲୋକମାନଙ୍କର ଚିକେନ୍ ଖାଇବାର ପରିମାଣ ସର୍ବାଧିକ ଥିଲା । ଗବେଷଣାରୁ ଜଣାପଡ଼ିଛି ଯେ ଯେଉଁମାନେ ପ୍ରତି ସପ୍ତାହରେ ୩୦୦ ଗ୍ରାମରୁ ଅଧିକ ମାଂସ ଖାଉଛନ୍ତି ସେମାନଙ୍କ ମୃତ୍ୟୁର ଆଶଙ୍କା ସପ୍ତାହରେ ୧୦୦ ଗ୍ରାମରୁ କମ୍ ଚିକେନ୍ ଖାଉଥିବା ଲୋକଙ୍କ ତୁଳନାରେ ୨୭ ପ୍ରତିଶତ ଅଧିକ ଥିଲା । ପୁରୁଷମାନଙ୍କ ପାଇଁ ଏହି ବିପଦ ଆହୁରି ୬୧ ପ୍ରତିଶତକୁ ବୃଦ୍ଧି ପାଇଛି ଅର୍ଥାତ୍ ୧୦୦ ଗ୍ରାମରୁ ଅଧିକ ଚିକେନ୍ ଖାଉଥିବା ପୁରୁଷମାନଙ୍କର ଅକାଳ ମୃତ୍ୟୁର ଆଶଙ୍କା ପ୍ରାୟ ଦେଢ଼ ଗୁଣ ଅଧିକ ଥିଲା । ଗବେଷକ ସ୍ପଷ୍ଟ ଭାବରେ କହିଛନ୍ତି ଯେ କୁକୁଡ଼ା ଯେତେ କମ୍ ଖାଇବେ ସେତେ ଭଲ ।




ଫ୍ୟାସନ ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡ଼ିନଥାଏ । କିନ୍ତୁ ଥରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ ସେହି ଫ୍ୟାସନ୍ ବେକର ଫାଶ ପରି ଲାଗେ । ଆଜିର ସମୟରେ ସମସ୍ତେ ନିଜ ପ୍ରିୟ ଅଭିନେତା ତଥା ଅଭିନେତ୍ରୀଙ୍କ ପରି ଦେଖାଯିବାକୁ ଚାହାନ୍ତି । ହିରୋଇନଙ୍କ ପରି ଦେଖାଯିବା ପାଇଁ ସେମାନଙ୍କର ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ଟିପ୍ସକୁ ଅନୁସରଣ କରନ୍ତି । ଏହି ବିୟୁଟି ଟିପ୍ସରେ ଚୁଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥାଏ । ସେଲିବ୍ରେଟିଙ୍କ ପରି ଦେଖାଯିବାକୁ ଚୁଟିକୁ ରଙ୍ଗବେରଙ୍ଗ କରି କଲର୍ କରାନ୍ତି ଯୁବପିଢ଼ି । କିନ୍ତୁ ବାରମ୍ବାର ଚୁଟିରେ ରଙ୍ଗ କରିବା କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ୬ ମାସ ପୂର୍ବରୁ ଚୀନରେ ଏକ ଏମିତି ଘଟଣା ଘଟିଥିଲା ଯାହା ସେଠାକାର ଯୁବପିଢ଼ିଙ୍କୁ ଭୟଭୀତ କରିଥିଲା । ଜଣେ ୨୦ ବର୍ଷୀୟା ଝିଅ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି ଦେଖାଯିବା ପାଇଁ କେମିତି ଚୁଟି ରଙ୍ଗ କରି କିଡନି ରୋଗରେ ପୀଡ଼ିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଥିଲା । ବାରମ୍ବାର ଚୁଟି କଲର୍ କରିବା ପରେ ଯେତେବେଳେ ଶରୀରରେ ସମସ୍ୟା ସୃଷ୍ଟି ହେଲା ଝିଅଟି ଡାକ୍ତରଖାନାକୁ ଯାଇଥିଲେ ସେଠାରେ ତାଙ୍କର କିଡନି ଖରାପ ଥିଲା ବୋଲି ଜଣାପଡ଼ିଥିଲା । ହୁଆ ନାମକ ୨୦ ବର୍ଷୀୟ ଯୁବତୀ ପ୍ରତି ମାସରେ ସାଲୁନକୁ ଯାଇ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି କେଶ ରଙ୍ଗ କରୁଥିଲେ । କିଛି ସମୟ ପରେ ସେ ପେଟ ଏବଂ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ହେଲେ । ତାଙ୍କ ଗୋଡ଼ରେ ଲାଲ ଦାଗ ହେବାକୁ ଲାଗିଲା । ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ତାଙ୍କୁ କିଡନି ରୋଗ ହୋଇଥିବା ଜଣାପଡ଼ିଲା । ଚୀନର ଝେଙ୍ଗଝୋ ପିପୁଲ୍ସ ହସ୍ପିଟାଲର ଡାକ୍ତର ତାଓ ଚେନୟାଙ୍ଗ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ବାରମ୍ବାର କେଶ ରଙ୍ଗ କରିବା ଦ୍ୱାରା ଶରୀରରେ ମୁଣ୍ଡ ମାଧ୍ୟମରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ ଯାହା ଫୁସଫୁସ୍ ଏବଂ କିଡନିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ । ବଜାରରେ ମିଳୁଥିବା ଅନେକ ରଙ୍ଗ ଏବଂ ରଙ୍ଗରେ ସୀସା ଓ ପାରଦ ଭଳି ବିପଦଜନକ ଉପାଦାନ ରହିଛି । କୋରିଆନ୍ ପପ୍ ଷ୍ଟାରଙ୍କୁ ଫଲୋ କରି ଝିଅଟି ନିଜ ଲୁକ୍ ଏବଂ ପ୍ରମୋସନ୍ ପାଇଁ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ । ଏହା ପୂର୍ବରୁ ଆମେରିକାରେ ପୂର୍ବତନ ହେୟାରଷ୍ଟାଇଲିଷ୍ଟ ହେକ୍ଟର କର୍ଭେରା ୨୦୨୫ ପ୍ରାରମ୍ଭରେ ଲସ୍ ଆଞ୍ଜେଲସରେ ୧୦ଟି କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ସେ ଦାବି କରିଥିଲେ ଯେ ଚୁଟି ରଙ୍ଗ କରିବା ପରେ ତାଙ୍କୁ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କୁ ମୂତ୍ରାଶୟ କର୍କଟ ରୋଗ ହୋଇଥିଲା । ତେବେ ଆପଣ ବି ଯଦି ବାରମ୍ବାର କେଶକୁ ରଙ୍ଗ କରୁଛନ୍ତି ତେବେ ଏହି ଟିପ୍ସଗୁଡ଼ିକ ମନେ ରଖନ୍ତୁ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ ନାହିଁ ।

# ବିଳମ୍ବିତ ରାତ୍ରି ଯାଏଁ ମୋବାଇଲ୍ ସ୍କ୍ରୋଲିଙ୍ଗ୍ ବଢ଼ାଏ ସ୍ୱାସ୍ଥ୍ୟ ସମସ୍ୟା



ଆଧୁନିକ ଡିଜିଟାଲ୍ ଦୁନିଆରେ ଆମେ ନିଦ୍ରାଯିବା ଆଗରୁ ଦେଖୁଥିବା ଶେଷ ଜିନିଷଟି ହେଉଛି ସ୍ମାର୍ଟଫୋନ୍‌ର ଉଜ୍ଜ୍ୱଳ ଆଲୋକ । ନିଦ୍ରା ଉପରେ ସ୍ମାର୍ଟଫୋନ୍‌ରୁ ବିଚ୍ଛୁରିତ ନୀଳ ଆଲୋକର କୁପ୍ରଭାବ ବିଷୟରେ ଅନେକ କିଛି କୁହାଯାଇଛି । କିନ୍ତୁ, ଥାଇରଏଡ୍ ଗ୍ରନ୍ଥି ଉପରେ ଏହାର କୌଣସି କୁପ୍ରଭାବ ଅଛି କି? ଏହାର ଉତ୍ତର ହେଉଛି- ଥାଇରଏଡ୍ ଆଲୋକ ଦେଖିପାରେ ନାହିଁ ସତ, କିନ୍ତୁ ମସ୍ତିଷ୍କ ଦେଖିପାରେ । ବେକରେ ଥିବା ଏହି ଗ୍ଲାଣ୍ଡ ବା ଗ୍ରନ୍ଥିକୁ ସ୍କ୍ରିନ୍ କିଭଳି ପ୍ରଭାବିତ କରେ ତାହା ଜାଣିବା ଲାଗି ପ୍ରଥମେ ମସ୍ତିଷ୍କ ପ୍ରତି ଦୃଷ୍ଟି ଦେବା ଉଚିତ । ଏ ସଂକ୍ରାନ୍ତରେ ଏଣ୍ଡୋକ୍ରାଇନୋଲଜିଷ୍ଟ ତଥା ଡାଏବେଟୋଲଜିଷ୍ଟ ଡାକ୍ତର ପ୍ରଣବ ଘୋଦୀ ବୁଝାଇ କହନ୍ତି, ''ମସ୍ତିଷ୍କ ନିଭୃତରେ ଥିବା 'ହାଇପୋଥାଲାମସ୍'ରେ ଅବସ୍ଥିତ 'ସୁପ୍ରାସିଏସ୍ମାଟିକ୍ ନ୍ୟୁକ୍ଲିୟସ୍' ବା 'ଏସ୍‌ସିଏନ୍' ସହିତ ଏହି ଆଲୋକର ନିବିଡ଼ ସମ୍ପର୍କ ରହିଛି । ଶରୀରର ପ୍ରଧାନ ଘଣ୍ଟା କୁହାଯାଉଥିବା 'ଏସ୍‌ସିଏନ୍' ଆଖିରୁ ସିଧାସଳଖ ଆଲୋକ ସଙ୍କେତ ଗ୍ରହଣ କରେ । ଡିଜିଟାଲ୍ ସ୍କ୍ରିନ୍‌ରେ ପ୍ରବଳ ପରିମାଣରେ ଥିବା ନୀଳ ଆଲୋକ 'ଏସ୍‌ସିଏନ୍'କୁ ସକ୍ରିୟ କରି ମସ୍ତିଷ୍କକୁ ସଙ୍କେତ ଦିଏ ଯେ ଏବେ ରାତି ନୁହେଁ, ଦିନ । ଏଭଳି ବିଭ୍ରାନ୍ତିକର ପରିସ୍ଥିତିରେ ଶୀରରରେ ଥିବା ବିଭିନ୍ନ ହର୍ମୋନ୍ ଚକ୍ରରେ ବିଭ୍ରାଟ ଘଟେ । ବିଶେଷକରି, ଶରୀରରେ ମେଟାବୋଲିଜିମ୍ ନିମନ୍ତେ ଥିବା କମାଣ୍ଡ ବ୍ୟବସ୍ଥା 'ହାଇପୋଥାଲାମିକ୍-ପିଟୁଇଟାରି-ଥାଇରଏଡ୍ ଏକ୍ସିସ୍' ଠିକ୍ ରହିଲେ ବିଭିନ୍ନ ହର୍ମୋନ୍ ମଧ୍ୟରେ ତାଳମେଳ ରହେ । ତେଣୁ ବିଳମ୍ବିତ ରାତ୍ରୀରେ ସ୍କ୍ରିନ୍ ଦେଖିବାରେ ମଗ୍ନ ରହିବା ମାନେ ଖାଲି ଜାଗ୍ରତ ରହିବା ନୁହେଁ, ବରଂ ଏହାଦ୍ୱାରା ହର୍ମୋନ୍‌ଗତ ସନ୍ତୁଳନ ରକ୍ଷାକାରୀ ବିଭ୍ରାନ୍ତ ହୋଇଯାଏ ।'' ଶରୀର ଉତ୍ତାପରୁ ନେଇ ଶକ୍ତିସ୍ତର ଏବଂ ମିଜାଜ୍‌ରୁ ନେଇ ହୃଦ୍‌ସ୍ପନ୍ଦନ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ କରେ ଥାଇରଏଡ୍ ଗ୍ରନ୍ଥି । କିନ୍ତୁ, ଏ ସବୁ ହର୍ମୋନ୍ ଦିନ ତମାମ ନିର୍ଦ୍ଧାରିତ ପରିମାଣରେ ନିର୍ଗତ ହୁଏ ନାହିଁ । ବେଙ୍ଗାଲୁରୁସ୍ଥିତ ମଣିପାଲ୍ ହସ୍ପିଟାଲ୍‌ର ଡାକ୍ତର ତେଜସ୍ୱୀ ଭି କହନ୍ତି ଯେ 'ସିର୍କାଡିଆନ୍ ରିଦିମ୍' କୁହାଯାଉଥିବା ଚବିଶଘଣ୍ଟିଆ 'ବାୟୋଲୋଜିକାଲ୍ କ୍ଲକ୍' ଅନୁଯାୟୀ ଶରୀର କାର୍ଯ୍ୟ କରେ । ଥାଇରଏଡ୍ କ୍ଷରଣ କରୁଥିବା ହର୍ମୋନ୍ ରାତ୍ରୀ ସମୟରେ ସବୁଠୁ ବେଶୀ ସକ୍ରିୟ ରହେ ଏବଂ ଦିନବେଳା ନିଷ୍କ୍ରିୟ ହୋଇଆସେ । ତେଣୁ, ରାତ୍ର କାଳରେ ସ୍କ୍ରିନ୍‌ନିଃସୃତ ନୀଳ ଆଲୋକ ଥାଇରଏଡ୍ ହର୍ମୋନ୍ ଉତ୍ପାଦନରେ ବ୍ୟାଘାତ ସୃଷ୍ଟି କରିପାରେ । ସେ ଆହୁରି ମଧ କହନ୍ତି, ''ଗୋଟିଏ ରାତି ସ୍କ୍ରିନ୍ ସ୍କ୍ରୋଲିଙ୍ଗ୍ କରିବା ଦ୍ୱାରା ଥାଇରଏଡ୍ ହର୍ମୋନ୍ ଉତ୍ପାଦନ ବିଭ୍ରାଟ ହୁଏନାହିଁ । କିନ୍ତୁ, ବାରମ୍ବାର ରାତ୍ରୀ ଉଜାଗର ରହି ସ୍କ୍ରିନ୍ ଦେଖିବା ଦ୍ୱାରା ଶରୀରରେ ଚାଲିଥିବା ହର୍ମୋନ୍ କ୍ଷରଣ ଚକ୍ର ନିଷ୍କ୍ରିୟ ହୋଇଯାଏ ।'' ବିଳମ୍ବିତ ରାତ୍ରୀର ନୀଳ ଆଲୋକରେ ଲୁଚି ରହିଥିବା କ୍ଷତିକାରକ ପ୍ରଭାବ ମଧ୍ୟରୁ ଗୋଟିଏ ହେଉଛି 'କୋର୍ଟିଜଲ୍' ଉପରେ ଏହା ପକାଉଥିବା କୁପ୍ରଭାବ । 'କୋର୍ଟିଜଲ୍' ହେଉଛି ଶରୀରର ମୁଖ୍ୟ 'ଷ୍ଟ୍ରେସ୍ ହର୍ମୋନ୍' ବା ଚାପ ସହ୍ୟକାରୀ ହର୍ମୋନ୍ । ଗବେଷଣାରୁ ଜଣାପଡ଼ିଛି ଯେ ଉଜ୍ଜ୍ୱଳ କୃତ୍ରିମ ଆଲୋକ ଯୋଗୁଁ ମସ୍ତିଷ୍କ ସତତ ଜାଗ୍ରତ ଅବସ୍ଥାରେ ରହୁଥିବାରୁ 'କୋର୍ଟିଜଲ୍' ସ୍ତର ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ । ଏହା ମଧ ପରୋକ୍ଷଭାବେ ଥାଇରଏଡ୍ ଉପରେ କୁପ୍ରଭାବ ପକାଏ । ସେ ଯାହାହେଉ, ଥାଇରଏଡ୍ ଗ୍ରନ୍ଥି ସୁସ୍ଥ ରଖିବା ଲାଗି ଶେଯକୁ ଯିବାର ଦେଢ଼ଘଣ୍ଟା ଆଗରୁ ସ୍କ୍ରିନ୍ ଦେଖା ବନ୍ଦ କରନ୍ତୁ । ଏଇ ଦେଢ଼ଘଣ୍ଟା ପୁସ୍ତକ ପଠନ କିଂବା ସେମିତି କିଛି ମିଜାଜ୍ ଉଶ୍ୱାସ କଲାଭଳି କାର୍ଯ୍ୟ କରନ୍ତୁ । ଅନ୍ଧକାର ଓ ଶୀତଳ ପରିବେଶରେ ଶୟନ କରନ୍ତୁ । 'ଏସ୍‌ସିଏନ୍' ମାଷ୍ଟର କ୍ଲକ୍ ସୁଦୃଢ଼ ରଖିବା ଲାଗି ସକାଳ ଖରାରେ ବୁଲନ୍ତୁ । ଫଳରେ ସନ୍ଧ୍ୟା ବେଳେ ସ୍କ୍ରିନ୍ ଦେଖିଲେ ବିଶେଷ କିଛି ଶାରୀରିକ ବିଭ୍ରାଟ ହେବନାହିଁ ।

# ଭେନେଜୁଏଲା ତୈଳ: ଭାରତୀୟ ବିଶୋଧନାଗାର ପାଇଁ ସୁଯୋଗ ନା ବୈଷୟିକ ଆହ୍ୱାନ ?

ସାମ୍ପ୍ରତିକ ଭୂ-ରାଜନୈତିକ ପରିସ୍ଥିତି ଏବଂ ବିଶ୍ୱ ତୈଳ ବଜାରରେ ଘଟୁଥିବା ପରିବର୍ତ୍ତନ ଭାରତୀୟ ତୈଳ କ୍ଷେତ୍ର ପାଇଁ ଏକ ନୂତନ ଚର୍ଚ୍ଚାର ବିଷୟ ପାଲଟିଛି । ବିଶେଷକରି ଆମେରିକା ଦ୍ୱାରା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ୍ ମାଦୁରୋଙ୍କ ଅପହରଣ ଏବଂ ପରବର୍ତ୍ତୀ ସମୟରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକପାଖିଆ ଘୋଷଣା ଏହି ପ୍ରସଙ୍ଗକୁ ଅଧିକ ଜଟିଳ କରିଦେଇଛି। ଟ୍ରମ୍ପ ଉଲ୍ଲେଖ କରିଥିଲେ ଯେ ନୂଆଦିଲ୍ଲୀ ଆମେରିକାଠାରୁ ଅଧିକ ଅଶୋଧିତ ତୈଳ କିଣିବାକୁ ରାଜି ହୋଇଛି, ଯାହା ପରୋକ୍ଷରେ ଭେନେଜୁଏଲା ତୈଳ ହୋଇପାରେ । କିନ୍ତୁ ଉଭୟ ଦେଶର ମିଳିତ ବିବୃତ୍ତିରେ ଏହାର କୌଣସି ଉଲ୍ଲେଖ ନାହିଁ। ଏହି ପରିପ୍ରେକ୍ଷୀରେ, ଭାରତୀୟ ତୈଳ ବିଶୋଧନାଗାରଗୁଡ଼ିକ ଭେନେଜୁଏଲାରୁ ତୈଳ ଆମଦାନୀ କରିବାକୁ କେତେ ଆଗ୍ରହୀ ଏବଂ ଏଥିରେ କେଉଁ ସବୁ ବାଧାବିଘ୍ନ ରହିଛି, ତାହା ଏକ ବିଶ୍ଳେଷଣର ଅପେକ୍ଷା ରଖେ ।

ଭାରତୀୟ ବିଶୋଧନାଗାରଗୁଡ଼ିକ ପାଇଁ ଭେନେଜୁଏଲା ତୈଳ ଆମଦାନୀ କରିବାରେ ସବୁଠାରୁ ବଡ଼ ପ୍ରତିବନ୍ଧକ ହେଉଛି ଏହାର ଗୁଣବତ୍ତା ଏବଂ ରାସାୟନିକ ଗଠନ । ହିନ୍ଦୁସ୍ତାନ ପେଟ୍ରୋଲିୟମର ରିଫାଇନାରୀ ନିର୍ଦ୍ଦେଶକ ଏସ୍. ଭରତନଙ୍କ ମତରେ, ଭେନେଜୁଏଲାର ଅଶୋଧିତ ତୈଳ ଅତ୍ୟନ୍ତ 'ବଟମ୍-ହେଭି' ବା ଭାରୀ ପ୍ରକୃତିର ଅଟେ । ଏଥିରେ ସାନ୍ଦ୍ରତା (viscosity) ଏବଂ ଅମ୍ଳୀୟ ମାତ୍ରା (acid number) ଅତ୍ୟଧିକ ରହିଥାଏ । ସାଧାରଣତଃ ଉଚ୍ଚ ସାନ୍ଦ୍ରତା ଥିବା ତୈଳ ପାଇପ୍ ଲାଇନ୍ ମଧ୍ୟରେ ସହଜରେ ପ୍ରବାହିତ ହୋଇପାରେ ନାହିଁ, ଯାହା ବିଶୋଧନ ପ୍ରକ୍ରିୟାକୁ ଜଟିଳ କରିଥାଏ । ସେହିପରି ଭାରତ ପେଟ୍ରୋଲିୟମର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ଖାନ୍ନାଙ୍କ ଅନୁଯାୟୀ, ଏହି ତୈଳରେ ଧାତୁ ଏବଂ ନାଇଟ୍ରୋଜେନର ମାତ୍ରା ମଧ୍ୟ ଅଧିକ ରହିଥାଏ । ତେଣୁ, ଏହାକୁ ସିଧାସଳଖ ବିଶୋଧନ କରିବା ସମ୍ଭବ ନୁହେଁ । ଏହାକୁ ପ୍ରକ୍ରିୟାକରଣ କରିବା ପୂର୍ବରୁ ଅନ୍ୟ ହାଲୁକା ଅଶୋଧିତ ତୈଳ ସହିତ ପ୍ରାୟ ୧୦ ରୁ ୧୫ ପ୍ରତିଶତ ମିଶ୍ରଣ ବା ବ୍ଲେଣ୍ଡିଂ କରିବାକୁ ପଡିଥାଏ । ଏହା କେବଳ ପ୍ରକ୍ରିୟାକୁ ଜଟିଳ କରେ ନାହିଁ ବରଂ ଉତ୍ପାଦନ ଖର୍ଚ୍ଚ ଉପରେ ମଧ୍ୟ ପ୍ରଭାବ ପକାଇଥାଏ। ବୈଷୟିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ପ୍ରକାରର ତୈଳ ବିଶୋଧନାଗାରର ଯନ୍ତ୍ରାଂଶ ପାଇଁ ବିପଦ ସୃଷ୍ଟି କରିପାରେ। କାଲିଚେ (Caliche)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ ପ୍ରିୟଦର୍ଶନଙ୍କ ବ୍ୟାଖ୍ୟା ଅନୁଯାୟୀ, ଏକ ବିଶୋଧନାଗାରର ପାଇପ୍, ଭଲଭ୍, ପ୍ରେସର ଭେସେଲ୍ ଏବଂ ଅନ୍ୟାନ୍ୟ ଯନ୍ତ୍ରାଂଶ ଏକ ନିର୍ଦ୍ଦିଷ୍ଟ ସାନ୍ଦ୍ରତା ବିଶିଷ୍ଟ ତୈଳ ପାଇଁ ଡିଜାଇନ୍ କରାଯାଇଥାଏ। ଯଦି ତୈଳର ସାନ୍ଦ୍ରତା ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କରେ, ତେବେ ପାଇପ୍ ମଧ୍ୟରେ ଅତ୍ୟଧିକ ଚାପ ସୃଷ୍ଟି ହୁଏ । ଏହା ବ୍ୟତୀତ, ତୈଳରେ ଥିବା ଉଚ୍ଚ ଅମ୍ଳୀୟ ମାତ୍ରା ଯନ୍ତ୍ରାଂଶଗୁଡ଼ିକରେ କ୍ଷୟ ବା କଳଙ୍କି (corrosion) ସୃଷ୍ଟି କରିବାର ଆଶଙ୍କା ଥାଏ । ଯଦି ଅମ୍ଳୀୟ ମାତ୍ରା ସହନଶୀଳତା ସୀମା ପାର କରେ, ତେବେ କେବଳ ଗୋଟିଏ ପାଇପ୍ ନୁହେଁ ବରଂ ସମଗ୍ର ବିଶୋଧନ ପ୍ରଣାଳୀ କ୍ଷତିଗ୍ରସ୍ତ ହୋଇପାରେ। ଏହା ସହିତ କାଲିଚେ ଗ୍ରୁପର ସିଓଓ ଆନନ୍ଦ ମାଥ୍ୟୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଛନ୍ତି । ବିଶୋଧନାଗାରଗୁଡ଼ିକ ଅଶୋଧିତ ତୈଳରୁ ପେଟ୍ରୋଲ ଏବଂ ଡିଜେଲ ଭଳି ଉତ୍ପାଦ ବାହାର କରିବା ପାଇଁ ନିର୍ଦ୍ଦିଷ୍ଟ କାଟାଲିଷ୍ଟ ବା ରାସାୟନିକ ପଦାର୍ଥ ବ୍ୟବହାର କରନ୍ତି । ଭେନେଜୁଏଲା ତୈଳର ପ୍ରକୃତି ଭିନ୍ନ ହୋଇଥିବାରୁ ଏଥିପାଇଁ ଭିନ୍ନ ଧରଣର କାଟାଲିଷ୍ଟ ଆବଶ୍ୟକ ହୁଏ, ଯାହା ରାତାରାତି ବଜାରରୁ କିଣିବା ସମ୍ଭବ ନୁହେଁ । ଯଦିଓ ବିଶୋଧନାଗାରର ପୁନଃନିର୍ମାଣ ବା ରି-କାଲିବ୍ରେସନ୍ ଆର୍ଥିକ ଦୃଷ୍ଟିରୁ ଅସମ୍ଭବ ନୁହେଁ, କିନ୍ତୁ ଏଥିପାଇଁ ସମୟ ଏବଂ ଅତିରିକ୍ତ ଭଣ୍ଡାରଣ କ୍ଷମତାର ଆବଶ୍ୟକତା ରହିଛି, ଯାହା ବର୍ତ୍ତମାନ ପରିସ୍ଥିତିରେ ଏକ ବଡ଼ ଆହ୍ୱାନ। ତେବେ ଏହି ସମସ୍ତ ବୈଷୟିକ ଆହ୍ୱାନ ସତ୍ତ୍ୱେ ଭାରତର ଘରୋଇ କ୍ଷେତ୍ରର ଅଗ୍ରଣୀ କମ୍ପାନୀ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏକ ଭିନ୍ନ ପନ୍ଥା ଗ୍ରହଣ କରିଛି । ବ୍ଲୁମବର୍ଗର ରିପୋର୍ଟ ଅନୁଯାୟୀ, ରିଲାଏନ୍ସ ଆମେରିକାଠାରୁ ଲାଇସେନ୍ସ ପାଇବା ପରେ ଭେନେଜୁଏଲାରୁ ପ୍ରାୟ ୨ ନିୟୁତ ବ୍ୟାରେଲ ଅଶୋଧିତ ତୈଳ ଆମଦାନୀ କରିବା ପାଇଁ ପଦକ୍ଷେପ ନେଇଛି । ଏହାର ମୁଖ୍ୟ କାରଣ ହେଉଛି ରିଲାଏନ୍ସର ଜାମନଗର ବିଶୋଧନାଗାରର ଉନ୍ନତ ଜ୍ଞାନକୌଶଳ, ଯାହା ଭାରୀ ଏବଂ ଅତି-ଭାରୀ ଅଶୋଧିତ ତୈଳକୁ ପ୍ରକ୍ରିୟାକରଣ କରିବାର କ୍ଷମତା ରଖେ । କିନ୍ତୁ ସରକାରୀ ତୈଳ କମ୍ପାନୀଗୁଡ଼ିକ ପାଇଁ ଏହା ଏତେ ସହଜ ନୁହେଁ । ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ଆଭିମୁଖ୍ୟ ଏ କ୍ଷେତ୍ରରେ ବେଶ୍ ସ୍ପଷ୍ଟ। ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲଙ୍କ ଅନୁଯାୟୀ, ନୂଆଦିଲ୍ଲୀ ଶକ୍ତି ସୁରକ୍ଷା ପାଇଁ ଯେକୌଣସି ଉତ୍ସରୁ ତୈଳ ଆମଦାନୀ କରିବାକୁ ପ୍ରସ୍ତୁତ, ଯଦି ତାହା ବାଣିଜ୍ୟିକ ଦୃଷ୍ଟିରୁ ଲାଭଦାୟକ ହୁଏ। ଐତିହାସିକ ତଥ୍ୟକୁ ଦେଖିଲେ ଜଣାପଡେ ଯେ, ୨୦୧୯-୨୦ ପର୍ଯ୍ୟନ୍ତ ଭାରତର ମୋଟ ତୈଳ ଆମଦାନୀରେ ଭେନେଜୁଏଲାର ଅଂଶ ପ୍ରାୟ ୧୦ ରୁ ୧୩ ପ୍ରତିଶତ ଥିଲା । କିନ୍ତୁ ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ କଟକଣା ଲାଗୁ ହେବା ପରେ ଏହା ବନ୍ଦ ହୋଇଯାଇଥିଲା । ପରବର୍ତ୍ତୀ ସମୟରେ ୨୦୨୩-୨୪ ରେ ଏହା ପୁନର୍ବାର ଆରମ୍ଭ ହୋଇଥିଲେ ମଧ୍ୟ କଟକଣା ପୁନଃ ପ୍ରଚଳନ ଯୋଗୁଁ ବାଧାପ୍ରାପ୍ତ ହୋଇଥିଲା ଏବଂ ବର୍ତ୍ତମାନ ଏହା ମାତ୍ର ୧-୨ ପ୍ରତିଶତରେ ସୀମିତ ରହିଛି । ଭେନେଜୁଏଲାରୁ ତୈଳ ଆମଦାନୀ ବୃଦ୍ଧି କରିବା ପଛରେ ଆଉ ଏକ ବଡ଼ କାରଣ ହେଉଛି ସେଠାକାର ରାଜନୈତିକ ଅସ୍ଥିରତା ଏବଂ ଉତ୍ପାଦନ କ୍ଷମତାର ହ୍ରାସ । ଫିଚ୍ (Fitch) ରେଟିଂ ସଂସ୍ଥାର ତଥ୍ୟ ଅନୁଯାୟୀ, ଭେନେଜୁଏଲା ନିକଟରେ ବିଶ୍ୱର ସର୍ବବୃହତ ତୈଳ ଭଣ୍ଡାର (ବିଶ୍ୱର ୧୭%) ରହିଛି । କିନ୍ତୁ ଦୀର୍ଘ ବର୍ଷର କଟକଣା ଏବଂ ନିବେଶର ଅଭାବ ଯୋଗୁଁ ଏହାର ଉତ୍ପାଦନ ଭୟଙ୍କର ଭାବେ ହ୍ରାସ ପାଇଛି । ୨୦୧୦ ମସିହାରେ ଦୈନିକ ୨.୫ ନିୟୁତ ବ୍ୟାରେଲ ଉତ୍ପାଦନ କରୁଥିବା ଏହି ଦେଶ ୨୦୨୪ ସୁଦ୍ଧା ମାତ୍ର ୦.୮୮ ନିୟୁତ ବ୍ୟାରେଲ ଉତ୍ପାଦନ କରୁଛି, ଯାହା ବିଶ୍ୱ ଉତ୍ପାଦନର ମାତ୍ର ୦.୮% ଅଟେ । ଏଭଳି ପରିସ୍ଥିତିରେ ନିରବଚ୍ଛିନ୍ନ ଯୋଗାଣ ନେଇ ସନ୍ଦେହ ରହିବା ସ୍ୱାଭାବିକ । ତଥାପି, ବିଭିନ୍ନ ରିପୋର୍ଟ ଅନୁଯାୟୀ, ଇଣ୍ଡିଆନ୍ ଅଏଲ୍ ଏବଂ ହିନ୍ଦୁସ୍ତାନ ପେଟ୍ରୋଲିୟମ ଏପ୍ରିଲ ମାସ ପାଇଁ ଭେନେଜୁଏଲାର 'ମେରେ' (Merey) ଅଶୋଧିତ ତୈଳ କିଣିବାକୁ ଅର୍ଡର ଦେଇଛନ୍ତି, ଯାହା ଭାରତୀୟ କମ୍ପାନୀଗୁଡ଼ିକର ଆଗ୍ରହକୁ ସୂଚାଉଛି । ଆର୍ଥିକ ଦୃଷ୍ଟିକୋଣରୁ ବିଚାର କଲେ, ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (SBI)ର ଏକ ଗବେଷଣା ରିପୋର୍ଟ ଦର୍ଶାଇଛି ଯେ ଯଦି ଭାରତ ଭେନେଜୁଏଲାରୁ ଅଧିକ ତୈଳ ଆମଦାନୀ କରେ, ତେବେ ଦେଶର ଆମଦାନୀ ବିଲ୍‌ରେ ପ୍ରାୟ ୩ ବିଲିୟନ ଡଲାର ସଞ୍ଚୟ ହୋଇପାରିବ । କିନ୍ତୁ ଏଥିପାଇଁ ଏକ ସର୍ତ୍ତ ରହିଛି - ଭାରତୀୟ ବିଶୋଧନାଗାରଗୁଡ଼ିକୁ ବ୍ୟାରେଲ ପିଛା ଅନ୍ତତଃ ୧୦-୧୨ ଡଲାରର ରିହାତି ମିଳିବା ଆବଶ୍ୟକ । କାରଣ ଭେନେଜୁଏଲାରୁ ଭାରତକୁ ତୈଳ ପରିବହନ ଖର୍ଚ୍ଚ ମଧ୍ୟପ୍ରାଚ୍ୟ ତୁଳନାରେ ୫ ଗୁଣ ଏବଂ ଋଷିଆ ତୁଳନାରେ ୨ ଗୁଣ ଅଧିକ । ଏହା ସହିତ ବୀମା ଖର୍ଚ୍ଚ ଏବଂ ଦୀର୍ଘ ସମୟ ଧରି ପରିବହନ ଜନିତ ସମସ୍ୟା ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।

ପରିଶେଷରେ, ଭାରତୀୟ ତୈଳ କମ୍ପାନୀଗୁଡ଼ିକ ପାଇଁ ଭେନେଜୁଏଲା ଏକ ସମ୍ଭାବ୍ୟ ବିକଳ୍ପ ହୋଇପାରେ, କିନ୍ତୁ ଏହା କୌଣସି ସହଜ ସମାଧାନ ନୁହେଁ । ଗୋଟିଏ ପଟେ ଶସ୍ତା ତୈଳ ମାଧ୍ୟମରେ ବିଦେଶୀ ମୁଦ୍ରା ସଞ୍ଚୟର ସୁଯୋଗ ରହିଛି, ଅନ୍ୟ ପଟେ ବିଶୋଧନାଗାରଗୁଡ଼ିକର ବୈଷୟିକ ସୀମାବଦ୍ଧତା, ପରିବହନ ଖର୍ଚ୍ଚ ଏବଂ ଅନ୍ତର୍ଜାତୀୟ ରାଜନୀତିର ଅନିଶ୍ଚିତତା ରହିଛି । ଯଦିଓ ରିଲାଏନ୍ସ ଭଳି ଘରୋଇ କମ୍ପାନୀ ନିଜର ଉନ୍ନତ ଭିତ୍ତିଭୂମି ବଳରେ ଏହାର ଫାଇଦା ଉଠାଇ ପାରୁଛନ୍ତି, ସରକାରୀ କମ୍ପାନୀଗୁଡ଼ିକୁ ଏ ଦିଗରେ ଅଗ୍ରସର ହେବା ପୂର୍ବରୁ ନିଜର ବିଶୋଧନ କ୍ଷମତା ଏବଂ ଆର୍ଥିକ ଲାଭ-କ୍ଷତିର ସୂକ୍ଷ୍ମ ହିସାବ କରିବାକୁ ପଡିବ । ଭାରତର ଶକ୍ତି ନିରାପତ୍ତା ପାଇଁ ଉତ୍ସର ବିବିଧିକରଣ ଜରୁରୀ, କିନ୍ତୁ ତାହା ବୈଷୟିକ ବାସ୍ତବତାକୁ ଅଣଦେଖା କରି ହେବନାହିଁ ।

# ଶ୍ରୀମନ୍ଦିରରେ ଶ୍ରୀଜଗନ୍ନାଥଙ୍କ ବାର ମାସର ପ୍ରସିଦ୍ଧ ବେଶ ଓ ନାମ



## ଶ୍ରୀ ଭୋଳାନାଥ ସାହୁ



ଅଖିଳବ୍ରହ୍ମାଣ୍ଡନାଥ ଶ୍ରୀଜଗନ୍ନାଥଙ୍କ ମହିମା ରହସ୍ୟମୟ । ସେ ଯେତେ ଶକ୍ତିର ଅଧିକାରୀ ହେଲେହେଁ ସର୍ବଦା ଭକ୍ତାଧିନ। ଭକ୍ତମାନଙ୍କ ମନକୁ ମୋହିତ କରି ତାଙ୍କୁ ଆକୃଷ୍ଟ କରିବା ପାଇଁ ସେ ବର୍ଷର ବିଭିନ୍ନ ସମୟରେ ସଂସ୍କୃତି ଓ ପରମ୍ପରା ଆଧାରରେ ଭିନ୍ନ ଭିନ୍ନ ବେଶରେ ସୁସଜ୍ଜିତ ହୋଇଥାନ୍ତି । ଯେଉଁ ବେଶ ଦର୍ଶନ କଲେ ଭକ୍ତ ପୁଣ୍ୟ ଅର୍ଜନ କରିବା ସହିତ ବୈକୁଣ୍ଠ ଯାତ୍ରା କରନ୍ତି । ପ୍ରତ୍ୟେକ ବେଶ ବିଭିନ୍ନ ସମୟଭିତ୍ତିକ ଓ ହୃଦୟସ୍ପର୍ଶୀ । ଯେଉଁ ବେଶ ଦର୍ଶନ ମାଧ୍ୟମରେ ଶ୍ରଦ୍ଧାଳୁ ତାଙ୍କର କୃପା ଲାଭ କରି ପରମତୃପ୍ତି ଅନୁଭବ କରନ୍ତି । ତାଙ୍କର ପ୍ରତ୍ୟେକ ବେଶ ପଶ୍ଚାତରେ ନିର୍ଦ୍ଦିଷ୍ଟ ମହାତ୍ମ୍ୟ ରହିଛି । ଯାହାକୁ ଜଗନ୍ନାଥ ଶ୍ରଦ୍ଧାଳୁ ମାନଙ୍କ ନିକଟରେ ଉପସ୍ଥାପନ କରିବା ମୋର କ୍ଷୁଦ୍ରତମ ଅଭିଳାଷ । ଏହି ବିଶେଷତ୍ୱକୁ ଜାଣିବା ପାଇଁ ଭକ୍ତ ଆକୃଷ୍ଟ ହୋଇ ଆସେ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବର୍ଷର ବିଭିନ୍ନ ସମୟ ଭିତିକ କେତେକ ମୁଖ୍ୟ ବେଶ ସମ୍ପର୍କରେ ଅବତାରଣା କରାଗଲା ।

୧) ଚନ୍ଦନଲାଗି ବେଶ :- ବୈଶାଖମାସ ଶୁକ୍ଳପକ୍ଷ ଅକ୍ଷୟତୃତୀୟା ଠାରୁ ୪୨ ଦିନ ପର୍ଯ୍ୟନ୍ତ ଅର୍ଥାତ ଜ୍ୟେଷ୍ଠ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ମହାପ୍ରଭୁ ଏହି ବେଶରେ ସୁସଜ୍ଜିତ ହୋଇଥାନ୍ତି ।

୨) ଗଜାନନ ବେଶ :- ଦେବସ୍ନାନ ପୂର୍ଣ୍ଣିମା ଅବସରରେ ସ୍ନାନ ମଣ୍ଡପରେ ଚତୁର୍ଦ୍ଧାମୂରତି ଏହି ବେଶ ଧାରଣ କରନ୍ତି । ବିଶେଷତଃ କର୍ଣ୍ଣାଟକର ଭକ୍ତ ଗଣପତି ଭଟ୍ଟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏହା ଅଭିପ୍ରେତ । ୩) ସୁନାବେଶ :- ଆଷାଢ଼ମାସ ଶୁକ୍ଳପକ୍ଷ ଏକାଦଶୀ ତିଥିରେ ମହାପ୍ରଭୁ ସୁନାବେଶରେ ସୁସଜ୍ଜିତ ହୁଅନ୍ତି । ଏହା ତାଙ୍କର ଐଶ୍ୱର୍ଯ୍ୟର ପ୍ରତୀକ । ଏହା ବାହୁଡ଼ା ଯାତ୍ରା ଅବସରରେ ରଥ ଉପରେ ଅନୁଷ୍ଠିତ ହୋଇଥାଏ । ଏହା ସହିତ ଶ୍ରୀଜଗନ୍ନାଥ ଅନ୍ୟ ଚାରୋଟି ସମୟରେ ମଧ୍ୟ ସୁନାବେଶ ଧାରଣ କରନ୍ତି । ଯଥା-ବିଜୟା ଦଶମୀ (ଅକ୍ଟୋବରମାସ), କାର୍ତ୍ତିକ ପୂର୍ଣ୍ଣିମା(ନଭେମ୍ବର ମାସ), ପୌଷ ପୂର୍ଣ୍ଣିମା (ଡ଼ିସେମ୍ବର ମାସ), ମାଘ ପୂର୍ଣ୍ଣିମା (ଜାନୁୟାରୀ ମାସ) ।

୪) ବଣଭୋଜି ବେଶ :- ଭାଦ୍ରବ ମାସ କୃଷ୍ଣପକ୍ଷ ଦଶମୀ ତିଥିରେ ମହାପ୍ରଭୁ ଏହି ବେଶରେ ସଜ୍ଜିତ ହୋଇଥାନ୍ତି ।

୫) କାଳୀୟ ଦଳନ ବେଶ :- ଭାଦ୍ରବ ମାସ କୃଷ୍ଣ ପକ୍ଷ ଏକାଦଶୀ ତିଥିରେ ଏହି ବେଶ ଧାରଣ କରନ୍ତି । ଶ୍ରୀକୃଷ୍ଣଙ୍କ କାଳୀୟନାଗ ନିଧନର ସ୍ମୃତି ଉଦ୍ଦେଶ୍ୟରେ ।

୬) ପ୍ରଳମ୍ବାସୁର ବେଶ :- ଭାଦ୍ରବ ମାସ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ଏହି ବେଶରେ ସଜ୍ଜିତ ହୁଅନ୍ତି । ପ୍ରଳମ୍ବାସୁର ନିଧନ କରିଥିବା ସ୍ମୃତିକୁ ଉଦ୍‌ଜୀବିତ କରିବା ପାଇଁ ।

୭) କୃଷ୍ଣବଳରାମ ବେଶ :- ଭାଦ୍ରବମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଏହି ବେଶରେ ସଜ୍ଜିତ ହୁଅନ୍ତି ।

୮) ବାମନ ବେଶ :- ମହାପ୍ରଭୁ ଭାଦ୍ରବ ମାସ ଶୁକ୍ଳପକ୍ଷ ଦ୍ୱାଦଶୀ ତିଥିରେ ବଳି ରାଜାକୁ ନିଧନ କରିଥିବା ସ୍ମୃତି ଉଦ୍ଦେଶ୍ୟରେ ଏହି ବେଶ ଧାରଣ କରନ୍ତି ।

୯) ରାଜା ବେଶ :- ଆଶ୍ୱିନମାସ ଶୁକ୍ଳପକ୍ଷ ଦଶମୀ ତିଥିରେ ମହାପ୍ରଭୁ ଏହି ବେଶରେ ସଜ୍ଜିତ ହୁଅନ୍ତି ।

୧୦) ରାଧା ଦାମୋଦର ବେଶ :- ଆଶ୍ୱିନ ମାସ ଶୁକ୍ଳପକ୍ଷ ଏକାଦଶୀ ତିଥି ଠାରୁ କାର୍ତ୍ତିକ ମାସ ଶୁକ୍ଳପକ୍ଷ ଦଶମୀତିଥି ପର୍ଯ୍ୟନ୍ତ ଏହି ବେଶରେ ସଜ୍ଜିତ ହୋଇଥାନ୍ତି । ୧୧) ଲକ୍ଷ୍ମୀନାରାୟଣ ବେଶ ବା ଠିଆକିଆ ବେଶ :- କାର୍ତ୍ତିକମାସ ଶୁକ୍ଳପକ୍ଷ ଏକାଦଶୀ ତିଥି । ୧୨) ବାଙ୍କଚୁଡ଼ ବେଶ :- କାର୍ତ୍ତିକମାସ ଶୁକ୍ଳପକ୍ଷ ଦ୍ୱାଦଶୀତିଥି । ୧୩) ତ୍ରିବିକ୍ରମ ବେଶ ବା ଡ଼ାଳିକିଆବେଶ :- କାର୍ତିକମାସ ଶୁକ୍ଳପକ୍ଷ ତ୍ରୟୋଦଶୀତିଥି ।

୧୪) ଲକ୍ଷ୍ମୀ ନୃସିଂହ ବେଶ ବା ଆଡ଼କିଆ ବେଶ :- କାର୍ତ୍ତିକମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥି ।

୧୫) ରାଜରାଜେଶ୍ୱରୀ ବେଶ :- କାର୍ତ୍ତିକମାସ ପୂର୍ଣ୍ଣିମା ତିଥି ।

୧୬) ନାଗାର୍ଜୁନ ବେଶ :- କାର୍ତିକ ମାସ ଶୁକ୍ଳପକ୍ଷ ତ୍ରୟୋଦଶୀ /ଚତୁର୍ଦ୍ଦଶୀ ତିଥି । ଅର୍ଥାତ ଯେଉଁ ବର୍ଷ ପଂଚୁକ ଛଅଦିନ ପଡ଼େ ସେହି ବର୍ଷ ମହାପ୍ରଭୁ ଏହି ବେଶରେ ସୁସଜ୍ଜିତ ହୁଅନ୍ତି ।

୧୭) ପଦ୍ମବେଶ :- ମାଘମାସ ଅମାବାସ୍ୟାଠାରୁ ବସନ୍ତ ପଂଚମୀ ମଧ୍ୟରେ ପଡୁଥିବା ବୁଧବାର କିମ୍ବା ଶନିବାରରେ ଏହିବେଶ ଧାରଣ କରନ୍ତି ।

୧୮) ଗଜଉଦ୍ଧାରଣ ବେଶ :- ମାଘମାସ ପୂର୍ଣ୍ଣିମା ତିଥିରେ ।

୧୯) ଚାଚେରୀ ବେଶ :- ଫାଲ୍ଗୁନମାସ ଶୁକ୍ଳପକ୍ଷ ଦଶମୀ ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହି ବେଶରେ ସଜ୍ଜିତ ହୁଅନ୍ତି ।

ବଡ଼ଦେଉଳର ବଡ଼ଠାକୁର ମହାପ୍ରଭୁ ଶ୍ରୀଜଗନ୍ନାଥ ରସିକିଆ ଠାକୁର ଭାବରେ ପରିଚିତ । ନିଜକୁ ସଜେଇ ହେବାରେ ସେ ବେଶ ପ୍ରିୟ ତାଙ୍କର ପ୍ରତିଟି ବେଶ ପଶ୍ଚାତରେ ସଂସ୍କୃତି ଓ ପରମ୍ପରାର ଛିଟା ରହିଛି । କେତେକ ବେଶ ମଧ୍ୟ ଭକ୍ତମାନଙ୍କର ସ୍ମୃତିକୁ ଜାଗ୍ରତ କରିବା ନିମନ୍ତେ ଉଦ୍ଦିଷ୍ଟ । ଭାବବିନୋଦିଆ ଠାକୁର ଭକ୍ତର ଭାବକୁ ଜାଣି ଲୀଳା କରିଥାନ୍ତି । ଏଭାବକୁ ଜାଣି ଯେଉଁ ଭକ୍ତ ତାଙ୍କର ନିକଟର ହୋଇପାରିଲା ତାହା ଠାକୁରଙ୍କ ବେଶ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକଳାପରେ ସ୍ଥାନୀତ ହୋଇ ଯୁଗ ଯୁଗକୁ ରହିଯାଏ, ରହିଯାଇଛି ଓ ରହିଥିବ ମଧ୍ୟ ।

ବାରମାସ ଅନୁଯାୟୀ ଶ୍ରୀଜଗନ୍ନାଥଙ୍କ ପ୍ରସିଦ୍ଧ ନାମ :- ଭାତରୁ ଚାଉଳ ଯେଉଁଠି ହୁଏ, ମାଡ଼ଖାଇ ଭକତ ପାଉଣା ଦିଏ, ଅଛୁଆଁ ଭକତ ନେତ ବାନ୍ଧୁଥାଏ, ଅଛବ ହାତରୁ ନଡ଼ିଆ ନିଏ, ମହଣ ମହଣ ସୁନାରୂପା ଥାଇ ଦରପୋଡ଼ା ହାଣ୍ଡିରେ ଯେ ଖାଏ, ହାତଗୋଡ଼ ନଥାଇ ପୂର୍ଣ୍ଣବ୍ରହ୍ମ ନାମ ଯେ ବୋଲାଏ, ବଡ଼ଭାଇ ବଳଭଦ୍ରଦେବ ଥାଉଁ ଥାଉଁ ସାରା ଜଗତ ବଡ଼ଠାକୁର ବୋଲି କହେ, ଯେଉଁ କ୍ଷେତ୍ର 'ଜଗନ୍ନାଥ ଧାମ' ନାମ ବୋଲାଏ - ସାରା ଜଗତରେ ଏମିତି କେହି ନାହିଁ ଯାହା ତୁଣ୍ଡରେ 'ଜଗନ୍ନାଥ' ନାମଟି ନଥାଏ । 'ଜଗନ୍ନାଥ' ଶବ୍ଦର ବହୁ ଅର୍ଥ ରହିଛି । ମୋ ମତରେ ଜଗନ୍ନାଥ ଶବ୍ଦର ଅର୍ଥ - 'ଜ'ର ଅର୍ଥ- ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯିଏ ଆମର ସାଥି । 'ଗ'ର ଅର୍ଥ - ଗତିଦାତା ମୁକ୍ତି ଦାତା । 'ନା'ର ଅର୍ଥ - ଯିଏ କେବେ ନା କରନ୍ତି ନାହିଁ ଅର୍ଥାତ ସଭିଙ୍କୁ ହାତବଢ଼ାଇ କୋଳାଇ ନିଅନ୍ତି । 'ଥ'ର ଅର୍ଥ - ଥରୁଟିଏ ହେଲେ ସେ ଭକତ ମୁଖରେ ହସ ଫୁଟାଇଥାଆନ୍ତି । ଯିଏ ପତିତଙ୍କ ପାଇଁ ରତ୍ନ ସିଂହାସନରୁ ଓହ୍ଲାଇ ଆସନ୍ତି । ଜଗତରେ ଏମିତି ଦିଅଁପରି ଦିଅଁଟିଏ ଅଛିକି ? ଯାହାଙ୍କୁ 'ଓମ୍ ନମଃ ଭଗବତେ ବାସୁଦେବାୟ' ମନ୍ତ୍ରରେ ପୂଜା ଆରାଧନା କରାଯାଏ । ସେହି ଜଗତର ନାଥ ଜଗନ୍ନାଥଙ୍କ ସହସ୍ର ନାମ ମଧ୍ୟରୁ ବାରମାସର ବାରଟି ପ୍ରସିଦ୍ଧ ନାମରେ ତାଙ୍କୁ ଆବାହନ କଲେ ଭକ୍ତର ମନବାଂଛା ଅଚିରେ ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି । ବାରମାସର ସେହି ପ୍ରସିଦ୍ଧ ନାମ ଗୁଡ଼ିକ ସମ୍ପର୍କରେ ନିମ୍ନରେ ସୂଚାଇ ଦେବାକୁ ଚାହେଁ। ୧) ବୈଶାଖ ମାସ - ମଧୁସୂଦନ, ୨) ଜ୍ୟେଷ୍ଠ ମାସ - ତ୍ରିବିକ୍ରମ, ୩) ଆଷାଢ଼ମାସ - ବାମନ, ୪) ଶ୍ରାବଣମାସ - ଶ୍ରୀଧର, ୫) ଭାଦ୍ରବମାସ - ହୃଷିକେଶ, ୬) ଆଶ୍ୱିନମାସ- ପଦ୍ମନାଭ, ୭) କାର୍ତ୍ତିକମାସ- ଦାମୋଦର, ୮) ମାର୍ଗଶୀରମାସ- କେଶବ, ୯) ପୌଷମାସ- ନାରାୟଣ, ୧୦) ମାଘମାସ-ମାଧବ, ୧୧) ଫାଲ୍‌ଗୁନମାସ-ଗୋବିନ୍ଦ, ୧୨) ଚୈତ୍ରମାସ- ବିଷ୍ଣୁ ।

କୁହାଯାଏ - 'କେଉଁନାମ ଧରି ଡ଼ାକିବୁ ତୁମକୁ ତୁମେ ଯେ ସର୍ବନାମ' । ସକଳସୃଷ୍ଟି ସର୍ଜନା ଭିତରେ ଜଗନ୍ନାଥଙ୍କର ଅନେକ ନାମ । ଯିଏ ତା ଭିତରେ ଓ ବାହାରେ ମଧ୍ୟ ରହିଥାନ୍ତି । ସକଳ ଜୀବଜଗତର ଅନ୍ତରଭିତରେ ଥାଇ ତୁମେ ଅମୃତକୁ ଭରି ଦେଉଥାଅ । ତୁମର ସର୍ବନାମ ଧରି ଏ ଜୀବଜଗତ ଜପ କରୁଥାଉ ଆଉ ତୁମେ ତା କଣ୍ଠରେ ବିରାଜମାନ କରି ତାକୁ ସଦ୍‌ବୁଦ୍ଧି ଦେଉଥାଅ ।

+ପ୍ରାକ୍ତନ ପ୍ରାଧ୍ୟାପକ ଓ ମୁଖ୍ୟ
ଶିକ୍ଷା ବିଭାଗ
ଉଦଳା ମହାବିଦ୍ୟାଳୟ,
ଉଦଳା, ମୟୂରଭଞ୍ଜ
ମୋ: ୯୯୩୭୧୫୧୩୧୦

# ଆମେରିକା ସହ ବୁଝାମଣା ନୂଆ ନୁହେଁ, ହୋହାଲ୍ଲା କାହିଁକି ?



## ଗୋପାଳ ମହାପାତ୍ର

ଲୋକସଭାରେ ବିରୋଧିଦଳ ନେତା ରାହୁଲ ଗାନ୍ଧୀ ଗତ ୫ ତାରିଖ ଦିନ ସରକାର ବିରୋଧରେ ଯେତେବେଳେ ଅଭିଯୋଗ ପରେ ଅଭିଯୋଗ ଆଣିବାରେ ଲାଗିଲେ ସେତେବେଳେ ଅନେକେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ଼କ୍ଟର ମନମୋହନ ସିଂହଙ୍କୁ ମନେ ପକାଇଥିବେ ନିଶ୍ଚୟ। ରାହୁଲଙ୍କ ଅଭିଯୋଗକୁ ଲୋକସଭା ପୀଠ ଗ୍ରହଣ କରି ନଥିଲେ କିନ୍ତୁ ମନମୋହନ ସିଂହଙ୍କ ସହ ଯୋଡିହୋଇଥିବା ଦୃଷ୍ଟାନ୍ତ ଜରିଆରେ ବର୍ତ୍ତମାନର ଅବସ୍ଥାକୁ ବୁଝିବାକୁ ଉଦ୍ୟମ କଲେ ଚିତ୍ର କିନ୍ତୁ ଭିନ୍ନ ଜଣାପଡେ। ୧୯୯୧ ମସିହାରେ ଜୁଲାଇ ମାସ ୨୪ ତାରିଖ। ତତ୍କାଳୀନ କେନ୍ଦ୍ରଅର୍ଥମନ୍ତ୍ରୀ ଡକ୍ଟର ମନମୋହନ ସିଂହ ଏହି ଦିନ ଯେଉଁ ପରିବର୍ତ୍ତନକାରୀ ବଜେଟ ଆଗତ କରିଥିଲେ ତାର ପ୍ରାରମ୍ଭିକ ଅଂଶ ଏବଂ ଶେଷଅଂଶ ଆଜିବି ମନେରହିଛି। ତାଙ୍କର ଭାଷଣର ପ୍ରଥମ କଥା ଥିଲା - 'ଏକ ମହାନ୍ ଆର୍ଥୀକ ଶକ୍ତି ଭାବେ ଭାରତର ଅଭ୍ୟୁଦୟର ସମୟ ଆସିଯାଇଛି'। ତାଙ୍କ ଭାଷଣର ଶେଷ ବାକ୍ୟ ଥିଲା 'ବିଶ୍ୱର କୌଣସି ଶକ୍ତି ସେଇ ବିଚାରକୁ ଅଟକାଇ ପାରିବନାହିଁ ଯାହାର ସମୟ ଆସିଯାଇଛି। ପ୍ରକୃତପକ୍ଷେ ଡ଼କ୍ଟର ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବାର ବ୍ୟବସ୍ଥା କରିଥିଲେ। ଡ଼କ୍ଟର ସିଂହ ବଜେଟ ଆଗତ କରିବାର ଦୁଇ ମାସ ପୂର୍ବରୁ ଚନ୍ଦ୍ରଶେଖରଙ୍କ ସରକାର ୨୦ଟନ ସୁନା ୟୁନିୟନ ବ୍ୟାଙ୍କ ଅଫ ସୁଇଜରଲ୍ୟାଣ୍ଡରେ ବିକ୍ରୀ କରିଦେଇଥିଲେ। ସର୍ତ୍ତ ଥିଲା ଭାରତ ସରକାର ଯେତେବେଳେ ଚାହିଁବେ ସେଇ ସୁନାକୁ ପୁନର୍ବାର କିଣିପାରିବେ। ପି.ଭି. ନରସିଂହ ରାଓଙ୍କ ସରକାର ଶାସନକୁ ଆସିବା ପରେ ତାଙ୍କ ସରକାର ୪୭ ଟନ ସୁନା ବ୍ୟାଙ୍କ ଅଫ ଇଂଲଣ୍ଡ ପାଖରେ ବନ୍ଧା ପକାଇଥିଲେ। ଏହି କାରଣରୁ ଭାରତର ଲୋକଙ୍କ ମନର ଦେଶରେ ଅର୍ଥବ୍ୟସ୍ଥାକୁ ନେଇ ନିରାଶା ଥିଲା। ଏଭଳି ଅବସ୍ଥାରେ ବଜେଟ ଆଗତ କରି ଡ଼କ୍ଟର ସିଂହ ଯାହା କହିଥିଲେ ତାକୁ ବିଶ୍ୱାସ କରିବା ମଧ୍ୟ କଠିନ ଥିଲା।

ସେ ସମୟରେ ଜର୍ଜ ଫର୍ଣ୍ଣାଡ଼ିଜ ଡ଼କ୍ଟର ସିଂହଙ୍କ ବଜେଟକୁ ସମାଲୋଚନା କରି ବଜେଟ ଭାରତର ଆର୍ଥୀକ ସ୍ୱାଧିନତା ଉପରେ ଆକ୍ରମଣ ବୋଲି କହିଥିଲେ। ଏପରିକି ଡ଼କ୍ଟର ସିଂହ ୱାସିଂଟନର ଏଜେଣ୍ଟ, ଇଷ୍ଟଇଣ୍ଡିଆ କମ୍ପାନୀ ପୁଣି ଫେରିବ ଓ ଛୋଟ ଛୋଟ ଉଦ୍ୟୋଗର ବିନାଶ ପାଇଁ ବଜେଟ ଉଦ୍ଦିଷ୍ଟ ବୋଲି ଫର୍ଣ୍ଣାଡ଼ିଜ କହିଥିଲେ। ସେତେବେଳର ବିରୋଧିଦଳର ଟାଣୁଆ ନେତା ଅଟଳବିହାରୀ ବାଜପେୟୀ କହିଥିଲେ 'ଭାରତର ସ୍ୱାର୍ଥକୁ ଅଣଦେଖା କରାଯିବା ଉଚିତ୍ ନୁହେଁ, ଆମକୁ ବଜାରର ଆବଶ୍ୟକତା ରହିଛି କିନ୍ତୁ ବଜାରବାଦ ନୁହେଁ। ସେତେବେଳେ ସମାଜର ଅନେକ ବୁଦ୍ଧିଜୀବି ମଧ୍ୟ ବଜେଟକୁ ସମାଲୋଚନା କରିଥିଲେ। ଅନେକ ମଧ୍ୟ ଦେଶକୁ ବିଘଟନ ଆଡ଼କୁ ନିଆଯାଉଛି ବୋଲି କହିଥିଲେ। କିନ୍ତୁ ପ୍ରକୃତରେ କ'ଣ ଘଟିଥିଲା ? ଡ଼କ୍ଟର ମନମୋହନ ସିଂହ ଅର୍ଥବ୍ୟବସ୍ଥାକୁ ସୁଧାରିବା ପାଇଁ ଯେଉଁ ପଦକ୍ଷେପ ନେଇଥିଲେ ତାର ଫଳ ସ୍ୱରୁପ ନରସିଂହ ରାଓ ଓ ଡ଼କ୍ଟର ସିଂହଙ୍କ ଜୋଡି କିଛି ମାସ ପରେ ବିଦେଶରେ ବନ୍ଧା / ବିକ୍ରୀ ହୋଇଥିବା ସବୁ ସୁନା ଭାରତକୁ ଫେରାଇ ଆଣିଥିଲେ ଏବେ ଆମ ଦେଶ ଅଧିକ ସୁନା କିଣୁଥିବା ଦେଶମାନଙ୍କ ମଧ୍ୟରେ ରହିଛି। ୧୯୯୬ ଓ ପରେ ୧୯୯୮ରେ ଅଟଳ ବିହାରୀ ବାଜପୟୀ ଡ଼କ୍ଟର ସିଂହଙ୍କ ନୀତିକୁ ଅଧିକ ଗତିଶୀଳ କରାଇଥିଲେ। ଡ଼କ୍ଟର ସିଂହଙ୍କ ବଜେଟର ପ୍ରଭାବ ସକରାତ୍ମକ ଥିଲା। ଫଳସ୍ୱରପ ଟାଟା, ବିରଳା, ମହିନ୍ଦ୍ରା, ଏୟାରଟେଲ, ରିଲାଏନ୍ସ, ଆଦାନୀ ସମେତ ଅନେକ ଭାରତୀୟ କମ୍ପାନୀ ବହୁରାଷ୍ଟ୍ରୀୟ କମ୍ପାନୀରେ ପରିଣତ ହୋଇପାରିଛନ୍ତି। ଦେଶର ପ୍ରତିଷ୍ପର୍ଦ୍ଧାର ପରିବେଷ ବଢିଛି। ବର୍ତ୍ତମାନର ମୋଦୀ ସରକାର ବଜେଟରେ ଅନେକ ବ୍ୟବସ୍ଥା କରିଛନ୍ତି । ଭାରତ ଏବେ ଏକ ଦୃତ ଗତିଶୀଳ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛି ଏବେ ଭାରତ ବିଶ୍ୱର ୪ର୍ଥ ଅର୍ଥବ୍ୟବସ୍ଥା ଓ ଓ ଆସନ୍ତା ଦୁଇ ଦଶନ୍ଧି ମଧ୍ୟରେ ଭାରତ 'ବିକଶିତ ଭାରତ'ରେ ପରିଣତ ହେବାର ଆଶା ରହିଛି। ଦେଶକୁ ଏହି ଅବସ୍ଥାରେ ପହଞ୍ଚାଇବା ପାଇଁ ଯେ ସହଜ ହୋଇଛି ତା ନୁହେଁ। ୨୦୦୮ ମସିହା ଅକ୍ଟୋବର ମାସର କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ। ଏହି ସମୟରେ ଭାରତ ଆମେରିକା ମଧ୍ୟରେ ପରମାଣୁ ଚୁକ୍ତି ହୋଇଥିଲା। ଚୁକ୍ତିକୁ ବିରୋଧକରି ସରକାରର ସମର୍ଥକ ବାମଦଳ ମାନେ ଡ଼କ୍ଟର ମନମୋହନ ସିଂହ ସରକାରଙ୍କଠାରୁ ସମର୍ଥକ ପତ୍ୟାହାର କରିନେଇଥିଲେ। କିନ୍ତୁ ବାମ ଦଳର ସମର୍ଥନ ପ୍ରତ୍ୟାହାରର କିଛି ଘଣ୍ଟା ମଧ୍ୟରେ ମୁଲାୟାମ ସିଂହ ମନମୋହନ ସରକାରଙ୍କୁ ସମର୍ଥନ କରିବା ପାଇଁ ଆଗେଇ ଆସିଥିଲେ। ବାମଦଳ ପରମାଣୁ ଚୁକ୍ତିକୁ ଦେଶର ସ୍ୱାର୍ଥ ପାଇଁ ହାନୀକାରକ ବୋଲି କହିଥିଲେ। ସେତେବେଳେ ବିଜେପିର ବରିଷ୍ଠ ନେତା ଲାଲକୃଷ୍ଣ ଆଡ଼ଭାନି ମଧ୍ୟ ଚୁକ୍ତିକୁ ସମାଲୋଚନା କରି କହିଥିଲେ ଯେ ଏହି ଚୁକ୍ତି ଭାରତକୁ ଆମେରିକାର ଜୁନିୟର ପାର୍ଟନର କରିଦେବ। ଏତେ ସବୁ ବିରୋଧ ପରେ ମଧ୍ୟ ମନମୋହନ ସିଂହ ଚୁକ୍ତିରୁ ଓହରି ନଥିଲେ। ସଂସଦରେ ଚୁକ୍ତି ପ୍ରସଙ୍ଗରେ ତାଙ୍କର ଉତ୍ତର ଥିଲା 'ମୁଁଏଠି ଦେଶକୁ ବିକିବା ପାଇଁ ଠିଆ ହୋଇ ନାହିଁ,ଏହି ବୁଝାବଣା ଭାରତକୁ ପରମାଣୁ ଶକ୍ତି ସମ୍ପନ୍ନ କରିବ'। ମନମୋହନ ଭୁଲ ନଥିଲେ ଏବଂ ଏହାର ସବୁଠାରୁ ବଡ଼ ପ୍ରମାଣ ହେଉଛି ବର୍ତ୍ତମାନର ସରକାର ମଧ୍ୟ ଆମେରିକା ସହ ପରମାଣୁ ଶକ୍ତି ମାମଲାରେ ବୁଝାବଣା କରିଛନ୍ତି ।

ଏ ସବୁରୁ କ'ଣ ସେତେବେଳର ଓ ଏବେର ରାଜନୈତିକ ଘଟଣାକ୍ରମ ବାବଦରେ କିଛି ଜଣାପଡୁନାହିଁ ? ଭାରତ -ଆମେରିକା ବୁଝାବଣାକୁ ନେଇ ଏବେ ଦେଶରେ ହୋ ହାଲ୍ଲା ଚାଲିଛି ଯାହା ସେତେବେଳେ ମଧ୍ୟ ହେଉଥିଲା। ୧୯୯୧ରୁ ୨୦୦୮ ମଧ୍ୟରେ ଭାରତ ଏଭଳି ଅନେକ କଥା ଦେଖିଛି। ଫରକ ହେଉଛି ସେତେବେଳେ ଯେଉଁମାନେ ଆମେରିକା ସହ ବିରୋଧ କରୁଥିଲେ ସେମାନେ ଏବେ ଶାସନରେ ଏବଂ ଯେଉଁମାନେ ଚୁକ୍ତି କରିଥିଲେ ସେମାନେ ଏବେ ବିରୋଧିଦଳରେ ବସିଛନ୍ତି। ସଂସଦରେ ବସିବାର ସ୍ଥାନ ବଦଳିବା ସହ ଆମ ମାନନୀୟ ମାନଙ୍କର ନୀତି ଓ କାର୍ଯ୍ୟଶୈଳୀ କାହିଁକି ବଦଳି ଯାଇଛି ? ଆମେରିକା ସହ ଯେଉଁ ଚୁକ୍ତି ହୋଇଛି ତାହା କାର୍ଯ୍ୟକାରୀ ହେବାକୁ ସମୟ ଅଛି। ଚୁକ୍ତିକୁ ନେଇ ସରକାର ସ୍ପଷ୍ଟ କରିଛନ୍ତି ଯେ ଦେଶର କୃଷକ, ଶ୍ରମିକ ଏବଂ ଭାରତୀୟ ବ୍ୟବସାୟୀଙ୍କ ସ୍ୱାର୍ଥ ହାନୀ ହେବା ଭଳି କୌଣସି ବୁଝାବଣା ହେବ ନାହିଁ। କିନ୍ତୁ ହଇଗୋଳ ଚାଲିଛି।

ସିଦ୍ଧାନ୍ତ ବା ବ୍ୟବହାରିକ ଭାବେ କୌଣସି ସଂପ୍ରଭୁ ଦେଶକୁ କେବଳ ବର୍ତ୍ତମାନର ସରକାର ପ୍ରତି ପସନ୍ଦ ବା ନାପସନ୍ଦ ରେ ଅଙ୍କାଯାଇ ପାରିବ ନାହିଁ। ଆଜି ବି ଦେଶରେ ସେ ସମୟର ଲୋକ ଅଛନ୍ତି ଯେଉଁମାନଙ୍କୁ ୧୯୬୫-୬୬ରେ ଆମେରିକାରୁ ଆସିଥିବା ଗହମ ଖାଇବାକୁ ପଡିଥିଲା ଯେଉଁ ଗହମ ସେ ଦେଶର କୁକୁଡାଙ୍କ ଖାଦ୍ୟ ଭାବେ ପରିଚିତ ଥିଲା। କିନ୍ତୁ ଦେଶର ହରିତ୍‌କ୍ରାନ୍ତି ହେଲା ଓ ଦେଶ ସ୍ୱାଭିମାନ ଫେରିପାଇଲା। ଯେତେବେଳେ ବିଦେଶୀ ବ୍ୟାଙ୍କମାନେ ଦେଶର କାମ ଆରମ୍ଭ କଲେ ଓ ଦେଶକୁ ବିଦେଶୀ ଗାଡି ଆସିଲା ସେତେବେଳେ ମଧ୍ୟ ବିରୋଧ କରାଯାଇଥିଲା। ଏମିତି ଅନେକ ଉଦାହରଣ ରହିଛି ଭାରତବାସୀ ହଜିଯାଇଥିବା ଗୌରବ ଫେରି ପାଇବା ପାଇଁ ସ୍ୱାଧିନତା ପୂର୍ବରୁ ପ୍ରୟାସ କରୁଛନ୍ତି ? ବିଗତ ୭୬ ବର୍ଷ ମଧ୍ୟରେ ଯଦି କିଛି ଦୁଃଖଦ ଘଟଣା ରହିଛି ଅନେକ ସୁଖଦ ଘଟଣା ମଧ୍ୟ ରହିଛି। ଅନେକ କଥା ଆମକୁ ଲଜ୍ଜିତ କରିଛି ପୁଣି ଗର୍ବ କରିବା ପାଇଁ ମଧ୍ୟ ଅନେକ କିଛି ରହିଛି। ଆମକୁ ଆମ ସ୍ୱପ୍ନ ପୁରଣ କରିବା ପାଇଁ ଆମେ ଚାହୁଁନେ କାହିଁକି ?

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪





## ଆଲିଙ୍ଗନ

### ତପନ ସାହୁ



ତା ଆଲିଙ୍ଗନରେ ଅଟକିଯାଏ
ମୋ ପୃଥିବୀ,
ବିଜୁଳି ଖେଳିଯାଏ ଦେହ ସାରା।
ସମୟ ହୋଇଯାଏ ସ୍ଥିର,
ବହେ ମଳୟ,
ଛାତି ଭିତରୁ ଶୁଭେ
କୋଇଲିର କଣ୍ଠସ୍ୱର।

ତା ଆଲିଙ୍ଗନରେ
ବାହ୍ୟ କୋଳାହଳ
ସବୁ ହୋଇଯାନ୍ତି ନୀରବ,
ସେଇ ନିରବତା ପାଲଟିଯାଏ ସଙ୍ଗୀତ।

ନିଃଶ୍ୱାସ ହୁଏ ପ୍ରଖର,
ଓଠ ରୁହେ ନୀରବ,
ଅକୁହା କଥା କୁହେ ହୃଦୟ।
ଆଖି ବନ୍ଦ ହୋଇଯାଏ ଆପେଆପେ,
ତଥାପି କଳ୍ପନାରେ
ତା ଓଠ, ନାକ, ଆଖି—
ସର୍ବୋପରି ତା ମୁହଁ ଦିସେ ସ୍ପଷ୍ଟ।

ତା ଆଲିଙ୍ଗନ ଲାଗେ
ନିରାପଦ— ସତରେ ଖୁବ୍ ନିରାପଦ।
ତା ଶ୍ୱାସର ଉଷ୍ମ ଗଳିରେ
ମୁଁ ହିଁ କରିପାରେ ରାଜତ୍ୱ।

ଆଲିଙ୍ଗନରେ ଭିତିରି ଆକାଶ ହୁଏ
ମେଘାଚ୍ଛନ୍ନ—
ବିଜୁଳିର ଘଡ଼ଘଡ଼ି, ଝଡ଼, ସିଁସିଁ ପବନ,
ଝିପି ଝିପି ବର୍ଷା,
ଅନ୍ତର୍ଦେହ ହୁଏ ଓଦା ସରସର।

ଆଲିଙ୍ଗନରେ ମହକିଯାଏ ଚତୁର୍ପାର୍ଶ୍ୱ,
ବାସୁଥାଏ କର୍ପୂର, ଚନ୍ଦନ—
କୃଷ୍ଣ... କୃଷ୍ଣ...

+ବେଲଗାଁ, ମ.ରାମପୁର
କଳାହାଣ୍ଡି, ମୋ:୯୦୧୯୩୧୮୬୮

## ଶବ୍ଦସେତୁ

### ସତ୍ୟ ସିଂ ବାଗ



ସମୁଦ୍ର ସଂସାରେ ଏକା କରିଲୁତୁ
ପ୍ରତିଶ୍ରୁତି ତୋହରି ନକଲୁ ହେତୁ
ତୋପାଖେ ପହଞ୍ଚିବ ମୋବେଦନା
ତେଣୁକରି ବାନ୍ଧୁଛି ମୁଁ ଶବ୍ଦସେତୁ....

ମିଛ ବାହାନା ତୋ ଘାରି ବୁଲାଇବ
ତୁ ନିଜକୁ ନିଜେ କରିବୁ ଛି ଛି ତୁତୁ
ସରଳ ଗୁଣୀର ମହତକୁ ତୁ ଜାଣିବୁ
ତେଣୁକରି ବାନ୍ଧୁଛି ମୁଁ ଶବ୍ଦସେତୁ.....

ସପନ ଦେଖାଇ ଛାଡିଲୁ ଲୋ ହାତ
ହୃଦୟରେ ଟାଣିଲୁ ଗାର ମିଛର ତୁ
ଅନ୍ଧାର ହଟି ଉଜ୍ଜ୍ୱଳତା ହେବ ଶୁଣିବୁ
ତେଣୁକରି ବାନ୍ଧୁଛି ମୁଁ ଶବ୍ଦସେତୁ.....

ଯେବେ ତୋହରି ଦରକାର ଥିଲା
ପାଦେ ଏଡେଇ ଛାଡିବାଟ ଗଲୁତୁ
ସମୟ ଆସିବ ମୋକବିତା କହିବ
ତେଣୁକରି ବାନ୍ଧୁଛି ମୁଁ ଶବ୍ଦସେତୁ....

+ତେରେସିଂହା, କଳାହାଣ୍ଡି
ମୋ: ୬୩୫୩୩୭୪୫୦୯



ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି
୫ ଶୁକ୍ରବାର, ୨୦ ଫେବୃଆରୀ ୨୦୨୬

# ବିଶାଲଙ୍କ ପ୍ରଶଂସକଙ୍କୁ ନିରାଶ କରିବ ଓ'ରୋମିଓ



"ଓ'ରୋମିଓ'' ଚଳଚ୍ଚିତ୍ରର ଟ୍ରେଲର ଦେଖିବା ପରେ ମନରେ ଗୋଟିଏ ସଂଶୟ ସୃଷ୍ଟି ହୋଇଥିଲା- ନିର୍ଦ୍ଦେଶକ ବିଶାଲ ଭରଦ୍ୱାଜ କ'ଣ ବ୍ୟାବସାୟିକ ସଫଳତାର ଚାପ ସମ୍ମୁଖରେ ତାଙ୍କର କଳାତ୍ମକତାକୁ ଜଳାଞ୍ଜଳି ଦେଇ ଦେଇଛନ୍ତି ଚଳଚ୍ଚିତ୍ରଟି ଦେଖିବା ପରେ ଏହାର ଉତ୍ତର ଆଂଶିକ ହଁ ବୋଲି ମନେ ହେଉଛି। ଅପରାଧ ତାଙ୍କର ପ୍ରାୟ ସବୁ ସିନେମାର କେନ୍ଦ୍ରରେ ଥିଲେ ହେଁ ସେଗୁଡ଼ିକରେ ମୁଖ୍ୟସ୍ରୋତ ସିନେମାର ଉପାଦାନ ନ ଥାଏ। ପରଦାରେ ଜଟିଳ ପରିସ୍ଥିତି ଓ ଚରିତ୍ର ମାନଙ୍କର କାର୍ବ୍ୟିକ ଚିତ୍ରଣ ପାଇଁ ବିଶାଲଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। "ଓ' ରୋମିଓ'' ସହିତ ସେ ମୁଖ୍ୟସ୍ରୋତକୁ ଚାଲି ଆସିଛନ୍ତି। ବାସ୍ତବ କାହାଣୀ ଉପରେ ଆଧାରିତ ହୋଇଥିଲେ ହେଁ ଏହି ସିନେମାଟି ବିଶାଲଙ୍କ 'ହୈଦର', ବା 'ଓମକାରା' ବା 'ମକବୁଲ' ପରି ବାସ୍ତବଧର୍ମୀ ଲାଗିଲା ନାହିଁ। ୧୯୯୦ ଦଶକରେ ମୁମ୍ବାଇର ଅଣ୍ଡର୍ୱାର୍ଲଡ୍ ? ଡନ୍ ଜଲାଲ(ଅବିନାଶ ତ୍ୱିାରୀ)ଙ୍କ ଦ୍ୱାରା ଅଫଶାନ(ତୃପ୍ତି ଡିମରୀ)ର ସ୍ୱାମୀ ହତ୍ୟାର ଶିକାର ହେବା ପରେ ସେ ସୁପାରି କିଲର ହୁସେନ ଉସ୍ତରା(ଶାହିଦ କପୁର) ପାଖକୁ ଯାଇଛି, ପ୍ରତିଶୋଧ ସ୍ୱରୂପ ଚାରିଜଣଙ୍କୁ ମାରିବାର ପ୍ରସ୍ତାବ ନେଇ। ଉସ୍ତରା ଏ କାମକୁ ପ୍ରତ୍ୟାଖ୍ୟାନ କରିବା ପରେ ଅଫଶାନ ନିଜେ ସମସ୍ତଙ୍କୁ ହତ୍ୟା କରିବାକୁ ବାହାରିପଡୁଛି। ଏ ପ୍ରକ୍ରିୟାରେ ଉସ୍ତରା ମନରେ ଅଫଶାନ ପ୍ରତି ପ୍ରେମ ଜାଗ୍ରତ ହେଉଛି। ଅଫଶାନର ଜୀବନ କିନ୍ତୁ ଗୋଟିଏ ଲକ୍ଷ୍ୟ ଉପରେ ନିବିଷ୍ଟ- ସ୍ୱାମୀଙ୍କ ହତ୍ୟାର ପ୍ରତିଶୋଧ। ଏ ଭିତରେ ଅଛି ଇଣ୍ଟେଲିଜେନ୍ ?ସ ବ୍ୟୁରୋ ଅଫିସର ଇସମାଇଲ ଖାଁ(ନାନା ପାଟେକର)ଙ୍କ ବିଚକ୍ଷଣତା, ଭ୍ରଷ୍ଟ ପୁଲିସ ଅଫିସର ଇନ୍ସପେକ୍ଟର ପଠାରେ ଭୂମିକାରେ ରାହୁଲ ଦେଶପାଣ୍ଡେଙ୍କ ଚମତ୍କାର ଅଭିନୟ ଏବଂ ସ୍ପେନ୍ର ନିର୍ଣ୍ଣାୟକ ମାଟାଡୋର ଲଢ଼େଇ। କାହାଣୀରେ କେତେକ ଅପ୍ରତ୍ୟାଶିତ ମୋଡ଼ ରହିଥିବାରୁ, ସେ ସମ୍ପର୍କରେ ଅଧିକ ଲେଖିବା ଅନୁଚିତ ହେବ। ଦର୍ଶକଙ୍କ ଚାହିଦାକୁ ଲକ୍ଷ୍ୟ କରି ଏ ଚଳଚ୍ଚିତ୍ରରେ ଆକ୍ସନ୍ ଓ ରକ୍ତପାତ ପ୍ରତି ସର୍ବାଧିକ ଗୁରୁତ୍ୱ ଦିଆଯାଇଥିଲେ ହେଁ ଏହାର ଉଲ୍ଲେଖନୀୟ ଦିଗ ହେଉଛି ସଂଳାପ ଓ ଅଭିନୟ। ଅଫଶାନ ଓ ଉସ୍ତରା ଭୂମିକାକୁ ନ୍ୟାୟ ଦେବାରେ ତୃପ୍ତି ଓ ଶାହିଦ ସାମାନ୍ୟ ଅବହେଳା କରିନାହାନ୍ତି। ତେବେ କାହାଣୀଟି ମୂଳତଃ ଅଫଶାନର ହୋଇଥିବାରୁ ସେ ଚରିତ୍ରକୁ ଯଥାର୍ଥ ସମୟ ଦିଆ ନ ଯିବା ଟିକେ ନିରାଶ କଲା। ମୁଖ୍ୟ ଖଳନାୟକ ଭୂମିକାରେ ଅଭିନାଶଙ୍କ ତୁଳନାରେ ପୁଲିସ ଅଫିସର ଚରିତ୍ରରେ ରାହୁଲଙ୍କ ଅଭିନୟ ଅଧିକ ଜୀବନ୍ତ ଓ ଦୁର୍ଦ୍ଧର୍ଷ ମନେ ହେଲା। ଅତିଥି ଚରିତ୍ରରେ ଫରିଦା ଜଲାଲ ଓ ବିକ୍ରାନ୍ତ ମେସୀ ପ୍ରଭାବଶାଳୀ ଅଭିନୟ କରିଛନ୍ତି। ଆଡ଼ମ୍ବରପୂର୍ଣ୍ଣ ଆକ୍ସନ୍ ଓ ଦିଶା ପଟାନୀଙ୍କ ଆଇଟମ୍ ଗୀତର ଦୃଶ୍ୟଗୁଡ଼ିକ ନଥିଲେ ବି କାହାଣୀଟି ସେତିକି(ବୋଧହୁଏ ଅଧିକ) ପ୍ରଭାବଶାଳୀ ହୋଇପାରନ୍ତା। ଚଳଚ୍ଚିତ୍ରର ପ୍ରଚ୍ଛଦପଟ ଗୀତଗୁଡ଼ିକ ତୁଳନାରେ ଅଫଶାନ ଓ ପଠାରେ ଦୃଶ୍ୟ ମଧ୍ୟରେ ଗାଉଥିବା ଗୀତଗୁଡ଼ିକ ଅଧିକ ଉପଭୋଗ୍ୟ ଲାଗିଲା। ମଝି ଆଡ଼କୁ ଏକ ଦୃଶ୍ୟ ରହିଛି ଯେଉଁଟି ହାସ୍ୟରସାତ୍ମକ ଦୃଶ୍ୟର ଏକ ଅଭିନବ ଦୃଷ୍ଟାନ୍ତ। ସେହି ଦୃଶ୍ୟରେ ପ୍ରେମରେ ପ୍ରତ୍ୟାଖ୍ୟାତ ହୋଇ ଘରକୁ ଫେରିବା ପରେ ଉସ୍ତାରା ହଠାତ୍ ଜୋରଜୋର କାନ୍ଦିବାକୁ ଲାଗୁଛି। ତା' କାନ୍ଦିବାର କାରଣ ନ ଜାଣି ମଧ୍ୟ ତା' ଚେଲାମାନେ ତାଳ ଦେଇ କାନ୍ଦୁଛନ୍ତି। ଏହାର ବିପରୀତ ପ୍ରଭାବ ପରଦା ସମ୍ମୁଖରେ ଦର୍ଶକଙ୍କ ଉପରେ ପଡୁଛି- କ୍ରନ୍ଦନର ତୀବ୍ରତା ଯେତିକି ବଢୁଛି, ହାସ୍ୟରୋଳର ଶବ୍ଦ ମଧ୍ୟ ସେତିକି ତୀବ୍ର ହେଉଛି। ଗମ୍ଭୀରତାର ପରିବେଶରେ ହାସ୍ୟୋଦ୍ଦୀପକ ପରିସ୍ଥିତିର ଅନେକ ଦୃଶ୍ୟ ଏହି ଚଳଚ୍ଚିତ୍ରରେ ଅଛି। ଆଉ ଏକ ପ୍ରଭାବଶାଳୀ ଦୃଶ୍ୟରେ ପ୍ରେମରେ ଉନ୍ମତ୍ତ ଉସ୍ତରା ଅଫଶାନକୁ ନିର୍ବସ୍ତ୍ର ହେବାକୁ ବାଧ କରୁଛି, ଏହି ଆଶାରେ ଯେ ତାହା ଦ୍ୱାରା ସେ ଅଫଶାନକୁ କୌଣସିମତେ ହାସଲ କରିନେବ। କିନ୍ତୁ ଅନୁଭବ କରୁଛି ଯେ ଶରୀରକୁ ହାସଲ କଲେ ବି ମନକୁ ବଳପୂର୍ବକ ହାସଲ କରିବା ସମ୍ଭବ ନୁହେଁ। "ଓ'ରୋମିଓ''ର ସବୁଠାରୁ ନିରାଶାଜନକ ଦିଗ ହେଉଛି ମୁଖ୍ୟସ୍ରୋତ ବଲିଉଡ୍ ଚଳଚ୍ଚିତ୍ର ଢଙ୍ଗରେ ଏହା ସମାପ୍ତ ହୋଇଛି- ବିଦେଶର ଏକ ପ୍ରକାଣ୍ଡ ରଣଭୂମିରେ ସୁଖଦ ପରିସମାପ୍ତି। ମନୋରଞ୍ଜନ ଦୃଷ୍ଟିରୁ ଏହି ସିନେମାଟି ଉତ୍କୃଷ୍ଟ ପର୍ଯ୍ୟାୟର ହୋଇଥିଲେ ହେଁ କ୍ଷୋଭ ଏଥିପାଇଁ ଯେ ବ୍ୟାବସାୟିକ ଚାପ ସମ୍ମୁଖରେ ଜଣେ ବିଚକ୍ଷଣ ନିର୍ଦ୍ଦେଶକଙ୍କୁ କଳାତ୍ମକ ଦିଗ ସହିତ ସାଲିସ କରିବାକୁ ପଡ଼ିଛି। ଖରାପ ଭାଷା ଓ ବିଚଳିତକାରୀ ଦୃଶ୍ୟ ଥିବାରୁ ଏହା କେବଳ ପ୍ରାପ୍ତବୟସ୍କଙ୍କ ଦେଖିବା ପାଇଁ ଉଦ୍ଦିଷ୍ଟ।

# ନକାରାତ୍ମକ ଭୂମିକାରେ ପୁଷ୍ପା



ଜୟଦେବ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ମନମୋହନ ମହାପାତ୍ରଙ୍କ ଚଳଚ୍ଚିତ୍ର 'ନିଷିଦ୍ଧସ୍ୱପ୍ନ'ରୁ ଅଭିନୟ ଯାତ୍ରା ଆରମ୍ଭ କରି ପ୍ରାୟ ଚାରି ଦଶନ୍ଧି ଧରି ଓଲିଉଡ୍ରେ ସକ୍ରିୟ ଅଛନ୍ତି ବରିଷ୍ଠ ଅଭିନେତ୍ରୀ ପୁଷ୍ପା ପଣ୍ଡା। ଯେଉଁ କାହାଣୀରେ ସ୍ନେହୀ ମାଆ ଚରିତ୍ର ଥିବ, ସେଠି ନିର୍ଦ୍ଦେଶକ ଆଗେ ଖୋଜନ୍ତି ପୁଷ୍ପାଙ୍କୁ। ଏଭଳି ଚରିତ୍ରରେ ସେ ଅନେକ ଓଡ଼ିଆ ଛବିରେ ନଜର ଆସିଛନ୍ତି। ହେଲେ ଖୁବ୍ଶୀଘ୍ର ଦର୍ଶକ ତାଙ୍କୁ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ରକ୍ତଲୀଳା'ରେ ଜଣେ ଖଳ ପ୍ରକୃତିର ମାଆ ଭୂମିକାରେ ଦେଖିବାକୁ ପାଇବେ। ଏଥିରେ ତାଙ୍କ ଅଭିନୀତ ଚରିତ୍ରର ନାଆଁ ରହିଛି ଶକୁନ୍ତଳା ଦେବୀ। ଦୁଇ ପୁଅଙ୍କ ମାଆ ରାଣୀ ଶକୁନ୍ତଳା। ତାଙ୍କର ଅନ୍ୟାୟ-ଅନୀତି ବିରୋଧରେ ସ୍ୱର ଉତ୍ତୋଳନ କରେ ବିଦ୍ରୋହୀ ଯୁବକ ଶିବା। ଏହାକୁ ପ୍ରତିହତ କରନ୍ତି ଶକୁନ୍ତଳା। ଆରମ୍ଭ ହୁଏ ରକ୍ତପାତ। ଏଥିରେ ସେ ସଫଳ ହୁଅନ୍ତି ନା ଏଥିଲାଗି ଅନୁତାପ କରନ୍ତି ସେ ଏ ପ୍ରଶ୍ନର ଉତ୍ତର ଜାଣିବାକୁ ଆପଣଙ୍କୁ ଦେବାଶିଷ ମହାରଣାଙ୍କ ନିର୍ଦ୍ଦେଶିତ 'ରକ୍ତଲୀଳା'ର ରିଲିଜ୍କୁ ଅପେକ୍ଷା କରିବାକୁ ପଡ଼ିବ। ତେବେ ଏକ ନେଗେଟିଭ୍ ଚରିତ୍ର କରିବା ଲାଗି କାହିଁକି ରାଜି ହେଲେ ବୋଲି ପଚାରିବାରୁ ପୁଷ୍ପା ପଣ୍ଡା କହିଛନ୍ତି, ''ମୁଁ ସବୁବେଳେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରିବାକୁ ଆଗ୍ରହୀ। ହେଲେ ମତେ ଅଧିକାଂଶ ସମୟରେ ମମତାମୟୀ ମାଆ, ଭାଉଜ ଓ ଭଉଣୀ ଭୂମିକା ମିଳିଛି। କିନ୍ତୁ 'ଆଜିର ରେବତୀ'ରେ ମୋତେ ନେଗେଟିଭ୍ ସେଡ୍ ଥିବା ରୋଲ୍ ମିଳିଥିଲା। ହେଲେ 'ରକ୍ତଲୀଳା'ରେ ସଂପୂର୍ଣ୍ଣ ଖଳନାୟିକୀ କରିଛି ମୁଁ। ଟିକେ ଭିନ୍ନ ଧରଣର ଚରିତ୍ର ଲାଗି ସୁଯୋଗ ମିଳିଥିବାରୁ ପରୀକ୍ଷାମୂଳକ ଭାବେ ଗ୍ରହଣ କରିଛି। ବାକି ଦର୍ଶକ କିପରି ଗ୍ରହଣ କରୁଛନ୍ତି, ତାହା ଦେଖିବାକୁ ମୁଁ ଉତ୍କଣ୍ଠିତ ଅଛି।''

# ୨୦୨୬ ଚଳଚ୍ଚିତ୍ର ଅର୍ଥନୀତି ପ୍ରୋତ୍ସାହନ ବର୍ଷ ଆରମ୍ଭ କଲା ଚୀନ୍,୮ ଟ୍ରିଲିୟନ ୧୦ ବିଲିୟନ ୟୁଆନର ଫିଲ୍ମ ଶିଳ୍ପ




ଚୀନ୍ ରାଜଧାନୀ ବେଜିଂରେ ୨୦୨୬ ଚଳଚ୍ଚିତ୍ର ଅର୍ଥନୀତି ପ୍ରୋତ୍ସାହନ ବର୍ଷ ଆରମ୍ଭ ହୋଇଛି। ଏହି ବିଶେଷ କାର୍ଯ୍ୟକ୍ରମ ଚୀନ୍ ଜାତୀୟ ଚଳଚ୍ଚିତ୍ର ବ୍ୟୁରୋ ଓ ଚୀନ୍ ମିଡିଆ ଗ୍ରୁପ୍ ଦ୍ୱାରା ମିଳିତ ଭାବରେ ଆୟୋଜିତ କରାଯାଇଛି। ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଚଳଚ୍ଚିତ୍ର ଶିଳ୍ପ ମାଧ୍ୟମରେ ଦେଶର ଆର୍ଥିକ ଓ ସାମାଜିକ ପ୍ରଗତିକୁ ନୂତନ ଗତି ପ୍ରଦାନ କରିବା। ଚାଇନା ମିଡିଆ ଗ୍ରୁପର ମହାନିର୍ଦ୍ଦେଶକ ଶାନ ହାଇକ୍ସୟୋଙ୍ଗ ବେଜିଂରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ତାଙ୍କ ସହିତ ବାଣିଜ୍ୟ ଉପମନ୍ତ୍ରୀ ୟାନ ଟୋଙ୍ଗ ଚଳଚ୍ଚିତ୍ର ଅର୍ଥନୀତିର ଭବିଷ୍ୟତ ବିଷୟରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ, ସାମାଜିକ ବିକାଶର ବିଭିନ୍ନ କ୍ଷେତ୍ର ସହିତ ଚଳଚ୍ଚିତ୍ର ଶିଳ୍ପ ଶୃଙ୍ଖଳାକୁ ଯୋଡ଼ିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଅସମ୍ପୂର୍ଣ୍ଣ ପରିସଂଖ୍ୟାନ ଅନୁଯାୟୀ, ୨୦୨୫ ମସିହାରେ ଚୀନ୍ର ଚଳଚ୍ଚିତ୍ର ଶିଳ୍ପର ମୋଟ ଉତ୍ପାଦନ ମୂଲ୍ୟ ପ୍ରଭାବଶାଳୀ ଥିଲା। ଏହା ୮ ଟ୍ରିଲିୟନ ୧୦ ବିଲିୟନ ୟୁଆନରୁ ଅଧିକ ଥିଲା। ଯାହା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଚଳଚ୍ଚିତ୍ରଗୁଡ଼ିକୁ ବର୍ତ୍ତମାନ ଅର୍ଥନୈତିକ ଓ ସାମାଜିକ ବିକାଶର ବିଭିନ୍ନ କ୍ଷେତ୍ର ସହିତ ଗଭୀର ଭାବରେ ଜଡିତ କରାଯାଉଛି। ସରକାର, ବ୍ୟାଙ୍କ ଓ ମନୋରଞ୍ଜନ ପ୍ଲାଟଫର୍ମଗୁଡ଼ିକ ମିଳିତ ଭାବରେ ଏହି କ୍ଷେତ୍ରକୁ ଏକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ପ୍ରୋତ୍ସାହନ ଘୋଷଣା କରିଛନ୍ତି। ଚଳଚ୍ଚିତ୍ର ବଜାରକୁ ପୁନରୁଦ୍ଧାର କରିବା ପାଇଁ ବର୍ଷସାରା ଅତି କମରେ ୧.୨ ବିଲିୟନ ୟୁଆନ ସବସିଡି ଯୋଗାଇ ଦିଆଯିବ। ଏହି ବିପୁଳ ସବସିଡିର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଚଳଚ୍ଚିତ୍ର ବଜାରକୁ ପୁନରୁଦ୍ଧାର କରିବା ଓ ନୂତନ ନିବେଶକୁ ଆକର୍ଷିତ କରିବା। ଚୀନ୍ ବର୍ତ୍ତମାନ ଏହାର ଅତ୍ୟାଧୁନିକ ଏଲ୍ଇଡି ସିନେମା ସ୍କ୍ରିନିଂ ପ୍ରଯୁକ୍ତିବିଦ୍ୟା ପାଇଁ ସାରା ବିଶ୍ୱରେ ପ୍ରସିଦ୍ଧ। ଚୀନ୍ର ଏଲ୍ଇଡି ପ୍ରଯୁକ୍ତିବିଦ୍ୟା ବର୍ତ୍ତମାନ ପ୍ରଯୁକ୍ତିବିଦ୍ୟା ଉନ୍ନତି ଦୃଷ୍ଟିରୁ ବିଶ୍ୱର ନେତୃତ୍ୱ ନେଉଛି। ପରିସଂଖ୍ୟାନ ଏହା ମଧ୍ୟ ଦର୍ଶାଉଛି ଯେ, ଏଲ୍ଇଡି ସିନେମା ସଂଖ୍ୟା ଦୃଷ୍ଟିରୁ ଚୀନ୍ ବିଶ୍ୱରେ ପ୍ରଥମ ସ୍ଥାନରେ ଅଛି। ଚଳଚ୍ଚିତ୍ର ଅର୍ଥନୀତି ପ୍ରୋତ୍ସାହନ ବର୍ଷ ଅନ୍ତର୍ଗତ ଦେଶବ୍ୟାପୀ ବିଭିନ୍ନ ପ୍ରଚାରମୂଳକ କାର୍ଯ୍ୟକଳାପ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକଳାପର ପ୍ରାଥମିକ ଲକ୍ଷ୍ୟ ହେଉଛି ଚଳଚ୍ଚିତ୍ର ସମ୍ବନ୍ଧୀୟ ବ୍ୟବହାରକୁ ଉତ୍ସାହିତ କରିବା ଓ ସିନେମା ଘରେ ଦର୍ଶକଙ୍କ ଉପସ୍ଥିତି ବୃଦ୍ଧି କରିବା। ଏହି ପଦକ୍ଷେପ କେବଳ ଚଳଚ୍ଚିତ୍ର ଶିଳ୍ପକୁ ସୁଦୃଢ଼ କରିବ ନାହିଁ ବରଂ ଚୀନ୍ର ସାମଗ୍ରିକ ସାମାଜିକ ଏବଂ ଆର୍ଥିକ ବିକାଶକୁ ମଧ୍ୟ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି।

# ଏତେ ବଡ ସେଲିବ୍ରେଟି, ରାସ୍ତା କଡରେ ଠିଆ ହୋଇ ଛାଣିଲେ ବଡାପାଓ୍ୱ



ଚଳଚ୍ଚିତ୍ର ଅଭିନେତା ଆଶିଷ ବିଦ୍ୟାର୍ଥୀ ତାଙ୍କ ଚଳଚ୍ଚିତ୍ର ବ୍ୟତୀତ ତାଙ୍କର ବ୍ଲଗ୍ ପାଇଁ ମଧ୍ୟ ଜଣାଶୁଣା। ଆଶିଷ ଦେଶ ସାରା ଭ୍ରମଣ କରନ୍ତି, ବିଭିନ୍ନ ସଂସ୍କୃତିକୁ ଅନୁସନ୍ଧାନ କରନ୍ତି ଏବଂ ସ୍ଥାନୀୟ ଖାଦ୍ୟର ମଜା ନିଅନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ଯେ ଫିଲ୍ମ ଇଣ୍ଡଷ୍ଟ୍ରିରେ କାମ କରୁଥିବା ପ୍ରତ୍ୟେକ ଅଭିନେତା ଯେତେବେଳେ ନିଜ ସ୍ୱାସ୍ଥ୍ୟ ପ୍ରତି ଏତେ ସଚେତନ ଏବଂ ଡାଏଟ୍ ଫୁଡ୍ ଖାଆନ୍ତି, ସେତେବେଳେ ଆଶିଷ ଡାଏଟିଂଠାରୁ ବହୁତ ଦୂରରେ ଅଛନ୍ତି ଏବଂ ସମସ୍ତ ପ୍ରକାରର ଖାଦ୍ୟ ଉପଭୋଗ କରନ୍ତି। ଆଶିଷ ପ୍ରାୟତଃ ତାଙ୍କ ଇନଷ୍ଟାଗ୍ରାମ ଏବଂ ୟୁଟ୍ୟୁବରେ ଏଭଳି ଖାଦ୍ୟ ଭିଡିଓ ସେୟାର କରନ୍ତି ଯାହାକୁ ଦେଖିଲେ କାହାର ବି ପାଟିରୁ ଲାଳ ଗଡିଯିବ। ଅଭିନେତା ବର୍ତ୍ତମାନ ପୁଣେ ଗସ୍ତ କରିଥିଲେ। ସେଠାରେ ସେ ଏତେ ଆନନ୍ଦରେ ଡିପ୍-ଫ୍ରାଏଡ୍ ଆଇଟମ ଖାଇଥିଲେ ଯେ ଆପଣ ଦେଖିଲେ ସେଠାକୁ ଯିବାକୁ ମନ କରିବେ। ଆଶିଷ ତାଙ୍କ ଭିଡିଓରେ କହୁଛନ୍ତି ଯେ ସେ ଏକ କାର୍ଯ୍ୟକ୍ରମ ପାଇଁ ପୁଣେ ଯାଇଥିଲେ। କାର୍ଯ୍ୟକ୍ରମ ଶେଷ ହେବା ପରେ, ତାଙ୍କୁ କିଛି ଭଲ ଦେଶୀ ଖାଦ୍ୟ ଖାଇବାକୁ ଇଚ୍ଛା ହେଲା, ତେଣୁ ସେ ଏକ ବଡାପାଓ୍ୱ ଷ୍ଟଲକୁ ଗଲେ। ସେ ଆଗରୁ ବି ଏଠାକୁ ଯାଇଥିଲେ। ଭିଡିଓରେ ଆପଣ ଦେଖିପାରିବେ ଯେ ଅଭିନେତା ବଡାପାଓ୍ୱ ଷ୍ଟଲକୁ ପାଖରେ ପହଞ୍ଚିବା ମାତ୍ରେ ଦୋକାନୀ ତାଙ୍କୁ ଦେଖି ବହୁତ ଖୁସି ହୋଇଯାଆନ୍ତି। ସେ ତାଙ୍କୁ କୁହନ୍ତି ଯେ ସେ ତାଙ୍କ ହ୍ୱାଟ୍ସଆପରେ ଅଭିନେତାଙ୍କ ଷ୍ଟାଟସ୍ ପୋଷ୍ଟ କରିଥିଲେ ଯେତେବେଳେ ପୂର୍ବ ଥର ଆସିଥିଲେ। ତା'ପରେ ଅଭିନେତା ବୁଝାନ୍ତି ଯେ ତାଙ୍କ ଶେଷ ଗସ୍ତର କଣ୍ଟେଣ୍ଟ୍ ଖରାପ ହୋଇଯାଇଛି, ତେଣୁ ସେ ଆଜି ଆଉଥରେ ଆସିଛନ୍ତି। ତା'ପରେ ଅଭିନେତା ଷ୍ଟଲରେ ଠିଆ ହୋଇ ବଡାପାଓ୍ୱ, ଆଳୁ ପକୁଡି ଆଉ ପିଆଜ ଖାଆନ୍ତି। ଯେତେବେଳେ ସେ ବଡାପାଓ୍ୱ କାମୁଡ଼ି ଦିଅନ୍ତି, ଲଙ୍କା ଯୋଗୁଁ ତାଙ୍କ ଜିଭ ପୋଡେ। ପାଖରେ ଥିବା ଜଣେ ମହିଳା ତାଙ୍କୁ କୁହନ୍ତି ଫୁଙ୍କି ଫୁଙ୍କି ଖାଇବାକୁ। ତେବେ ଏହି ଦୃଶ୍ୟ ଦେଖିଲେ ଆପଣଙ୍କୁ ଲାଗିବ ନାହିଁ ଯେ ସେ ଜଣେ ବଡ ସେଲିବ୍ରେଟୀ। ସେ ଜଣେ ସାଧାରଣ ଲୋକଙ୍କ ପରି ଷ୍ଟଲରେ ଠିଆ ହୋଇ ଖାଦ୍ୟର ମଜା ନେଉଛନ୍ତି, ତାହା ମଧ୍ୟ ବହୁତ ଖୁସିର ସହିତ। ଖାଲି ସେତିକି ନୁହେଁ ନିଜେ ମଧ୍ୟ ଛାଣୁଛନ୍ତି।

# ଅଭିନେତ୍ରୀ ତ୍ରିଶାଙ୍କୁ ନେଇ ତାମିଲନାଡୁ ବିଜେପି ମୁଖ୍ୟଙ୍କ ବିବାଦୀୟ ମନ୍ତବ୍ୟ

ଅଭିନେତା ତଥା ରାଜନେତା ବିଜୟଙ୍କ ସହିତ ତାଙ୍କ ନାମ ଯୋଡି ଅପମାନଜନକ ମନ୍ତବ୍ୟ ଦେବାକୁ ନେଇ ଲୋକପ୍ରିୟ ଅଭିନେତ୍ରୀ ତ୍ରିଶା କ୍ରିଷ୍ଣନ ତାମିଲନାଡୁ ବିଜେପି ମୁଖ୍ୟ ନୈନାର ନାଗେନ୍ଦ୍ରନଙ୍କୁ ତୀବ୍ର ନିନ୍ଦା କରିଛନ୍ତି। ତ୍ରିଶା ତାଙ୍କ ଓକିଲଙ୍କ ଏକ ବିବୃତିକୁ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟରେ ସେୟାର କରି ନାଗନ୍ଦ୍ରେନଙ୍କ ମନ୍ତବ୍ୟକୁ ଅରୁଚିକର ବୋଲି କହିଛନ୍ତି। ରାଜ୍ୟ ରାଜନୀତିରେ ଏତେବଡ଼ ପଦବୀରେ ଥିବା ଜଣେ ବ୍ୟକ୍ତିଙ୍କଠାରୁ ଏପରି ଅନୁପଯୁକ୍ତ ଓ ଅରୁଚିକର ମନ୍ତବ୍ୟ ଆଶା କରୁନଥିଲେ ବୋଲି କହିଛନ୍ତି। ତାଙ୍କର କୌଣସି ରାଜନୈତିକ ଦଳ ସହିତ କୌଣସି ସମ୍ପୃକ୍ତି ନାହିଁ କିମ୍ବା ସେ ରଖିବାକୁ ଚାହୁନାହାନ୍ତି। ରାଜନୀତିରେ ସେ ସର୍ବଦା ନିରପେକ୍ଷତା ଅବଲମ୍ବନ କରିଆସିଛନ୍ତି ଓ ନିଜର ପରିଚୟ ଜଣେ କଳାକାର ଭାବେ ବଜାୟ ରଖିବାକୁ ଚାହାନ୍ତି ବୋଲି ଏଥିରେ କହିଛନ୍ତି। ନାଗେନ୍ଦ୍ରନ ତ୍ରିଶାଙ୍କ ନାଁ ନେଇ ବିଜୟଙ୍କୁ ସମାଲୋଚନା କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିଲା। ଶାସକ ଡିଏମ୍କେର ସାଂସଦ କାନିମୋଝି ନାଗେନ୍ଦ୍ରନଙ୍କୁ ସମାଲେଚନା କରି କହିଥିଲେ, ଜଣେ ରାଜନେତାଙ୍କ ବ୍ୟକ୍ତିଗତ ଜୀବନକୁ ସମାଲୋଚନା କରିବା ଅସଭ୍ୟତାର କାମ। ସୂଚନାଯୋଗ୍ୟ, ବିଜୟଙ୍କ ନବଗଠିତ ଟିଭିକେ ଏଥର ତାମିଲନାଡୁ ବିଧାନସଭା ନିର୍ବାଚନରେ ପଦାର୍ପଣ କରିବାକୁ ଯାଉଛି। ଏପରିସ୍ଥଳେ ନାଗେନ୍ଦ୍ରନ୍ ବିଜୟଙ୍କୁ ସମାଲୋଚନା କରି କହିଥିଲେ, ତାଙ୍କ ଉପରେ ମୋତେ ଦୟା ଆସୁଛି। ତାଙ୍କର ରାଜନୀତିରେ କୌଣସି ଅଭିଜ୍ଞତା ନାହିଁ। ପ୍ରଥମେ ସେ ତ୍ରିଶାଙ୍କ ଘରୁ ବାହାରି ନିଜ ପରିବାର ସହିତ ସୁସମ୍ପର୍କ ସ୍ଥାପନ କରନ୍ତୁ।




ବରିଷ୍ଠ ଚିତ୍ରନାଟ୍ୟ ଲେଖକ ତଥା ସଲମାନ ଖାନଙ୍କ ପିତା ସଲିମ ଖାନ ଅସୁସ୍ଥତା କାରଣରୁ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ପାପାରାଜି ବିରାଲ ଭୟାନି ତାଙ୍କ ଇନଷ୍ଟାଗ୍ରାମ ହ୍ୟାଣ୍ଡେଲରେ ଏହି ଖବର ସେୟାର କରିଛନ୍ତି। ମଙ୍ଗଳବାର, ଫେବୃଆରୀ ୧୭ ତାରିଖରେ, ସେ ଲୀଳାବତୀ ହସ୍ପିଟାଲ ବାହାରୁ ଏକ ଭିଡିଓ ପୋଷ୍ଟ କରିଥିଲେ, କ୍ଲିପର କ୍ୟାପସନରେ କହିଥିଲେ, ସଲିମ ଖାନ ଲୀଳାବତୀ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସଲମାନ ଖାନଙ୍କୁ ମଧ୍ୟ ଲୀଳାବତୀ ହସ୍ପିଟାଲ ବାହାରେ ଦେଖିବାକୁ ମିଳିଥିଲା। ସେ ବହୁତ ବ୍ୟସ୍ତ ଥିବା ପରି ମନେହେଉଥିଲା, କିନ୍ତୁ ସଲମାନ ଖାନଙ୍କ ପରିବାର ତରଫରୁ ଏପର୍ଯ୍ୟନ୍ତ ସଲିମ ଖାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ। ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରିବାର ସଠିକ୍ କାରଣ ମଧ୍ୟ ଏପର୍ଯ୍ୟନ୍ତ ଜଣାପଡିନାହିଁ। ବର୍ତ୍ତମାନ ସଲିମ ଖାନଙ୍କ ବୟସ ୯୦ ବର୍ଷ। ସେ ବଲିଉଡ୍ ଇଣ୍ଡଷ୍ଟ୍ରିର ଜଣେ ପ୍ରବୀଣ ଚିତ୍ରନାଟ୍ୟ ଲେଖକ। ଜାଭେଦ ଅଖତରଙ୍କ ସହ ତାଙ୍କର ଜବରଦସ୍ତ ଯୋଡ଼ି ଥିଲା, ସେମାନେ ସଲିମ-ଜାଭେଦ ନାମରେ ଜଣାଶୁଣା। ଏକାଠି ସେମାନେ ବଲିଉଡକୁ ଅନେକ ହିଟ୍ ସିନେମା ଦେଇଛନ୍ତି। ସେମାନେ ଶୋଲେରେ ଏକାଠି କାମ କରିଥିଲେ, ଦିଓ୍ୱାର, ଜଞ୍ଜିର ଓ ଡନ୍ ଭଳି ବ୍ଲକବଷ୍ଟର ସିନେମା ଲେଖିଥିଲେ। ସେ ଅମିତାଭ ବଚ୍ଚନଙ୍କ 'ଆଙ୍ଗ୍ରି ୟଙ୍ଗମ୍ୟାନ୍' କ୍ୟାରେକ୍ଟର କ୍ରିଏଟ୍ କରିଥିଲେ। ସଲିମ-ଜାଭେଦଙ୍କ ଲେଖା ଚଳଚ୍ଚିତ୍ରଦୁନିଆକୁ ଜୀବନର ଏକ ନୂତନ ରୂପ ଦେଇଥିଲା।

# ସତ କି ଷଡ଼ଯନ୍ତ୍ର... ଟ୍ରେଲର ଖୋଲିଦେଲା ଭୟଙ୍କର ରହସ୍ୟ

'ଦି କେରଳ ଷ୍ଟୋରୀ ୨ - ଗୋଜ୍ ବିୟଣ୍ଡ'ର ବହୁ ପ୍ରତୀକ୍ଷିତ ଟ୍ରେଲର ଶେଷରେ ମୁକ୍ତିଲାଭ କରିଛି। ବିପୁଲ ଅମୃତଲାଲ ଶାହଙ୍କ ଦ୍ୱାରା ନିର୍ମିତ ଏହି ଚଳଚ୍ଚିତ୍ରଟି ୨୦୨୨ର ଲୋକପ୍ରିୟ ଚଳଚ୍ଚିତ୍ର 'ଦି କେରଳ ଷ୍ଟୋରୀ'ର ସିକ୍ୱେଲ୍ ଏବଂ ଏଥର କାହାଣୀକୁ ଏକ ବ୍ୟାପକ ଏବଂ ଅଧିକ ଗମ୍ଭୀର ଦିଗରେ ଉପସ୍ଥାପିତ କରାଯାଇଛି। ଟ୍ରେଲରରେ ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ କେରଳ ଭଳି ରାଜ୍ୟର ପୃଷ୍ଠଭୂମିରେ ଧର୍ମାନ୍ତରୀକରଣ ଏବଂ ସମ୍ପର୍କ ନାଁରେ କଥିତ ଷଡ଼ଯନ୍ତ୍ରର ସ୍ତରଗୁଡ଼ିକୁ ଦର୍ଶାଯାଇଛି। ନିର୍ଦ୍ଦେଶକ କାମାକ୍ଷା ନାରାୟଣ ସିଂହ ଏହାକୁ ତିନି ଜଣ ଯୁବତୀଙ୍କ ଯନ୍ତ୍ରଣାଦାୟକ ଯାତ୍ରା ମାଧ୍ୟମରେ ଉପସ୍ଥାପନ କରିଛନ୍ତି, ଯେଉଁଠାରେ ପ୍ରେମ, ବିଶ୍ୱାସ ଏବଂ ପରିଚୟ ମଧ୍ୟ ସଂଘର୍ଷ ଦେଖାଯାଉଛି। ଏହି ଫିଲ୍ମଟି ଫେବୃଆରୀ ୨୭ରେ ମୁକ୍ତିଲାଭ କରିବାର ଯୋଜନା ରହିଛି। ଟ୍ରେଲରଟି ଏକ ଭୟଙ୍କର ଚେତାବନୀ ସହିତ ଆରମ୍ଭ ହେଉଛି, 'ଭାରତ ଆଗାମୀ ୨୫ ବର୍ଷ ମଧ୍ୟରେ ଏକ ଇସଲାମିକ୍ ରାଷ୍ଟ୍ରରେ ପରିଣତ ହୋଇପାରେ।' ଅଳ୍ପ ସମୟ ପରେ, କାହାଣୀଟି ରାଜସ୍ଥାନକୁ ସ୍ଥାନାନ୍ତରିତ ହୁଏ, ଯେଉଁଠାରେ ଏକ ଦୁଃଖୀ ହିନ୍ଦୁ ପରିବାର ଚଢଉଝଢ ଅଭିଯୋଗ ଦାୟର କରିବା ପାଇଁ ପୋଲିସ ଷ୍ଟେସନରେ ପହଞ୍ଚେ। ସେମାନେ ଅଭିଯୋଗ କରନ୍ତି ଯେ ସେମାନଙ୍କ ୧୬ ବର୍ଷୀୟ ଝିଅକୁ ବଳପୂର୍ବକ ଇସଲାମ ଧର୍ମ ଗ୍ରହଣ କରାଯାଇଛି। ବାପାମାଆଙ୍କ ଯନ୍ତ୍ରଣା ଏବଂ ଅସହାୟତା ପରବର୍ତ୍ତୀ କାହାଣୀର ସ୍ୱର ପ୍ରସ୍ତୁତ କରେ। ସେଠାରୁ କାହାଣୀଟି ମଧ୍ୟପ୍ରଦେଶକୁ ଗତି କରେ, ଯେଉଁଠାରେ ଜଣେ ହିନ୍ଦୁ ଝିଅକୁ ବିବାହ ପାଇଁ ପ୍ରତାରଣା କରାଯାଏ ଏବଂ ତା'ପରେ ତାଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ କରାଯାଏ ବୋଲି ଅଭିଯୋଗ ହୋଇଛି। ନୀରବ ଯନ୍ତ୍ରଣା ଏବଂ ଏକେଲାପଣ, ବିଶ୍ୱାସଘାତକତା ଏବଂ ଧୋକା ଏବଂ ଅବିଶ୍ୱାସର ଏକ ଭୟଙ୍କର ଚିତ୍ର ଆଙ୍କିଥାଏ। ଚଳଚ୍ଚିତ୍ରର ତୃତୀୟ ଅଭିନୟ କେରଳକୁ ଫେରିଥାଏ, ଯେଉଁଠାରେ ଜଣେ ମୁସଲିମ ପୁରୁଷ ତାଙ୍କ ହିନ୍ଦୁ ପ୍ରେମିକାଙ୍କୁ ଲିଭ-ଇନ୍-ରିଲେସନସିପ୍ର ପ୍ରସ୍ତାବ ଦିଅନ୍ତି। ଯେତେବେଳେ ଝିଅଟି ମନା କରିଦିଏ ଯେ ସେ ତାଙ୍କ ଧର୍ମ ପରିବର୍ତ୍ତନ କରିବେ ନାହିଁ, ସେତେବେଳେ ପରିସ୍ଥିତି ବିଗିଡିଯାଏ।

# ଫକୀରମୋହନ ବିଶ୍ୱବିଦ୍ୟାଳୟର ସାମାଜିକ କାର୍ଯ୍ୟ ବିଭାଗର ଗ୍ରାମୀଣ ଶିବିର 'ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ' ଆରମ୍ଭ




ବାଲେଶ୍ୱର, ୧୯/୨ (ନି.ପ୍ର): ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମାଜିକ କାର୍ଯ୍ୟ ବିଭାଗର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା "ସିଦ୍ଧାନ୍ତ ଓ ପ୍ରାୟୋଗିକ ମହାସଂଗମ" ନାମକ ଗ୍ରାମୀଣ ଶିବିର ବାବନ୍ଧ ଗ୍ରାମ, ସିଆଡିମେଳ ପଞ୍ଚାୟତ ଅନ୍ତର୍ଗତ କୁମ୍ଭକ୍ଷେତ୍ରରେ ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ଓ ନିର୍ଦ୍ଦେଶନାରେ ଆୟୋଜିତ ଏହି ଶିବିର ୧୯ ତାରିଖରୁ ଆରମ୍ଭ ହୋଇ ୨୮ ତାରିଖରେ ସମାପ୍ତ ହେବ । ସାମାଜିକ କାର୍ଯ୍ୟ ବିଭାଗର ସଂଯୋଜିକା ଡ଼କ୍ଟର ଗ୍ରେସ ବାହାଲେନ ମୁଣ୍ଡଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଗ୍ରାମୀଣ ଶିବିରରେ ୨୧ ଜଣ ଛାତ୍ରଛାତ୍ରୀ ଯୋଗଦେଇଛନ୍ତି । ସାମାଜିକ କାର୍ଯ୍ୟ ବିଭାଗର ସହାୟକ ଅଧ୍ୟାପିକା ରଶ୍ମିରେଖା ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ଉଦଘାଟନୀ ଉତ୍ସବରେ ଅଳଙ୍କାର ଜୁଏଲରର ନିର୍ଦ୍ଦେଶିକା ଶ୍ରୀମତୀ ଦର୍ଶନା ସାଗଭୀ ମୁଖ୍ୟ ଅତିଥି ଭାବେ, ଶିଳ୍ପୀ କେଶୁ ଦାସ ମୁଖ୍ୟ ବକ୍ତା ଭାବେ ଓ ସ୍ଥାନୀୟ ପୂର୍ବତନ ସରପଞ୍ଚ ଶ୍ରୀ ପତିତପାବନ ସିଂ ଆମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଗ୍ରାମୀଣ ଉନ୍ନତିରେ ଶିକ୍ଷାନୁଷ୍ଠାନମାନଙ୍କ ଭୂମିକା ସମ୍ବନ୍ଧରେ ନିଜ ମୂଲ୍ୟବାନ ମତାମତ ପ୍ରକାଶ କରିଥିଲେ । ବିଭାଗର ସହାୟକ ଅଧ୍ୟାପିକା ସୁପ୍ରିୟା ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ଏହି ପ୍ରଶିକ୍ଷଣ ଶିବିର ମାଧ୍ୟମରେ ଛାତ୍ରଛାତ୍ରୀମାନେ କେମିତି ପ୍ରାୟୋଗିକ ଜ୍ଞାନ ଅର୍ଜନ କରିବେ, ସେଥିପାଇଁ ଆଲୋକପାତ କରିଥିଲେ । ସୂଚନାନୁସାରେ, କୁମ୍ଭକ୍ଷେତ୍ର ସମେତ ଚାରିଟି ଗ୍ରାମର ଗ୍ରାମବାସୀଙ୍କ ଜୀବନଜୀବିକା, ସ୍ୱାସ୍ଥ୍ୟ, ଶିକ୍ଷା, ଲୋକକଳା, ସାହିତ୍ୟ ଓ ସ୍ଥାପତ୍ୟ ଆଦି ବିଭିନ୍ନ ବିଷୟରେ ସବିଶେଷ ତଥ୍ୟ ସଂଗ୍ରହ କରାଯାଇ ସେଗୁଡ଼ିକର ବିବରଣୀ ପ୍ରସ୍ତୁତ କରାଯିବ । ଅଂଶଗ୍ରହଣ ମୂଳକ ଗ୍ରାମୀଣ ଅଧ୍ୟୟନ ପ୍ରକ୍ରିୟା ମାଧ୍ୟମରେ ଗ୍ରାମବାସୀଙ୍କ ସମସ୍ୟା, ସମ୍ବଳ ଓ ଦୈନନ୍ଦିନ ଜୀବନଶୈଳୀ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହ କରାଯିବ । ପ୍ରତ୍ୟେକ ଛାତ୍ରଛାତ୍ରୀ ଗୋଟିଏ ଦିନ ସମ୍ପୂର୍ଣ୍ଣ ଭାବେ ଗ୍ରାମବାସୀଙ୍କ ସହ ଅତିବାହିତ କରି ସେମାନଙ୍କ ରୀତିନୀତି, ପରମ୍ପରା ଓ ଖାଦ୍ୟପାନୀୟ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭବ ଅର୍ଜନ କରିବେ । ଏହା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପଥପ୍ରାନ୍ତ ନାଟକ ପରିବେଷଣ, ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟମାନଙ୍କ ସହ ଆଲୋଚନା ଓ ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ ଆଦି କାର୍ଯ୍ୟକ୍ରମ ସଂଯୋଜିତ ହୋଇଛି । ଉଦଘାଟନୀ କାର୍ଯ୍ୟକ୍ରମକୁ ଛାତ୍ରୀ ବିଷ୍ଣୁପ୍ରିୟା ସାହୁ ସଂଯୋଜନା କରିଥିବାବେଳେ ଛାତ୍ରୀ ରୋଶନୀ ଦତ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ ।

# ଅଧାପନ୍ତରିଆ ଡ୍ରେନକୁ ନେଇ ତେଜୁଛି ଅସନ୍ତୋଷ

ଚମ୍ପୁଆ, ୧୯/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅନ୍ତର୍ଗତ ପଡୁଆ ପଞ୍ଚାୟତର ନିଶାଗଡ଼ିଆ ଗ୍ରାମରେ ନିର୍ମାଣାଧୀନ ଡ୍ରେନ କାମ ଅଧାପନ୍ତରିଆ ଭାବେ ପଡିରହିଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ତେଜୁଥିବା ଦେଖିବାକୁ ମିଳିଛି । ସୂଚନା ଅନୁଯାୟୀ, ନିଶାଗଡ଼ିଆ ଗ୍ରାମରେ ଆର୍ଥିକ ବର୍ଷ ୨୦୨୪-୨୦୨୫ ରେ ଗ୍ରାମ୍ୟ ରାସ୍ତା କଡରେ ମୁକ୍ତା ମୁଣ୍ଡାଙ୍କ ଘର ଠାରୁ ଟଙ୍କ ମୁଣ୍ଡାଙ୍କ ଘର ପର୍ଯ୍ୟନ୍ତ ଜଳ ନିଷ୍କାସନ ପାଇଁ ସିମେଣ୍ଟ କଂକ୍ରିଟ ଡ୍ରେନ ନିର୍ମାଣ ନିମନ୍ତେ ଅଟକଳ ୩ ଲକ୍ଷ ଟଙ୍କା ଅନୁଦାନ ଦିଆଯାଇଛି । ଏହି କାର୍ଯ୍ୟର କାର୍ଯ୍ୟାଦେଶ ଚମ୍ପୁଆ ପଞ୍ଚାୟତ ସମିତି ନାମରେ ଥିବାବେଳେ ଡ୍ରେନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଛି । ଅଧା ଢ଼ଳେଇ କାମ ହୋଇଥିବା ବେଳେ ଅଧା ଖାଲ ଭିତରୁ ରଡ଼ ବାହାରକୁ ବାହାରି ରହିଛି । ଏହି କାର୍ଯ୍ୟ ପାଇଁ ଲାଗିଥିବା ସୂଚନା ଫଳକରେ କାର୍ଯ୍ୟାରମ୍ଭ ସମ୍ପର୍କିତ ତାରିଖ ନ ଲେଖି ବିଭାଗ ପକ୍ଷରୁ କିଛି ଲୁଚାଇବାକୁ ଚେଷ୍ଟା କରାଯାଉଛି । ଏହି ଡ୍ରେନର ଢ଼ଳେଇ କାମ ଦେଖିବାକୁ କୌଣସି ଅଧିକାରୀ ଆସି ନ ଥିବାରୁ ନିମ୍ନମାନର କାମ ହୋଇଥିବା ଅଭିଯୋଗ ଆଣିବା ସହିତ କାର୍ଯ୍ୟର ସମ୍ପୂର୍ଣ୍ଣତାକୁ ନେଇ ସନ୍ଦେହ କରିଛନ୍ତି ସ୍ଥାନୀୟ ବାସିନ୍ଦା । ତାସହିତ ଲୋକଙ୍କ ସୁବିଧା ନିମନ୍ତେ ନିର୍ମାଣ କରା ଯାଉଥିବା ଏହି ଡ୍ରେନ କାର୍ଯ୍ୟ ଦୀର୍ଘ ଦିନ ଧରି ଅଧାପନ୍ତରିଆ ଭାବେ ପଡି ରହିବାରୁ ନିକଟରେ ଥିବା ଘରର ଲୋକମାନେ ଯିବା ଆସିବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାତି ଅନ୍ଧାରରେ ଯିବା ଆସିବା କରିବାରେ ଜୀବନ ପ୍ରତି ବିପଦ ସୃଷ୍ଟି ହୋଇଛି । ଫଳରେ ଏହାକୁ ନେଇ ଗ୍ରାମରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏସମ୍ପର୍କରେ ପଡୁଆ ପଞ୍ଚାୟତ ଦାୟିତ୍ୱରେ ଥିବା ଜେଇଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରିବାକୁ ଚେଷ୍ଟା କରା ଯାଇଥିଲା କିନ୍ତୁ ଫୋନ ଉଠାଇ ନ ଥିବାରୁ କୌଣସି ସୂଚନା ମିଳି ପାରି ନାହିଁ । ତେଣୁ ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବୀ ହେଉଛି ।

# ରେଳଷ୍ଟେସନ୍ ସମ୍ମୁଖରେ ଥିବା ଫକୀରମୋହନଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର କରାଯାଇ ପୁନଃ ସ୍ଥାପିତ କରାଯାଉ



ବାଲେଶ୍ୱର, ୧୯/୨ (ନି.ପ୍ର): ବାଲେଶ୍ୱର ରେଳଷ୍ଟେସନ ସମ୍ମୁଖରେ ସ୍ଥାପିତ ହୋଇଥିବା ବ୍ୟାସକବି ଫକୀରମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିକୁ ଷ୍ଟେସନ୍ ଆଧୁନିକୀକରଣ ସହ ନୂତନ କୋଠାନିର୍ମାଣ ସମୟରେ ରେଳ ବିଭାଗ ଅକ୍ଷତ ଅବସ୍ଥାରେ ତାହାକୁ ସ୍ଥାନାନ୍ତର କରି ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ପରେ ପୁନଃ ସ୍ଥାପିତ କରନ୍ତୁ, ଏହା ସମସ୍ତ ବାଲେଶ୍ୱରବାସୀଙ୍କ ସମ୍ମାନର ପ୍ରଶ୍ନ । ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଲା ଯେ ଅଳ୍ପ କେତେଦିନ ମଧ୍ୟରେ ଯେଉଁ ଠିକାଦାର ଷ୍ଟେସନ ସମ୍ମୁଖ ସ୍ଥାନର ନୂତନ କୋଠା ନିର୍ମାଣ କାମ ହାତକୁ ନେଇଛନ୍ତି ସେ ଏହି ପ୍ରତିମୂର୍ତ୍ତିକୁ ଭାଙ୍ଗି ଦେଇ ପାରନ୍ତି । କାରଣ ଏହା ରେଳବିଭାଗ, ଜିଲ୍ଲା ପ୍ରଶାସନ ବା ପୌରପାଳିକା ଦ୍ୱାରା ସ୍ଥାପିତ ହୋଇନାହିଁ । ତେବେ ୨୦୧୪ ମସିହାରେ ବାଲେଶ୍ୱରର ଏକ ସାମାଜିକ ସଂଗଠନ 'ବାଲେଶ୍ୱର ଜନଜାଗରଣ ମଞ୍ଚ' ପକ୍ଷରୁ ଉଦ୍ୟମ କରାଯାଇ ଷ୍ଟେସନ ସମ୍ମୁଖ ସ୍ଥାନର ବ୍ୟାସକବିଙ୍କ ପ୍ରତିମୂର୍ତ୍ତିକୁ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କ ହସ୍ତରେ ଉଦ୍‌ଘାଟନ କରାଯାଇଥିଲା । ଏତେବର୍ଷ ରହିଥିବା ପ୍ରତିମୂର୍ତ୍ତିକୁ କର୍ତ୍ତୃପକ୍ଷ ସମ୍ମାନ ଦେଇ ଏହାର ପୁର୍ନସ୍ଥାପନ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ଉତ୍କଳସମ୍ମିଳନୀର ବାଲେଶ୍ୱର ଶାଖାର ଉପସଭାପତି କବି ଡ. କାଳୀପଦ ପଣ୍ଡା ଦାବି ଜଣାଇଛନ୍ତି ।

# ଶିବାଜୀ ଜୟନ୍ତୀରେ ସ୍ୟାଣ୍ଡ ଆନିମେସନ

ପୁରୀ, ୧୯/୨ (ନି.ପ୍ର): ଶିବାଜୀ ଜୟନ୍ତୀ ଅବସରରେ, ପ୍ରସିଦ୍ଧ ଭାରତୀୟ ବାଲୁକାଶିଳ୍ପୀ ମାନସ କୁମାର ସାହୁ ଛତ୍ରପତି ଶିବାଜୀ ମହାରାଜଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଓଡ଼ିଶାର ପୁରୀରେ ଏକ ରଙ୍ଗୀନ ବାଲୁକା ଆନିମେସନ ସୃଷ୍ଟି କରିଥିଲେ । ଦୁଇ ଘଂଟାରୁ ଅଧିକ ସମୟ ଧରି ସମାପ୍ତ ହୋଇଥିବା ଏହି କଳାକୃତିରେ ମହାନ ମରାଠା ଯୋଦ୍ଧା ରାଜାଙ୍କ ସାହସ, ନେତୃତ୍ୱ ଏବଂ ଦୃଷ୍ଟିକୋଣକୁ ସୁନ୍ଦର ଭାବରେ ଚିତ୍ରଣ କରାଯାଇଥିଲା । ସ୍ପନ୍ଦନଶୀଳ ରଙ୍ଗ ଏବଂ ବିସ୍ତୃତ ବାଲୁକା ଦୃଶ୍ୟ ମାଧ୍ୟମରେ, ଆନିମେସନ ସାହସ, ଦେଶପ୍ରେମ ଏବଂ ସ୍ୱରାଜ୍ୟର ବିଷୟବସ୍ତୁକୁ ଉଜ୍ଜ୍ୱଳ କରିଥିଲା ।

# ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ୭୦ ଜଣ କର୍ମଚାରୀଙ୍କ ସେଲ୍ ସାବାଶ ପୁରସ୍କାର ଲାଭ




ରାଉରକେଲା, ୧୯/୨ (ନି.ପ୍ର): ସେଲ୍ ଶାବାସ ପୁରସ୍କାର ଯୋଜନା ଅଧୀନରେ ୭୦ ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ପୁରସ୍କୃତ କରିବା ପାଇଁ ଫେବୃଆରୀ ୧୭ ତାରିଖରେ ରାଉରକେଲା ଇସ୍ପାତ କାରଖାନାର ବ୍ଲାଷ୍ଟ ଫର୍ଣ୍ଣେସ୍-୫ର ସମ୍ମିଳନୀ ହଲରେ ଏକ ଶାବାସ ପୁରସ୍କାର ବିତରଣ ସମାରୋହ ଆୟୋଜନ କରାଯାଇଥିଲା । ସେମାନଙ୍କ ଉତ୍କୃଷ୍ଟ କାର୍ଯ୍ୟଦକ୍ଷତା, ଉତ୍ସର୍ଗୀକୃତ ପ୍ରୟାସ ଏବଂ କାର୍ଯ୍ୟକ୍ଷମ ଉତ୍କର୍ଷତା ପ୍ରତି ମୂଲ୍ୟବାନ ଅବଦାନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଥିଲା ।

ବ୍ଲାଷ୍ଟ ଫର୍ଣ୍ଣେସ୍ ବିଭାଗର ସିଜିଏମ ଶ୍ରୀ ସୁମିତ କୁମାର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ପୁରସ୍କାର ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ବ୍ଲାଷ୍ଟ ଫର୍ଣ୍ଣେସ୍ ମେକାନିକାଲ ବିଭାଗର ଜିଏମ ଶ୍ରୀ ଏସ୍. ଦେବ, ଇଲେକ୍ଟ୍ରିକଲ ବିଭାଗର ଜିଏମ ଶ୍ରୀ କେ. ବି. ପ୍ରସାଦ, ଅପରେସନ ବିଭାଗର ଜିଏମ ଶ୍ରୀ ଏସ୍. କେ. ଶର୍ମା, ଓ ଶ୍ରୀ ଆର. ଏସ. କୌଶଳ ତଥା ବିଭାଗର ବହୁ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ ।

ସମାବେଶକୁ ସମ୍ବୋଧିତ କରି, ଶ୍ରୀ କୁମାର ପୁରସ୍କାରବିଜେତାଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସୁରକ୍ଷା, ଓ ନବସୃଜନ ଏବଂ ଉନ୍ନତ କାର୍ଯ୍ୟକ୍ଷମ କାର୍ଯ୍ୟକ୍ଷମତା ପ୍ରତି ସେମାନଙ୍କର ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ବ୍ଲାଷ୍ଟ ଫର୍ଣ୍ଣେସ୍ କାର୍ଯ୍ୟରେ ଉଚ୍ଚ ଉତ୍ପାଦକତା ଏବଂ ଉନ୍ନତ ବୈଷୟିକ-ଅର୍ଥନୈତିକ ପରିମାପକତା ହାସଲ କରିବାରେ ଅଭିନବ ସୁରକ୍ଷା ଅଭ୍ୟାସ ଏବଂ ସକ୍ରିୟ ପଦକ୍ଷେପ ପ୍ରମୁଖ ବାହକ ବୋଲି ସେ ଗୁରୁତ୍ୱାରୋପ କରିଥିଲେ ।

ଏହି କାର୍ଯ୍ୟକ୍ରମକୁ ବିଭାଗର ଡିଜିଏମ୍ ଶ୍ରୀ ବି. ବି. କେ. ବେହେରା ସଂଯୋଜନା କରିଥିଲେ । ଧନ୍ୟବାଦ ଅର୍ପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ବାଲେଶ୍ୱର ରାଜାବଗିଚା ଶ୍ରୀ ତ୍ରୟମ୍ବକେଶ୍ୱର ମହାଦେବଙ୍କ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ପାଳିତ

ବାଲେଶ୍ୱର, ୧୯/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ରାଜାବଗିଚା ରେ ଶ୍ରୀ ଶ୍ରୀ ତ୍ରୟମ୍ବକେଶ୍ୱର ମହାଦେବଙ୍କ ର ପ୍ରତିଷ୍ଠା ଉତ୍ସବ ଓ ମହାଶିବରାତ୍ରି ସଭାପତି ଶ୍ରୀଯୁକ୍ତ ସୋମନାଥ ପାତ୍ର ସଭାପତିତ୍ୱରେ ମହାସମାରୋହରେ ପାଳିତ ହୋଇଯାଇଛି । ସମ୍ପାଦକ ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ବିଶ୍ୱାଳ ଏହାର ପରିଚାଳନା କରିଥିଲେ । ସବୁ ବର୍ଷ ପରି ଚଳିତ ବର୍ଷ ମଧ୍ୟ ତ୍ରୟମ୍ବକେଶ୍ୱର ମହାଦେବ ପ୍ରତିଷ୍ଠା ଉତ୍ସବ ରେ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତ ପ୍ରସାଦ ସେବନ କରିଥିଲେ । ଭକ୍ତମାନେ କିପରି ଭଲ ଭାବରେ ପ୍ରସାଦ ସେବନ କରିବେ ସେଥିପାଇଁ ୫ ଟି ଜାଗାରେ ପ୍ରସାଦ ବିତରଣ କରାଯାଇଥିଲା । ପ୍ରାୟ ୧୫ ହଜାରରୁ ଉର୍ଦ୍ଧ୍ୱ ଭକ୍ତ ପ୍ରସାଦ ସେବନ କରିଥିଲେ । ତ୍ରୟମ୍ବକେଶ୍ୱର ମହାଦେବ ପ୍ରସାଦ ପାଇଁ ସହରର ବହୁ ଦୂର ଦୂରାନ୍ତରୁ ଶ୍ରଦ୍ଧାଳୁ ଆସିଥିଲେ । ଏହି ପ୍ରତିଷ୍ଠା ଉତ୍ସବରେ ଲକ୍ଷ୍ମଣ କୁମାର ପଣ୍ଡା , ରାଜେଶ ଗିରି ମନ୍ଦିର କମିଟିର ସମସ୍ତ ସଭ୍ୟ ଓ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଷୋଡଶ ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପ ଉଦ୍‌ଘାଟିତ



ରାଉରକେଲା, ୧୯/୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ୧୬ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପ-୨୦୨୬ ଫେବୃଆରୀ ୧୮ ତାରିଖରେ ଇସ୍ପାତ ଷ୍ଟାଡିୟମରେ ଆରମ୍ଭ ହୋଇଛି । ଆରଏସପି ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର ଏହି ଟୁର୍ଣ୍ଣାମେଣ୍ଟର ଉଦଘାଟନ କରିଥିଲେ । ଉଦଘାଟନୀ ସମାରୋହରେ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଏମ ପି ସିଂହ, କାରଖାନାର ବହୁ ମୁଖ୍ୟ ମହାପ୍ରବନ୍ଧକ, ବିଭାଗ ମୁଖ୍ୟ, ବରିଷ୍ଠ ଅଧିକାରୀ ଓ ବହୁ ସଂଖ୍ୟାରେ କର୍ମଚାରୀ ଉପସ୍ଥିତ ଥିଲେ । ଉଲ୍ଲେଖଯୋଗ୍ୟ ଯେ, କର୍ମଚାରୀମାନଙ୍କ ମଧ୍ୟରେ ସଂହତି ତଥା ଦଳଗତ ଭାବନାକୁ ଅଧିକ ସୁଦୃଢ କରିବା ଲକ୍ଷ୍ୟରେ ପ୍ରତ୍ୟେକ ବର୍ଷ ଆନ୍ତଃ ବିଭାଗୀୟ କ୍ରିକେଟ ପ୍ରତିଯୋଗିତା, ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପ ଆୟୋଜିତ ହେଉଛି । ଏହି ଅବସରରେ ନିଜର ବକ୍ତବ୍ୟରେ ଶ୍ରୀ ମିଶ୍ର ସମସ୍ତ ଅଂଶଗ୍ରହଣକାରୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସମସ୍ତ ଦଳଙ୍କୁ ଦଳଗତ ଓ ପ୍ରକୃତ ଖେଳୁଆଡ ମନୋଭାବ ସହିତ ଖେଳିବା ଏବଂ ସେମାନଙ୍କର ସର୍ବୋତ୍ତମ କ୍ରିକେଟ୍ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରିଥିଲେ । ସେ ଟିମ ଆରଏସପିର ଉଚ୍ଚ ପ୍ରଶଂସା କରିଥିଲେ ଯିଏ ଆରଏସପିକୁ ଉତ୍ପାଦନରେ ଉତ୍କୃଷ୍ଟ ପ୍ରଦର୍ଶନ ସହକାରେ ସେଲ ମଧ୍ୟରେ ଅନ୍ୟତମ ଶ୍ରେଷ୍ଠ ୟୁନିଟର ମାନ୍ୟତା ପ୍ରଦାନ ସଙ୍ଗେସଙ୍ଗେ କ୍ରିଡା ସମେତ ପ୍ରତ୍ୟେକ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦିତ କରିଆସୁଛନ୍ତି । ଏଭଳି କ୍ରୀଡାର ଆୟୋଜନର ମହତ୍ତ୍ୱ ଉପରେ ସେ ଆଲୋକପାତ କରିଥିଲେ ଯାହା ଲୋକଙ୍କୁ ଏକତା ସୂତ୍ରରେ ବାନ୍ଧିବା ସହ ସଂହତିକୁ ମଧ ସୁଦୃଢ କରିଥାଏ । ଶ୍ରୀ ମିଶ୍ର, ଶ୍ରୀ କୁମାର ଓ ଶ୍ରୀ ସିଂହ ଟୁର୍ଣ୍ଣାମେଣ୍ଟ ଆରମ୍ଭ ଉପଲକ୍ଷେ ଉଭୟ ବ୍ୟାଟିଂ ଓ ବୋଲିଂ କରିଥିଲେ । ପ୍ରାରମ୍ଭରେ ଶ୍ରୀ ମିଶ୍ର କ୍ରୀଡା ପତାକା ଉତ୍ତୋଳନ କରିବା ସହିତ ପ୍ରତିଯୋଗିତାର ଶୁଭାରମ୍ଭ ଘୋଷଣା କରିଥିଲେ । ସେଲ ଗାନ ପରିବେଷଣ ସହିତ କାର ?ୟ୍ୟକ୍ରମ ଆରମ୍ଭ ହୋଇଥିଲା । ସହର ସେବା ଓ ସିଏସଆର ବିଭାଗର ସିଜିଏମ ଶ୍ରୀ ଟି ଜି କାନେକର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ଏସଏସଏମ ବିଭାଗର ଜୁନିୟର ମ୍ୟାନେଜର ଶ୍ରୀ ଅନିଲ ମଲ୍ଲିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ୧୫ ଓଭର ବିଶିଷ୍ଟ ମ୍ୟାଚ ତଥା ନକଆଉଟ ଆଧାରରେ ଖେଳାଯିବାକୁ ଥିବା ୧୬ତମ ଇସ୍ପାତ ସିନର୍ଜୀ କ୍ରିକେଟ ଚମ୍ପିୟନସିପରେ ୧୬ଟି ଦଳ ଅଂଶଗ୍ରହଣ କରୁଛନ୍ତି । ପ୍ରତିଯୋଗିତାର ଫାଇନାଲ ମ୍ୟାଚ ମାର୍ଚ୍ଚ ୩ ତାରିଖରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚରେ ଇଲେକ୍ଟ୍ରିକ ଇଗଲ ଦଳ ୬ ୱିକେଟ୍ ରେ ସିଣ୍ଟର ଲିଗ ଦଳକୁ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚରେ ଏସଏମଏସ-୨ ଆଭେଞ୍ଜର ଉତ୍କୃଷ୍ଟ ଖେଳ ପ୍ରଦର୍ଶନ ପୂର୍ବକ ଏସଏମଏସ ଷ୍ଟ୍ରାଇକର୍ଷକୁ ୭ ୱିକେଟରେ ପରାସ୍ତ କରିଥିଲା ।

# ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସଚେତନତା

ଘଟଗାଁ , ୧୯/୨ (ନି.ପ୍ର): ଘଷିପୁରା ବ୍ଲକ ରାଧିକାଦେଇପୁର ପଂଚାୟତ ଆଦିବାସୀ ଗ୍ରାମ ଦଲକୀ ଠାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଚାଷୀ ଭାଇ ଭଉଣୀମାନଙ୍କୁ ଅବଗତ କରାଇଥିଲେ କୃଷି ଅଧିକାରୀ ମନେ । ଅନେକ ସମୟରେ ସରକାରଙ୍କ କୃଷି ଉପରେ ଥିବା ବିଭିନ୍ନ ଯୋଜନା ଆଦିବାସୀ ଭାଇ ଭଉଣୀ ମାନେ ଜାଣି ପରିନଥାନ୍ତି । ସେଥିପାଇଁ ଆଦିବାସୀ ଗ୍ରାମରେ କୃଷି ବିଭାଗ ପକ୍ଷରୁ ଚାଷ କିପରି କରିବେ । କେଉଁ କେଉଁ ଚାଷକରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ମଣ୍ଡି ପର୍ଯ୍ୟବେକ୍ଷକ ଶକ୍ତି ପ୍ରସାଦ ମିଶ୍ର, ପ୍ରାଣୀ ଚିକିତ୍ସକ ଡ ଶିବ ପ୍ରସାଦ ନାୟକ, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଅର୍ଚ୍ଚନା ବେହେରା, ଉଦ୍ୟାନ ସମ୍ପ୍ରସରଣ ଅଧିକାରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ୧୦ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ମଧୁସ୍ମିତା ଦାସ ,ବ୍ଲକ ପ୍ରକଳ୍ପ ସଂଯୋଜକ ଅଶ୍ୱିନି କୁମାର ଦାସ ଯୋଗ ଦେଇ ଆଦିବାସୀ ଚାଷୀ ଭାଇ ଭଉଣୀ ମାନଙ୍କୁ ବୁଝାଇ ସଚେତନ କରାଇଥିଲେ ।

# ବାଲେଶ୍ୱର ଓଲନ୍ଦା ସାହି ଗଙ୍ଗେଶ୍ୱର ମହାଦେବଙ୍କ ରୌପ୍ୟ ଜୟନ୍ତୀ ସମାରୋହ




ବାଲେଶ୍ୱର , ୧୯/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ବାରବାଟୀରେ ଓଲନ୍ଦା ସାହି ଗ୍ରାମରେ ଶ୍ରୀ ଶ୍ରୀ ଗଙ୍ଗେଶ୍ୱର ମହାଦେବ ରୌପ୍ୟ ଜୟନ୍ତୀ ସଭାପତି ଶ୍ରବଣ କୁମାର କର ସଭାପତିତ୍ୱରେ ୩ ଦିନ ବ୍ୟାପୀ ପାଳିତ ହୋଇଯାଇଛି । ମହାଶିବରାତ୍ରି ଉତ୍ସବ ରୌପ୍ୟ ଜୟନ୍ତୀରେ ତାରିଣୀ ଭଜନ ସନ୍ଧ୍ୟା , ମଣିନାଗେଶ୍ୱର୍ ଭଜନ ସନ୍ଧ୍ୟା ଓ ଗୌଡ଼ିୟ ମଠ ର ଭକ୍ତ ମାନେ ସଂକୀର୍ତ୍ତନ ହରିନାମ କରିବା ସଙ୍ଗେ ସଙ୍ଗେ ବିଭିନ୍ନ ପ୍ରକାର ନୃତ୍ୟ ରେକର୍ଡ ଡ୍ୟାନ୍ସ ହୋଇଥିଲା । ଏପରିକି ଜାଗରରେ ଏକବାର ପାଇଁ ଭକ୍ତ ମାନଙ୍କ ପାଇଁ ପ୍ରସାଦ ସେବନ ର ବ୍ୟବସ୍ଥା ହୋଇଥିଲା । ହଜାର ହଜାର ସଂଖ୍ୟାରେ ଭକ୍ତ ମାନେ ପ୍ରସାଦ ସେବନ କରିଥିଲେ । ବାଲେଶ୍ୱର ମ୍ୟୁନିସପାଲିଟି ଚେୟାର ମେନ୍ ସବିତା ସାହୁ , ଯୁବନେତା ସମାଜ ସେବୀ ଭାଗବତ ସାହୁ , ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ଙ୍କ ଏସିଷ୍ଟାଣ୍ଟ ବିଜେପିର ଯୁବନେତା ଗୌରାଙ୍ଗ ଦାସ ଉପସ୍ଥିତ ଥିଲେ । ପ୍ରଥମ ଦିନ ରୁ ଶେଷ ଦିନରେ ଆତିସ ବାଜି କାର୍ଯ୍ୟ କ୍ରମ ହୋଇଥିଲା । ଗଙ୍ଗେଶ୍ୱର୍ ମହାଦେବ ଙ୍କ ପୁଜପାଇଁ ଜାଗର ଦିନ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ମଧ ହଜାର ହଜାର ସଂଖ୍ୟାରେ ଭକ୍ତ ମାନେ ପୂଜା କରିଥିଲେ । ଏହି ମହାଶିବରାତ୍ରି ରୌପ୍ୟ ଜୟନ୍ତୀ ରେ ସୁଶାନ୍ତ ମାଝୀ, ସୁଶାନ୍ତ ବାରିକ, ଗୋପୀନାଥ ସେଠି, ଅଜୟ କୁମାର ରଣା, ସଞ୍ଜୟ ମହାରଣା, ନରେନ୍ଦ୍ର ଖିଲାର, ଯୋଗେନ୍ଦ୍ର ଖିଲାର, ଶତ୍ରୁଘନ ବେହେରା, ସନ୍ଦିପ୍ତ ସାମନ୍ତ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଜୟପୁର ପୌରସଂସ୍ଥାର ସ୍ୱତନ୍ତ୍ର ବୈଠକ

ଜୟପୁର, ୧୯/୨ (ନି.ପ୍ର): କୋରାପୁଟ ଜିଲ୍ଲା ଜୟପୁର ପୌରସଂସ୍ଥାର ଆଜି ଏକ ସ୍ୱତନ୍ତ୍ର ଜରୁରୀକାଳିନ ବୈଠକ ଜୟପୁର ପୌରସଂସ୍ଥାର ସଭାଗୃହ ଠାରେ ମଧ୍ୟାହ୍ନ ସାଢେ ୧୨ ଟା ସମୟରେ ଅନୁଷ୍ଠିତ ହୋଇଥିଲା । ଜୟପୁର ପୌର ଅଧ୍ୟକ୍ଷ ନରେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତରା ଅନୁଷ୍ଠିତ ଏହି ସ୍ୱତନ୍ତ୍ର ବୈଠକକର ପ୍ରାରମ୍ଭରୁ ସହରର ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ରହିଥିବା ନେଇ କାଉନସିଲର ମାନେ ଅସନ୍ତୋଷ ପ୍ରକୋଟ କରିଥିଲେ । ଏହିପରି ଉନ୍ନତୀମୂଳକ କାର୍ଯ୍ୟକୁ ହଠାତ ବନ୍ଦ କରାଯିବାକୁ ନେଇ ପ୍ରଥମେ ୨୮ ନମ୍ବର ୱାର୍ଡର କାଉନିସଲର ଯଶପାଲ ସିଂ ପ୍ରଶ୍ନ କରିଥିଲେ । ଆଗାମୀ ଦିନରେ ରାଜ୍ୟରେ ଗଠିତ ନୂତନ ପୌରସଂସ୍ଥା ଏବଂ ଏନଏସିରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ଘୋଷଣା କରାଗଲେ ଉନ୍ନତୀମୂଳକ କାର୍ଯ୍ୟ ବନ୍ଦ ହୋଇଯିବ । ତେଣୁ ବଳକା ରହିଥିବା ସମସ୍ତ ଉନ୍ନତୀମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବାକୁ କାଉନସିଲର ମାନଙ୍କ ପକ୍ଷରୁ ଦାବି କରାଯାଇଥିଲା । ଏହାପରେ ଚଳିତ ମାସ ୨୮ ତାରିଖରେ ଜୟପୁର ପୌରସଂସ୍ଥାର ପରିମଳ ଓ ସଫେଇ କାର୍ଯ୍ୟ କରୁଥିବା ଠିକାସଂସ୍ଥାର ସମୟ ଶେଷ ହେଉଥିବା ଯୋଗୁଁ ପୁଣି ଉକ୍ତ ସଂସ୍ଥାର ସମୟ ଅବଧିକୁ ବୃଦ୍ଧି ନ କରିବାକୁ ଅଧିକାଂଶ କାଉନସିଲର ମତ ଦେଇଥିଲେ । ତେଣୁ ଆଗାମୀ ୧୫ ଦିନରୁ ଏକ ମାସ ମଧ୍ୟରେ ଟେଣ୍ଡର ପ୍ରକ୍ରିୟା ମାଧ୍ୟମରେ ବିଜ୍ଞପ୍ତି ପ୍ରକାଶ କରାଯାଇ ଟେଣ୍ଡର ମାଧ୍ୟମରେ ସହରର ପରିମଳ ଓ ସଫେଇ ଦାୟୀତ୍ୱ ପ୍ରଦାନ କରିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଅନ୍ୟ ପକ୍ଷରେ ସହରରୁ ନିର୍ଗତ ଅଳିଆ ଆବର୍ଜନାକୁ ସହରର ବିଭିନ୍ନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର (ଏମସିସି) ଗୁଡିକ ରହିଛି । ସେହିପରି ସହରର ଟ୍ରାଫିକ, ସହରାଂଚଳରେ ଚିକିତ୍ସାରେ ସମସ୍ୟା ନେଇ କାଉନସିଲର ମାନେ ଉଦବେଗ ପ୍ରକାଶ କରିଥିଲେ । ଏହିପରି କେତେ ସଂଖ୍ୟାରେ ନୂତନ ଟ୍ରେଡ ଲାଇସେନ୍ସ ବ୍ୟବସାୟୀଙ୍କୁ ପ୍ରଦାନ କରାଯାଇଛି, ଯେଉଁମାନେ ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟ କରୁଛନ୍ତି ସେମାନଙ୍କୁ ତୁରନ୍ତ ନୋଟିସ କରିବାକୁ କାଉନସିଲର ବି. ବିଷ୍ଣୁବର୍ଦ୍ଧନ ରେଡ୍ଡି ଦାବି କରିଥିଲେ । ତେଣୁ ତୁରନ୍ତ ପୁଲିସକୁ ସହରର ଟ୍ରାଫିକ ନିୟନ୍ତ୍ରଣ ଏବଂ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ସହରାଂଚଳରେ ଉପଯୁକ୍ତ ଡାକ୍ତରଙ୍କୁ ନିଯୁକ୍ତି ଏବଂ ସଫଳ ଚିକିତ୍ସା ବ୍ୟବସ୍ଥା କରିବାକୁ ଆଲୋଚନା କରାଯିବ । ସେହିପରି ବିନା ଟ୍ରେଡ ଲାଇସେନ୍ସରେ ବ୍ୟବସାୟୀ କରୁଥିବା ଲୋକଙ୍କୁ ନୋଟିସ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀ କୁମାରୀ ରେଡ୍ଡି ସୂଚନା ଦେଇଛନ୍ତି ।

# ସ୍ୱର୍ଗତ ବରେନ୍ଦ୍ର ପଢିଆରୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ସଭା




ଲଙ୍ଗଳେଶ୍ୱର , ୧୯/୨ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତ ଟିକରପଡା ଗ୍ରାମର ସ୍ୱର୍ଗତ ବରେନ୍ଦ୍ର ପଢିଆରୀଙ୍କ ଏକାଦଶାହ ଶ୍ରଦ୍ଧାଞ୍ଜଳି ଓ ସ୍ମୃତି ଚାରଣ ସଭା ତାଙ୍କ ବାସଭବନରେ ଗୁରୁବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏହି ସ୍ମୃତି ଚାରଣ ସଭାକୁ ପଣ୍ଡିତ ଅନାଦି କୁମାର ପଣ୍ଡା ସଞ୍ଚାଳନ କରିଥିଲେ। ସଭା ପ୍ରାରମ୍ଭରେ ବରେନ୍ୟ ବ୍ୟକ୍ତି ବିଶେଷ ଫୋଟୋ ଚିତ୍ର ରେ ପୁଷ୍ପ ମାଲ୍ୟ ଅର୍ପଣ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ସ୍ମୃତି ଚାରଣ ସଭାରେ ମହେନ୍ଦ୍ର ପଢିଆରୀ, ଅମରେନ୍ଦ୍ର ପଢିଆରୀ, ଅନୁସୟା ପଢିଆରୀ , ଦୁର୍ଗା ମଣି ପଢିଆରୀ, ମାୟାଧର ପରିଡା, ବିକତ୍ତନ ପରିଡା , ହୃଷୀକେଶ ଗୋଛାୟତ, ସୁକାନ୍ତି ପରିଡା, ସୁନନ୍ଦା ଗୋଛାୟତ, ସୁମତୀ ପରିଡା, ମାନସ ପଢିଆରୀ, ସିପୁନ ପଢିଆରୀ, ମାମା ପଢିଆରୀ, ପ୍ରୀୟବ୍ରତ ପଣ୍ଡା, ନରସିଂହ ବିଶ୍ୱାଳ, ମାୟାଧର ପରିଡା, ଶଶଧର ପରିଡା, ନଳିନୀ କାନ୍ତ ପାଢୀ, ଅଜୟ କୁମାର ଦାସ, ବେଣୁଧର ଗିରି, ଶ୍ରୀ ପତି ସାହୁ, ଚକ୍ରଧର ଗିରି, ରବିନ୍ଦ୍ର ପାଣିଗ୍ରାହୀ, ରଞ୍ଜନ କୁମାର ପଣ୍ଡା, ତ୍ରୀଲୋଚନ ନାୟକ, ଗୋପିନାଥ ବେହେରା, ଶ୍ରୀପତି ସାହୁ, ବେଣୁଧର ଗିରି, ବିଶ୍ୱମ୍ଭର ଜେନା, ଅର୍ଜୁନ ମହାନ୍ତି , ଉପେନ୍ଦ୍ର ମିଶ୍ର, ଗୋପିନାଥ ବେହେରା, ଦିବାକର ସାମନ୍ତରାୟ ପ୍ରମୁଖ ଅତିଥି ମାନେ ଯୋଗଦେଇ ସ୍ୱର୍ଗତ ପଢିଆରୀ ଜଣେ ଦରଦୀ ମଣିଷ, ମିଷ୍ଟ ଭାଷୀ, ଅନୁଷ୍ଠାନ ପ୍ରେମି ଥିଲେ ବୋଲି କହିଥିଲେ।

# ସୁବର୍ଣ୍ଣରେଖା ବନ୍ଦର ନିମନ୍ତେ ରେଳ କରିଡର ଏବଂ ରାସ୍ତା ନିର୍ମାଣ ପାଇଁ ଜମି ଅଧିଗ୍ରହଣ ସମ୍ବନ୍ଧରେ ବିଧାନସଭାରେ ପ୍ରଶ୍ନ ଉଠାଇଲେ ବସ୍ତା ବିଧାୟିକା



ବାଲିଆପାଳ , ୧୯/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ର ଚୌମୁଖ ଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ନିମନ୍ତେ ରେଳ କରିଡର ଏବଂ ରାସ୍ତା ନିର୍ମାଣ ପାଇଁ କେତେ ପରିମାଣର ଜମି ର ଆବଶ୍ୟକତା ଅଛି, ସେଥି ମଧ୍ୟରୁ ସରକାରୀ ଓ ବେସରକାରୀ ଜମିର ପରିମାଣ କେତେ ଏବଂ କେତେ ସଂଖ୍ୟାକ ଘରୋଇ ଜମି କ୍ରୟ କରାଯାଇଛି, ଏଥି ସହିତ ଚୌମୁଖ ପଞ୍ଚାୟତରେ ରେଳ କରିଡର ଓ ରାସ୍ତା ନିର୍ମାଣ ପାଇଁ କେତେ ଜମି କିଣା ଯାଇଛି, ବାକି ଥିବା ମୋଟ ଜମି ଗୁଡିକ କେବେ ସୁଦ୍ଧା କିଣା ଯିବା ପାଇଁ ପ୍ରସ୍ତାବ ରହିଛି ଓ ଅଧିଗ୍ରହଣ ହୋଇଥିବା ଜମିର ସ୍ଥିତାବସ୍ଥା କଣ ରହିଛି ବୋଲି ଆଜି ବିଧାନସଭାର ବଜେଟ ଅଧିବେଶନର ଗୁରୁବାର ଦିନ ବିଧାୟିକା ସୁବାସିନୀଜେନା ପ୍ରଶ୍ନ ଉପସ୍ଥାପନ କରି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହାର ଉତ୍ତରରେ ମନ୍ତ୍ରୀ କହିଥିଲେ ସଡ଼କ ପଥ ନିର୍ମାଣ ପାଇଁ ୧୫ ଏକର ଜଙ୍ଗଲ ଜମି ଅଧିଗ୍ରହଣ ହେବାକୁ ଥିବା ବେଳେ ଜଙ୍ଗଲ ଜମିର କିସମ ପରିବର୍ତ୍ତନ ପାଇଁ ଅନୁମତି ଅପେକ୍ଷାରେ ଅଛି। ସେହିପରି ୧୪. ୬୮ ଏକର ଭୂଦାନ ଯଜ୍ଞ ସମିତି ଅଧିନରେ ଥିବା ଜମି ଅଧିଗ୍ରହଣ ପ୍ରସ୍ତାବ ଜିଲ୍ଲା ନ୍ୟାୟାଳୟ ନିକଟରେ ବିଚାରଧୀନ ଅଛି। ଏଥିସହିତ ୭.୯୬ ଏକର ସରକାରୀ ଜମିରୁ ୬. ୩୧ ଏକର ଅଧିଗ୍ରହଣ ହୋଇଛି। ବେସରକାରୀ ୨୯ଏକର ଜମିରୁ ୧୭. ୩୧ଏକର ଜମି ଅଧିଗ୍ରହଣ ହୋଇଛି। ଏହିପରି ସମୁଦାୟ ଆବଶ୍ୟକୀୟ ୬୬.୬୪ ଏକର ଜମିରୁ ୨୩.୨୬ଏକର ଜମି ଅଧିଗ୍ରହଣ ହୋଇଛି। ଏହା ବ୍ୟତୀତ ରେଳ କରିଡର ପାଇଁ ଆବଶ୍ୟକୀୟ ୪୧୪.୫୮ଏକର ଜମିରୁ ୨୫୮.୦୧ଏକର ଅଧିଗ୍ରହଣ ହୋଇଛି। ଚଉମୁଖ ପଞ୍ଚାୟତରେ ରେଳ କରିଡ଼ର ନିମିତ୍ତ ଆବଶ୍ୟକୀୟ ୩୮.୧୨ଏକର ବେସରକାରୀ ଜମି ମଧ୍ୟରୁ ୩୨.୦୯ ଏକର ଜମି ପଞ୍ଜୀକୃତ ହୋଇଥିବା ବେଳେ ବଳକା ୬.୦୩ଏକର ଜମି ଅଧିଗ୍ରହଣ ନିମିତ୍ତ ପଦକ୍ଷେପ ଗ୍ରହଣ କରାଯାଉଛି ଏବଂ ରାସ୍ତା ନିର୍ମାଣ ନିମିତ୍ତ ଚଉମୁଖ ପଞ୍ଚାୟତର କୌଣସି ବେସରକାରୀ ଜମିର ଆବଶ୍ୟକତା ନାହିଁ ବୋଲି ଉତ୍ତର ରଖିଥିଲେ।ତେବେ ଏହି ସବୁ ପ୍ରକ୍ରିୟା ଶେଷ ହେଲେ ବନ୍ଦର କାର୍ଯ୍ୟ ତ୍ୱରାନିତ ହେବ ବୋଲି ଆଶା କରାଯାଉଛି।

# ସାହିତ୍ୟିକ ଡ. ଭାଗବତ ଦାସଙ୍କ ପିତୃ ବିୟୋଗ

ରେମୁଣା, ୧୯/୨ (ନି.ପ୍ର): ରେମୁଣା, ପଡ଼ିପାଳ ଗ୍ରା:ପ ଅଧୀନସ୍ଥ ନୂଆଗାଁ ଗ୍ରାମ ନିବାସୀ ସାହିତ୍ୟିକ ଡ. ଭାଗବତ ପ୍ରସାଦ ଦାସଙ୍କ ପିତା ସୁରେନ୍ଦ୍ର ନାରାୟଣ ଦାସ (୯୯)ଙ୍କ ଗତ ରାତ୍ର ୪ ଘଟିକା ସମୟରେ ବିୟୋଗ ଘଟିଛି । ସ୍ୱର୍ଗତ ଦାସ ଏକାଧାରରେ ଜଣେ କୀର୍ତ୍ତନଗୁରୁ ଆଧାତ୍ମିକ ବ୍ୟକ୍ତି, ଅଭିନେତା, ଅନୁଷ୍ଠାନ ପ୍ରେମୀ ଓ ସମାଜସେବୀ ଥିଲେ । ଦୀର୍ଘ ଦିନ ଧରି ଗ୍ରାମାଞ୍ଚଳର ଗଢ଼ିଉଠିଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ, ଧର୍ମାନୁଷ୍ଠାନର ବିକାଶ ପାଇଁ କାର୍ଯ୍ୟ କରି ସମସ୍ତଙ୍କର ପ୍ରିୟ ପାତ୍ର ହୋଇଥିଲେ । ତାଙ୍କ ମୃତ୍ୟୁ ଖବର ଶୁଣି ରେମୁଣା, ବାଲେଶ୍ୱର ଓ ନିକଟ ଗ୍ରାମର ଅନେକ ବ୍ୟକ୍ତି ତାଙ୍କ ଘରକୁ ଆସି ବିଶେଷ କରି ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଡ. ନରୋତ୍ତମ ପରିଡ଼ା, ଅଧ୍ୟାପକ ପ୍ରଶାନ୍ତ କୁମାର ବରାଳ, ପ୍ରଦୀପ ମିଶ୍ର, ନିରଞ୍ଜନ ସାହୁ, ଚକ୍ରଧର ଦାସ, ଶ୍ରୀହରି ଦାସ, ଜଳଧର ଦାସ, ପ୍ରଭାକର ସାହୁ, କରୁଣାକର ଜେନା, ବାମଦେବ କମିଳା, ଗଙ୍ଗାଧର ଦେ, ଦୀନବନ୍ଧୁ ବେହେରା, ଜୟନ୍ତ ପାଣିଗ୍ରାହୀ, ଯୋଗେନ୍ଦ୍ର ନାଥ ସିଂହ, ଯୋଗେଶ ଚନ୍ଦ୍ର ବେହେରା, ଗିରିଶ କୁମାର ଷଡ଼ଙ୍ଗୀ, ଗଦାଧର ଜେନା, ରାମଚନ୍ଦ୍ର ଦାସ, ଗଦାଧର ଦାସ ପ୍ରମୁଖ ସ୍ୱର୍ଗତ ଦାସଙ୍କୁ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ବନ୍ଧୁବାନ୍ଧବ ଆତ୍ମୀୟ ସ୍ୱଜନ ଓ ଗ୍ରାମବାସୀ ଉପସ୍ଥିତ ଥିଲେ । ଏକ ବିରାଟ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ନିକଟସ୍ଥ ଏମ.ଇ ସ୍କୁଲ ଓ ହରିହାଟ ଗୃହ ନିକଟରେ ଅନୁଷ୍ଠାନ ତରଫରୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ମଧ୍ୟମପୁତ୍ର ରଘୁନାଥ ଦାସ ମୁଖାଗ୍ନି ଦେଇଥିଲେ । ତାଙ୍କ ମୃତ୍ୟୁରେ ଏ ଅଞ୍ଚଳରେ ଏକ ଶୋକର ଛାୟା ଖେଳିଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଲାଞ୍ଚନେଇ ବନ୍ଧାହେଲେ ...

ମୂଲଚାଲ ପରେ ୪୦,୦୦୦ ଟଙ୍କାକୁ କମାଯାଇଥିଲା। ଏ ନେଇ ଟ୍ରକ୍ ମାଲିକ ଭିଜିଲାନ୍ସକୁ ସୂଚନା ଦେଇଥିଲେ। ଗୁରୁବ୍ର ନିଜ ସହଯୋଗୀଙ୍କ ଜରିଆରେ ଲାଞ୍ଚ ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଉଭୟଙ୍କୁ ଧରିଥିଲା। ଉଭୟଙ୍କ ନିକଟରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଗିରଫ ପରେ ତହସିଲଦାର ଦୈତାରୀ ମଲ୍ଲିକଙ୍କ ସମ୍ପତ୍ତିର ଯାଞ୍ଚ ପାଇଁ ୩ଟି ସ୍ଥାନରେ ଏକକାଳୀନ ଚଢ଼ାଉ ଜାରି ରହିଛି। ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ତଲାସି କରାଯାଉଛି। ଏହି ମାମଲାରେ ବାଲେଶ୍ୱର ଭିଜିଲାନ୍ସ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ବର୍ତ୍ତମାନ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରହିଛି।

### ୧୫ବର୍ଷରୁ କମ୍ ...

୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇବାକୁ ଇଣ୍ଡିଆ ଏଆଇ ଶିଖର ସମ୍ମିଳନୀରେ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନିବେଦନ କରିଥିଲେ। ସେ ଆହ୍ୱାନ ଦେଇ କହିଥିଲେ, ଫ୍ରାନ୍ସ ପୂର୍ବରୁ ୧୫ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଲଗାଇସାରିଛି। ଆମେ ଏହି ପଥ ଆରମ୍ଭ କରିସାରିଛୁ, ଏବଂ ଆମେ ଆଶା କରୁଛୁ ଯେ ପ୍ରଧାନମନ୍ତ୍ରୀ ମୋଦୀ ମଧ ଏହାକୁ ଅନୁସରଣ କରିବେ। ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଦୁଇପାଦ ଆଗକୁ ବଢ଼ିବେ।

### ମଧ୍ୟ ପ୍ରାଚ୍ୟରେ...

ଏୟାରବର୍ଣ୍ଣ କମ୍ୟୁନିକେସନ ନୋଡ ଯୁଦ୍ଧ ବିମାନଗୁଡ଼ିକ ଇରାନ ଉପରେ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି। ବୁଧବାର ଜଣାପଡ଼ିଥିଲା ଯେ ମଧ୍ୟପ୍ରାଚ୍ୟ ଓ ଏହାର ଆଖପାଖ ଅଞ୍ଚଳରେ ବେଶ କିଛି ସମୟ ଧରି ଏକାଧିକ କଉ-୧୩୫ ବିମାନ ପଇଁତରା ମାରିଥିଲା। ଏହା ବ୍ୟତୀତ ଋ୩ ଏୟାରବର୍ଣ୍ଣ ୱାର୍ଣ୍ଣିଂ ଓ କଣ୍ଟ୍ରୋଲ ସିଷ୍ଟମ ଏବଂ କାର୍ଗୋ ବିମାନକୁ ମଧ ସ୍ଥାନୀୟ ଅଞ୍ଚଳରେ ଦେଖିବାକୁ ମିଳିଛି। ସମ୍ଭାବ୍ୟ ଅପରେସନରେ ସହାୟତା କରିବା ପାଇଁ ଆମେରିକା ନୌସେନା ମଧ ମଧ୍ୟପ୍ରାଚ୍ୟ ଓ ପୂର୍ବ ସମୁଦ୍ରରେ ୧୩ଟି ଜାହାଜ ମୁତୟନ କରିଛି। ଏହା ମଧରେ ବିମାନ ବାହକ ଓ ବାଲାଷ୍ଟିକ ମିସାଇଲକୁ ଧ୍ୱଂସ କରିପାରୁ ଥିବା ୯ଟି ଯୁଦ୍ଧ ତୋପ ରହିଛନ୍ତି। ଦ୍ୱିତୀୟ ବିମାନ ବାହାକ ଯୁଦ୍ଧ ତୋପ ଟଌଌ ଏରକ୍ସବକ୍ଷୟ ଜ. ଋକ୍ଟକ୍ସୟ ଓ ୪ଟି ବିଧ୍ୱଂସାକାରୀ ଜାହାଜ ମଧ ମଧ୍ୟପ୍ରାଚ୍ୟ ଆଡ଼କୁ ଆସୁଛନ୍ତି। ଟିମ ଟ୍ରମ୍ପ ଅତିରିକ୍ତ ଭାବେ ଭୂପୃଷ୍ଠ ଭିତ୍ତିକ ଏୟାର ଡିଫେନ୍ସକୁ ମଧ ମଧ୍ୟପ୍ରାଚ୍ୟର ବିଭିନ୍ନ ଅଞ୍ଚଳରେ ମହଜୁଦ କରି ରଖିଛନ୍ତି।

### ରାହୁଲ ଗାନ୍ଧୀ ଓ ୨୫ ସାଂସଦଙ୍କୁ ...

କଂଗ୍ରେସ ପ୍ରବକ୍ତା ଖେଡା କହିଛନ୍ତି, ପ୍ରଥମେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ମିଛରେ କହିଲେ କଂଗ୍ରେସ ସାଂସଦମାନେ ଓମ୍ ବିର୍ଲାଙ୍କୁ ଗାଳିଗୁଲଜ କରିଥିଲେ। ସେ ଯେଉଁ ଭିଡିଓ ଦେଇଥିଲେ ସେଥିରେ ବିର୍ଲା ହସୁଥିବାର ଦେଖିବାକୁ ମିଳିଥିଲା। ବିରୋଧୀ ଦଳକୁ ଛୋଟ କରିବାକୁ ବିଜେପି ସାଂସଦମାନେ ଜାଣିଶୁଣି ରାହୁଲ ଗାନ୍ଧୀ ଦେଶ ପାଇଁ ବିପଦ ବୋଲି ଅଭିଯାନ ଚଳାଇଛନ୍ତି। ଏହିପରି ଭାବେ ମୌଳବାଦୀ ଚିନ୍ତାଧାରାର ପ୍ରସାର ହୋଇଥାଏ ବୋଲି ଖେଡା କହିଛନ୍ତି। କଂଗ୍ରେସ ପ୍ରବକ୍ତା ସୁପ୍ରିୟା ଶ୍ରୀନେତ ଭିଡିଓରେ ସାଂସଦଙ୍କୁ ହତ୍ୟା କରିବାକୁ ଧମକ ଦେଉଥିବା ବ୍ୟକ୍ତି ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଯିବାକୁ ନେଇ ସମାଲୋଚନା କରିଛନ୍ତି। ଓମ୍ ବିର୍ଲା ଓ ଗୃହମନ୍ତ୍ରୀ ଅମିତ ଶାହାଙ୍କୁ ଏନେଇ ପ୍ରଶ୍ନ ପଚାରିଛନ୍ତି। କଂଗ୍ରେସ ମହାସଚିବ କେସି ବେଣୁଗୋପାଳ ମଧ ଏନେଇ ବିଜେପିକୁ ତୀବ୍ର ସମାଲୋଚନା କରିଛନ୍ତି।

### ଉତର ପ୍ରଦେଶର...

ଫେବୃଆରୀ ୧୭ ତାରିଖରେ, ସରସଂଘଚାଳକ ନିରାଲା ନଗରର ମାଧବ ଅଡିଟୋରିୟମରେ ଏକ ପାରିବାରିକ ସମାବେଶରେ ଯୋଗ ଦେଇଥିଲେ। ପରବର୍ତୀ ସମୟରେ, ଫେବୃଆରୀ ୧୮ ତାରିଖରେ, ସେ ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ମାଲବ୍ୟ ଅଡିଟୋରିୟମରେ ଗବେଷଣା ବିଦ୍ୱାନମାନଙ୍କ ସହିତ ଆଲୋଚନା କରିଥିଲେ। ଫେବୃଆରୀ ୧୮ ତାରିଖ ସନ୍ଧ୍ୟାରେ, ଡକ୍ଟର ଭାଗବତ ଗୋମତୀ ନଗରର ଇନ୍ଦିରା ଗାନ୍ଧୀ ପ୍ରତିଷ୍ଠାନରେ ଆୟୋଜିତ ଏକ ପ୍ରମୁଖ ସାଧାରଣ ସଭାକୁ ସମ୍ବୋଧିତ କରିଥିଲେ।

# ବିଜେଡ଼ି ଜିଲ୍ଲା ସାଂଗଠନିକ ନିଯୁକ୍ତି: ରାଜୀବ ଦାସବାବୁ ନୀଳଗିରି ବ୍ଲକ୍ ଏବଂ ଅଚ୍ୟୁତଚରଣ ପ୍ରଧାନ ନଗରସଭାପତି ନିଯୁକ୍ତ



ନୀଳଗିରି, ୧୯/୨ (ନି.ପ୍ର): ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକ ବିଜୁଜନତା ଦଳର ବାଲେଶ୍ୱର ଜିଲ୍ଲା ସାଂଗଠନିକ କର୍ମକର୍ତ୍ତାଙ୍କ ନିଯୁକ୍ତି ପ୍ରଦାନ କରିଛନ୍ତି। ଏହି ନିଯୁକ୍ତିରେ ଜିଲ୍ଲାର ସମସ୍ତ ବ୍ଲକ୍ ଏବଂ ନଗରର ସଭାପତିଙ୍କ ନାମ ଘୋଷଣା ହୋଇଥିବା ବେଳେ ବର୍ତ୍ତମାନର ସିଆଡିମାଳ ପଞ୍ଚାୟତର ସମିତିସଭ୍ୟ ରାଜୀବ ଦାସବାବୁଙ୍କୁ ନୀଳଗିରି ବ୍ଲକ୍ ସଭାପତି ଏବଂ ଯୁବସମାଜସେବୀ ଅଚ୍ୟୁତଚରଣ ପ୍ରଧାନଙ୍କୁ ନୀଳଗିରି ଏନଏସି ସଭାପତି ଭାବେ ନିଯୁକ୍ତି ମିଳିଥିବା ସୂଚନା ମିଳିଛି। ଏହି ନିଯୁକ୍ତି ମିଳିବାପରେ ନୀଳଗିରି ଅଞ୍ଚଳର ବିଜେଡ଼ି କର୍ମକର୍ତ୍ତା ଏବଂ କର୍ମୀଙ୍କ ମହଲରେ ଉତ୍ସାହ ଦେଖାଦେଇଛି। ଉଭୟ ଯୁବନେତା ରାଜୀବ ଦାସବାବୁ ଏବଂ ଅଚ୍ୟୁତଚରଣ ତାଙ୍କର ଚୟନକୁ ନେଇ ଖୁସିବ୍ୟକ୍ତ କରିବାସହିତ ନୀଳଗିରିର ପୂର୍ବତନ ବିଧାୟକ ତଥା ଲୋକଙ୍କ ସୁଖଦୁଃଖର ସାଥୀ ଇଂ ସୁକାନ୍ତ କୁମାର ନାୟକ, ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ , ବାଲେଶ୍ୱର ଜିଲ୍ଲାର ସମସ୍ତ ବରିଷ୍ଠ ବିଜେଡି ନେତା ଓ କର୍ମକର୍ତ୍ତାଙ୍କ ସମେତ ମାନ୍ୟବର ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏନେଇ ନୀଳଗିରି ବିଜେଡି କାର୍ଯ୍ୟାଳୟରେ ଏକ ସମ୍ବର୍ଦ୍ଧନା ପର୍ବର ଆୟୋଜନ ହୋଇଥିଲା। ଏଥିରେ ବିଜେଡିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକଙ୍କ ସମେତ ବରିଷ୍ଠ ବିଜେଡିନେତା ଗଙ୍ଗାଧର ମିଶ୍ର, ସିଆଡିମାଳ ସରପଞ୍ଚ ସୁରଥ ସିଂ, ଉପେନ୍ଦ୍ର ନାୟକ, ରମା ସିଂ, ଭଗବାନ ସେଠୀ, ସୁନୀଲ ପ୍ରଧାନ ପ୍ରମୁଖ ବହୁ ବିଜେଡ଼ି ନେତା ଓ କର୍ମକର୍ତ୍ତା ଉପସ୍ଥିତ ରହି ଉଭୟ ନବନିଯୁକ୍ତ ସଭାପତିଙ୍କୁ ଶୁଭେଚ୍ଛା ଜଣାଇଥିଲେ।ନୀଳଗିରି ବ୍ଲକର ସମସ୍ତ ୨୫ଗୋଟି ପଞ୍ଚାୟତର ଜନସାଧାରଣଙ୍କ ମୌଳିକ ଆବଶ୍ୟକତା ଏବଂ ସର୍ବାଙ୍ଗୀନ ଉନ୍ନତି ଉପରେ ପ୍ରାଥମିକତା ଦିଆଯିବବୋଲି ନବନିଯୁକ୍ତ ବିଜେଡ଼ି ସଭାପତି ରାଜୀବ ଦାସବାବୁ ପ୍ରତିକ୍ରିୟା ଦେଇଛନ୍ତି।

# ଦୁଇ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ବ୍ରାଉନ୍ ସୁଗାର ଜବତ: ୩ ଅଭିଯୁକ୍ତ ଗିରଫ



ପାରାଦୀପ, ୧୯/୨ (ନି.ପ୍ର): ପାରାଦୀପ ଲକ୍ ଥାନା ଅଧିନସ୍ଥ ବାଲିଡିଆ ନିକଟସ୍ଥ ଚଉମୁହାଣୀ ଛକ ନିକଟରେ ତିନି ଜଣ ବ୍ୟକ୍ତି ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ବେଳେ ପାରାଦୀପ ଲକ୍ ଥାନା ପୋଲିସ୍ ହାତରେ ଧରା ପଡିଛନ୍ତି । ସେମାନଙ୍କ ନିକଟରୁ ୨୧.୪୧ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ ହେବା ସହିତ ମୋବାଇଲ୍ ଓ ମୋଟର ସାଇକେଲ୍ ଜବତ ହୋଇଛି । ଘଟଣାରୁ ପ୍ରକାଶଯେ, ବୁଧବାର ଦିନ ପାରାଦୀପ ଲକ୍ ଥାନା ଅଧିନସ୍ଥ ବାଲିଡିଆ ନିକଟସ୍ଥ ଚଉମୁହାଣୀ ଛକ ନିକଟରେ ବ୍ରାଉନ୍‌ସୁଗାର ବ୍ରିକ୍ରି ହେଉଥିବା ନେଇ ପୋଲିସ୍‌କୁ ଖବର ମିଳିଥିଲା । ପାରାଦୀପ ଏଏସପି ସ୍ମୃତିରଂଜନ କର ଏବଂ ଲକ୍ ଥାନା ଅଧିକାରୀ ରଶ୍ମିରଂଜନ ଦାସଙ୍କ ତତ୍ୱାବଧାନରେ ପାରାଦୀପ ଲକ୍ ଥାନା ପୋଲିସ୍ ଘଟଣାରେ ସ୍ଥଳରେ ପହଂଚି ଘଟଣାସ୍ଥଳରୁ ନିକଟସ୍ଥ ବାଲିଡିଆ ଗ୍ରାମର ବିଚିତ୍ରାନନ୍ଦ ପ୍ରଧାନଙ୍କ ପୁଅ ବିକ୍ରମ ପ୍ରଧାନ, ଚଉମୁହାଣି ବାଲିଡିଆ ଗ୍ରାମର ହରେକୃଷ୍ଣ ଜେନାଙ୍କ ପୁଅ ବିଶ୍ୱଜିତ ଜେନା ଓ ବାଲିଡିଆ ଗ୍ରାମର ଦେବେନ୍ଦ୍ର ପ୍ରଧାନଙ୍କ ପୁଅ ରଂଜିତ ପ୍ରଧାନ(ଧାକୁଆ)ଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୨୧.୪୧ ଗ୍ରାମ ଓଜନର ବ୍ରାଉନ୍‌ସୁଗାର ଜବତ କରିବା ସହିତ ଓଡି-୨୧-୦୭୭୨ ମୋଟର ସାଇକେଲ୍ ଜବତ କରିଥିବା ନେଇ ପାରାଦୀପ ଲକ୍ ଥାନା ପୋଲିସ୍ ଗୁରୁବାର ଦିନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି ।

**AFFIDAVIT**

By virtue of an affidavit before the executive Magistrate Balasore, I, Sri Niranjan Das, aged about 66 years, Son of Sri Bhikari Das resident of vill/po- Buanl, P.s.- Sadar, Dist- Balasore, Odisha declare that I am the permanent resident of above noted address having my Aadhaar Card No. 217995630889, wherein my name has been recorded as Niranjan Das and the same name is also reflected in my V.I. Card bearing No. OR/02/014/070888. But in my first V.I. Card in same number, my name was Manoranjan Das and the same name alos reflected in my LiC Policy vide Policy No. 589320278. The photograph which is reflected in the aforesaid two V.I. Card is my own photograph. Both the Niranjan Das and Manoranjan Das S/o- Bhikari Das is one and same person.

Niranjan Das

# ଦଶମ ପରିକ୍ଷାର୍ଥୀ ଏବଂ ଅଭିଭାବକଙ୍କ ନିମନ୍ତେ ସହାୟତାକେନ୍ଦ୍ର ଉଦ୍‌ଘାଟିତ




ବାଲେଶ୍ୱର , ୧୯/୨ (ନି.ପ୍ର): ସଦର ବ୍ଲକ ବଡକିଆ ଶ୍ରୀ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆମ ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପୁରାତନ ବିଦ୍ୟାର୍ଥୀ ପରିଷଦ, ଆଞ୍ଚଳିକ ଉଚ୍ଚ ବିଦ୍ୟାଳୟ, ସାଉଁ ତରଫରୁ ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷାର୍ଥୀ ଏବଂ ଅଭିଭାବକଙ୍କ ନିମନ୍ତେ 'ସହାୟତା କେନ୍ଦ୍ର' ପରିଷଦର ସଭାପତି ଶ୍ରୀ ଜଳଧର ସାମଲଙ୍କ ଦ୍ୱାରା ଉଦ୍ଘାଟିତ ହେଇଛି। ଉକ୍ତ ସହାୟତାକେନ୍ଦ୍ରଟି ଫେବୃଆରୀ ୧୯ ରୁ ମାର୍ଚ୍ଚ୨ ପର୍ଯ୍ୟନ୍ତ ସମସ୍ତ ପରୀକ୍ଷା ଦିବସମାନଙ୍କରେ କାର୍ଯ୍ୟକାରୀ ରହିବ ବୋଲି ପରିଷଦର ସମ୍ପାଦକ ସୁଧାକର ସେଠୀ ଜଣାଇବା ସହ ବଡିକିଆ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ପରିସରରେ ଅଭିଭାବକଙ୍କ ପାଇଁ ବିଶ୍ରାମ ଏବଂ ବସିବାର ସୁ ବ୍ୟବସ୍ଥା, ଶୁଦ୍ଧ ପାନୀୟଜଳ, ଆଶୁ ଚିକିତ୍ସା ସୁବିଧା, ପରୀକ୍ଷାର୍ଥୀମାନଙ୍କ ପାଇଁ ସମସ୍ତ ପରୀକ୍ଷା ଉପକରଣ ଆଦି ପରିଷଦ ତରଫରୁ ଉପଲବ୍ଧ କରାଯାଇଛି ବୋଲି ଜଣାଇଛନ୍ତି। ଏହି ଅବସରରେ ଶ୍ରୀ ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ପରିଷଦର ଶୁଭେଚ୍ଛୁ ତଥା ବୃନ୍ଦାବତୀ ସରକାରୀ ଉଚ୍ଚ ବିଦ୍ୟାଳୟର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ଶ୍ରୀ ଭାସ୍କର ଚନ୍ଦ୍ର ବାରିକଙ୍କ ଉଦ୍ଦେଶ୍ୟରେ ଦୁଇମିନଟ ନୀରବ ପ୍ରାର୍ଥନ ସହ ସ୍ମୃତିଚାରଣ କରାଯାଇଥିଲା। ଏହି ଅବସରରେ ଯୁବ ଆଇନଜିବୀ ପ୍ରଶାନ୍ତ କୁମାର ସାମଲ, ପରିଷଦର ଏହି ଅଭିନବ ପ୍ରୟାସକୁ ଭୂୟସୀ ପ୍ରଶଂସା କରିବା ସହ ଆଗାମୀ ଦିନରେ ପରୀକ୍ଷାର୍ଥୀଙ୍କ ପାଇଁ ସଚେତନତା ଶିବିର କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସହ ସମ୍ପାଦକ ନବକୁମାର ନାୟକ, ସତ୍ୟବ୍ରତ ସ,ରାମଚନ୍ଦ୍ର ମହାନ୍ତି, ଅଭିଭାବକ ବିଜୟ କୁମାର ଦାସ, ଜଗନ୍ନାଥ ସ୍ମୃତି ମଣ୍ଡପ କମିଟିର ଠକର ଚରଣ ପାଢୀ, ସରୋଜ କୁମାର ବେହେରା, ଡାକ୍ତର ମନୋଜ କୁମାର ବାରିକ କଥା ରଖିଥିଲେ। ପରିଷଦର ଯୁବ ସଂଗଠକ ରଶ୍ମୀରଞ୍ଜନ ଜେନା, ସାବିତ୍ରୀରାଣୀ ଦାସ,ଜୟଶ୍ରୀ ରାଉତ,ରାହୁଲ କୁମାର ବାରିକ, ଲକି ସାମଲ,ବିଶ୍ୱରଞ୍ଜନ ସାମଲ, ଭବେଶ କୁ ମହାନ୍ତି ସୁପରିଚାଳନା କରିଥିଲେ। ଡ୍ରୋନ୍ ଜରିଆରେ ରାସ୍ତାରେ ଯାନବାହନ ଗହଳି ଟ୍ରାଫିକ ଆଦି ପରୀକ୍ଷା ପୂର୍ବରୁ ଅନବରତ ନିରିକ୍ଷଣ କରି ଯଥା ସମ୍ଭବ ସାହାଯ୍ୟ କରି ପରୀକ୍ଷାକେନ୍ଦ୍ରକୁ ଯିବାର ଗମନା ଗମନକୁ ଶୃଙ୍ଖଳିତ ଏବଂ ତ୍ୱରିତ କରିବାର ବ୍ୟବସ୍ଥା ପରିଷଦର ଯୁବସଂଗଠକ ଅଭ୍ୟୁଦୟମ୍ ମୁଖ୍ୟ ସବ୍ୟସାଚୀ ପ୍ରଧାନ ଏବଂ ଶୁଭ୍ରାଂଶୁ କୁମାର ରାଉତ ସମ୍ପାଦିତ କରିଥିଲେ। ଅଭିଭାବକଙ୍କ ମଧରେ ହିମାଂଶୁ ପରିଡ଼ା, ରଞ୍ଜନ ନାୟକ, ଉମାକାନ୍ତ ଗୋଛାୟତ, ଶାନ୍ତନୁ କୁମାର ପାଣିଗ୍ରାହୀ, ସୁଧାକର ରାଉତ ଆଦି ଉପସ୍ଥିତ ରହି ବିଭିନ୍ନ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ମନ୍ମଥ କୁମାର ବାରିକ ଧନ୍ୟବାଦ ପ୍ରଦାନ କରିଥିଲେ।

# ବେତନଟୀ ବ୍ଲକରୁ ୧୮୨୯ ଜଣ ପରୀକ୍ଷାର୍ଥୀ ମେଟ୍ରିକ ପରୀକ୍ଷା ଦେଲେ



ବୈଶିଙ୍ଗା , ୧୯/୨ (ନି.ପ୍ର): ସାରା ରାଜ୍ୟରେ ଫେବୃଆରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇଥିବା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ବେତନଟୀ ବ୍ଲକ ରେ ସୁରୁଖୁରୁରେ ସମାପନ ହୋଇଥିବାର ଯାଇଛି। ଏହି ବ୍ଲକ ଅନ୍ତର୍ଗତ ୧୧ ଗୋଟି ପରୀକ୍ଷା କେନ୍ଦ୍ର ରେ ୧୮୫୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବା ବେଳେ ୧୮୨୯ ଜଣ ପରୀକ୍ଷା ଦେଇଥିବା ଓ ୨୪ ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ଥିବା ଜଣାପଡିଛି। ତନ୍ମଧ୍ୟରୁ ଜନତା ସରକାରୀ ହାଇସ୍କୁଲ ସନ୍ତରା ରେ ୧୫୬ ଜଣ ରୁ ୧୫୫ ଜଣ, ସତ୍ୟସାଇ ସରକାରୀ ହାଇସ୍କୁଲ ଖୁଣ୍ଟାପୁର ରେ ୧୨୨ ଜଣ ରୁ ୧୧୪ ଜଣ, ଅଁଳା ସରକାରୀ ହାଇସ୍କୁଲ ରେ ୧୨୩ ଜଣ ରୁ ୧୨୨ ଜଣ, ମୁନିଲାଲ ସରକାରୀ ହାଇସ୍କୁଲ ବୈଶିଙ୍ଗା ରେ ୧୮୨ ରୁ ୧୮୨ ଜଣ, କେସିଏସଏନ ସରକାରୀ ହାଇସ୍କୁଲ ପାଟଳିପୁରା ରେ ୧୫୮ ରୁ ୧୫୭ ଜଣ, ପଞ୍ଚାୟତ ହାଇସ୍କୁଲ ଗଡଦେଉଳିଆ ରେ ୨୩୦ ରୁ ୨୩୦ ଜଣ, ସରକାରୀ ବାଳିକା ହାଇସ୍କୁଲ ବେତନଟୀ ରେ ୧୮୭ ରୁ ୧୮୫ ଜଣ, ପିଏମଶ୍ରୀ ଏମ୍ ପିସି ହାଇସ୍କୁଲ ବେତନଟୀ ରେ ୧୮୫ ରୁ ୧୭୮ ଜଣ, ସରକାରୀ ବାଳିକା ହାଇସ୍କୁଲ ନହଣ୍ଡାଶୋଳ ରେ ୧୯୮ ରୁ ୧୯୮ ଜଣ, ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦା ରେ ୧୫୧ ରୁ ୧୪୮ ଜଣ, ବ୍ରହ୍ମପୁରା ସରକାରୀ ହାଇସ୍କୁଲ ରେ ୧୬୧ ରୁ ୧୬୦ ଜଣ ପରୀକ୍ଷାର୍ଥୀ ଚଳିତ ବର୍ଷ ମେଟ୍ରିକ ପରୀକ୍ଷା ଦେଇଥିବା ଜଣାପଡିଛି। ସିଦ୍ଧେଶ୍ୱର ହାଇସ୍କୁଲ ଛଚିନାପଦା ରେ ୧୪୮ ଜଣ ପରୀକ୍ଷାର୍ଥୀ ଙ୍କ ମଧ୍ୟରୁ ୧୦୪ ଜଣ ସାଧାରଣ ବିଦ୍ୟାଳୟ ଓ ୪୪ ଜଣ ସଂସ୍କୃତ ମଧ୍ୟମା ବର୍ଗର ଅଟନ୍ତି। ପରୀକ୍ଷାକୁ ଶାନ୍ତି ଶୃଙ୍ଖଳା ସହ ପରିଚାଳିତ କରିଥିବାରୁ ଏହି ପରୀକ୍ଷା ସହ ଜଡ଼ିତ ଥିବା ସମସ୍ତ ଶିକ୍ଷକ ଭାଇ ଓ ଭଉଣୀ ମାନଙ୍କୁ ଓଷ୍ଟା ସଂଘ ପକ୍ଷରୁ ଧନ୍ୟବାଦ ଅର୍ପଣ କରାଯାଇଛି।

ଧ୍ୱନି ପ୍ରତିଧ୍ୱନି



# ଅଙ୍ଗନୱାଡ଼ି ସେବାରୁ ବଂଚିତ ବାପଛେଉଣ୍ଡ ପୁତ୍ର 'ଗୁଗୁଲ'

ଉଦଳା, ୧୯/୨ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ଜାମବଣୀ ପଂଚାୟତ ଅନ୍ତର୍ଗତ ବଡ଼ାମପଦା ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ସ୍ୱର୍ଗତଃ ଭୀମ ହାଁସଦାଙ୍କ ୫ ବର୍ଷ ବୟସର ପୁତ୍ର 'ଗୁଗୁଲ' ଅଙ୍ଗନୱାଡ଼ିସେବା ପାଇବାରୁ ବଂଚିତ ଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । 'ଗୁଗୁଲ'ଙ୍କର ଆଧାରକାର୍ଡ଼ ମଧ୍ୟ ନାହିଁ । ଏବେ ସେ ବିଦ୍ୟାଳୟରେ ନାମ ମଧ୍ୟ ଲେଖାଇପାରୁନଥିବାର କଥା ପରିବାରର ଲୋକେ କହିଛନ୍ତି । ଅଙ୍ଗନୱାଡ଼ି ପରିତ୍ୟାଗର ପ୍ରମାଣପତ୍ର, ଆଧାର କାର୍ଡ଼ ଓ ଜନ୍ମ ପ୍ରମାଣପତ୍ର କିଛି ନଥିବାରୁ 'ଗୁଗୁଲ' ବିଦ୍ୟାଳୟରେ ନାମ ଲେଖାଇପାରୁ ନଥିବାର ଜଣାଯାଇଛି । ଦିନକୁ ଦିନ 'ଗୁଗୁଲ'ଙ୍କର ବୟସ ବଢ଼ିଚାଲିଥିବା ବେଳେ ସେ ବିଦ୍ୟାଳୟକୁ ଆଦୌ ନଯିବା ବର୍ତ୍ତମାନ ଚିନ୍ତାର ବିଷୟ ପାଲଟି ଯାଇଛି । ଏହିପରି ବହୁ ଆଦିବାସୀ ପିଲା ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେବା ସହିତ ପାଠପଢ଼ିବାରୁ ବଂଚିତ ହେବାର ଦୃଶ୍ୟ କପ୍ତିପଦା ଉପଖଣ୍ଡରେ ଏକ ନିତିଦିନିଆ



ଘଟଣାରେ ପରିଣତ ହୋଇଛି । ଏତିକିବେଳେ ଏଠାରେ କାର୍ଯ୍ୟରତ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ 'ଗୁଗୁଲ'ଙ୍କୁ କୌଣସି ସହଯୋଗ ନକରି ସମ୍ପୂର୍ଣ୍ଣ ନୀରବ ରହିବା ଯନ୍ତ୍ରଣାଦାୟକ ବିଷୟ ପାଲଟିଛି ବୋଲି ଅନେକ ମତ ଦେଉଛନ୍ତି । ଜିଲ୍ଲା ପ୍ରଶାସନ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବୀ ସଂଗଠନ ଦାବି ଜଣାଇଛନ୍ତି ।

# ପଞ୍ଚାୟତବାସୀଙ୍କ ଦୁଃଖ ବୁଝିଲେ ପୂର୍ବତନ ବିଧାୟକ : ନିମ୍ନମାନର ରାସ୍ତା କାମନେଇ ଯନ୍ତ୍ରୀଙ୍କୁ କଲେ ତାଗିଦ



ନୀଳଗିରି , ୧୯/୨ (ନି.ପ୍ର): ଔପଦା ବ୍ଲକ କାଣ୍ଡଗରଡ଼ି ପଞ୍ଚାୟତର କାନପୁର, ନୟାପାଟଣା, ଖୋଲିଆ କାଣ୍ଡଗରଡ଼ି ଗ୍ରାମର ନୂତନରାସ୍ତା ପାଇଁ ଗ୍ରାମ୍ୟଉନୟନ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରାଶିରେ ରାସ୍ତାକାମ ନିମ୍ନମାନର ହୋଇଥିବା ନେଇ ଦୀର୍ଘ ୬ ମାସ ଧରି ଅଭିଯୋଗ ହୋଇ ଆସୁଥିଲା । ଆଜି ପୂର୍ବାହ୍ନ ୧୧.୩୦ ମିନିଟରେ ପୂର୍ବତନ ବିଧାୟକ ସୁକାନ୍ତ ନାୟକ କାଣ୍ଡଗରଡ଼ି ୱାର୍ଡ ନମ୍ବର ୭ ମାଙ୍କଡାଗଡିଆ ଗ୍ରାମରେ ପହଁଞ୍ଚି ଗ୍ରାମବାସୀଙ୍କ ସହିତ ଆଲୋଚନାକରିବା ପରେ ନିଜେ ରାସ୍ତାର ମନ ଯାଞ୍ଚ କରିଥିଲେ । ଔପଦା ବ୍ଲକ ଯନ୍ତ୍ରୀ ସୂଚନା ପାଇ ଉକ୍ତ ଗ୍ରାମରେ ପହଁଞ୍ଚି ପୂର୍ବତନ ବିଧାୟକ ଏବଂ ଗ୍ରାମବାସୀ ସହିତ ରାସ୍ତା କାମକୁ ଯାଞ୍ଚକରିବା ସହିତ ଯେଉଁ ସ୍ଥାନରେ କାମ ନିମ୍ନମାନର ହୋଇଛି ଉକ୍ତ ଜାଗାକୁ ମରାମତି କରିବାର ପ୍ରତିଶୃତି ଦେବାସହିତ ଆବଶ୍ୟକ ସ୍ଥଳେ ଯେଉଁ ପୋଖରୀ, ଗଡିଆ ଏବଂ କେନାଲ ସ୍ୱିଚ ସ୍ଥାନରେ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରି ନୂତନଯୋଜନା ପ୍ରସ୍ତୁତକରି ଗାର୍ଡୱାଲ ନିର୍ମାଣକରିବେ ବୋଲି ପୂର୍ବତନ ବିଧାୟକଙ୍କ ଆଗରେ ଗ୍ରାମବାସୀ ମାନଙ୍କୁ ପ୍ରତିଶୃତି ଦେଇଛନ୍ତି । ପ୍ରକାଶ ଥାଉ କି ରାସ୍ତାକାମ ସମ୍ପୂର୍ଣ୍ଣ ହୋଇ ଆସୁଥିବା ବେଳେ ମାଙ୍କଡାଗଡିଆ ପୋଖରୀ ଆଡିରେ ଗାର୍ଡୱାଲ ସହିତ ପାଣିନିଷ୍କାସନ ପୋଲ ଏବଂ ପାଇପଥିବା ସ୍ଥାନ ସହିତ ଖୋଲିଆ ରାସ୍ତାର ଦୁଇ ପାର୍ଶ୍ୱରେ ମାଟିପକାଇବା, ଖୋଲିଆ ସ୍କୁଲ ପୋଖରୀ ଆଡିର ଗାର୍ଡୱାଲ କୁ ଉଚ୍ଚକରି ମାଟିପକାଇବା, ଖୋଲିଆ ଗ୍ରାମର ନଳକୂପ ଠାରେ ମାଟି ପକାଇବା, ସିକିଡ଼ିଆ ଗ୍ରାମରେ ବିଭିନ୍ନ ଜାଗାରେ ମାଟିପକାଇବା ସହିତ ମରାମତି କାମକରିବାର ଆବଶ୍ୟକ ହେଉଥିବା ଅଞ୍ଚଳବାସି ପୂର୍ବତନ ବିଧାୟକଙ୍କ ସହିତ ଯନ୍ତ୍ରୀଙ୍କୁ ଅବଗତ କରିଥିବା ବେଳେ ରାସ୍ତାକୁ ଯାଞ୍ଚ କରି ଆବଶ୍ୟକ ସ୍ଥାନରେ ପୁନର୍ବାର କାମକରାଯିବ ବୋଲି ଯନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି ।

# ଗରସଙ୍ଗରେ ନୂତନ ବିଜେଡି ସଭାପତିଙ୍କ ସମ୍ବର୍ଦ୍ଧନା ସମାରୋହ

ଖଇରା, ୧୯/୨ (ନି.ପ୍ର): ଗତ ୨୪ବର୍ଷ ଧରି ବିଜେଡି ଲୋକଙ୍କ ସେବା କରି ଆସିଛି । ପ୍ରତିଟି ସାହି,ଗଳିକନ୍ଦିରେ ବିଜେଡିର ବିକାଶର ଛାପ ରହିଛି । ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆଜି ବି ଓଡିଶାବାସୀଙ୍କ ହୃଦୟ ଦେଇ ଭଲ ପାଉଛନ୍ତି । ବର୍ତ୍ତମାନର ଭାଜପା ସରକାର ଖଣିଲୁଟ ସାଙ୍ଗକୁ ରଙ୍ଗବୋଳା କାର୍ଯ୍ୟରେ ବ୍ୟସ୍ତ । ୧୯ମାସ ମଧ୍ୟରେ ଲୋକଙ୍କ ଆସ୍ଥା ହରାଇ ସାରିଲାଣି ।ଏହି ମହାଦ୍ରୁମ ସମ ବିଜେଡି ମାତ୍ର କିଛିଦିନ ଧରି ପତ୍ରଝଡା ଦେଇଥିଲା । ପୁଣି ପତ୍ର କଅଁଳିଲାଣି । ମନୋବଳ ସୁଦୃଢ଼ କର ଏବଂ ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ଏବେ ଠାରୁ ପ୍ରସ୍ତୁତ ହୋଇ ରୁହ ବୋଲି ଖଇରା



ବ୍ଲକ ର ଗରସଙ୍ଗ ଠାରେ ନୂତନ ବ୍ଲକ ବିଜେଡି ସଭାପତି ରାଜେନ୍ଦ୍ର ଦାସଙ୍କ ସମ୍ବର୍ଦ୍ଧନା ପର୍ବରେ ଯୋଗ ଦେଇଥିବା ବିଜେଡି ନେତୃବୃନ୍ଦ ଓ ଲୋକପ୍ରତିନିଧି ମାନେ ଆହ୍ୱାନ ଦେଇଛନ୍ତି । ଜିଲା ପରିଷଦ ସଭ୍ୟା ପ୍ରତିନିଧି ନରେନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିମୁଳିଆର ପୂର୍ବତନ ବିଧାୟକ ତଥା ବିଜେଡି ଜିଲା ସଭାପତି ଜ୍ୟୋତି ପ୍ରକାଶ ପାଣିଗ୍ରାହୀ,୪ନମ୍ବର ଜୋନ ଜିଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର, ଗଗନଧୁଳୀ ସରପଞ୍ଚ ମଦନ ମୋହନ ସାନ୍ତରା,ସୁଣ୍ଡିରା ସମିତିସଭ୍ୟ ନଳିନି ସାହୁ, କୃଷ୍ଣଚନ୍ଦ୍ର ଜେନା, ବିଜୟ ବାରିକ,ମୋହନ ମହାନ୍ତି ପ୍ରମୁଖ ବକ୍ତବ୍ୟ ରଖିଥିଲେ । ବିଭିନ୍ନ ପଞ୍ଚାୟତରୁ ଦଳୀୟ ନେତା, ଲୋକପ୍ରତିନିଧି ମାନେ ଉପସ୍ଥିତ ଥିଲେ ।

# ନଅଟି ବ୍ଲକରେ ନିୟମିତ ହ୍ରାସ ପାଉଛି ଭୂତଳ ଜଳ ସ୍ତର

ଭୁବନେଶ୍ୱର, ୧୯/୨ (ନି.ପ୍ର): ରାଜ୍ୟର ନଅଟି ବ୍ଲକରେ ନିୟମିତ ଭାବେ ଭୂତଳ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏହିସବୁ ବ୍ଲକ ମଧ୍ୟରେ ଭୁବନେଶ୍ୱର ଓ ଖୋରଧା ରହିଥିବା ଜଣାଯାଇଛି । ରାଜ୍ୟରେ ଭୂତଳ ଜଳସ୍ତର ହ୍ରାସ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ସୂଚନା ଦେଇଛନ୍ତି । ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ନିୟମିତ ଭାବେ ଭୂତଳ ଜଳ ସ୍ତର ହ୍ରାସ ପାଉଥିବା ୯ଟି ବ୍ଲକ ହେଉଛି ତାଳଚେର, ବାଲିଆପାଳ, କୋରେଇ, ଝାରସୁଗୁଡା, ଭୁବନେଶ୍ୱର, ବୋଲଗଡ, ଖୋରଧା, ନୟାଗଡ ଓ ନୂଆପଡା । ଏହିସବୁ ଜିଲ୍ଲାଗୁଡିକରେ ଭୂତଳ ଜଳସ୍ତର ହ୍ରାସ ମଧ୍ୟମ ଧରଣର ବିପଦରେ ଥିବା କୁହାଯାଇଛି ।

# ଆର୍ଥିକ ସକ୍ଷାରତା ଓ ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର

ଭଦ୍ରକ, ୧୯/୨ (ନି.ପ୍ର): ଭଦ୍ରକ ଜିଲ୍ଲା ପ୍ରଶାସନ ତରଫରୁ ଆର୍ଥିକ ସାକ୍ଷରତା ତଥା ସୁକନ୍ୟା ସମୃଦ୍ଧି ସଚେତନତା ଓ ଖାତା ଖୋଲା ଶିବିର ଆୟୋଜିତ ହୋଇଯାଇଛି ଭଣ୍ଡାରିପୋଖରୀ ବ୍ଲକ ର ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମୋହୁରା, ବାରିକପୁର ଠାରେ। ଏହି ଶିବିର ରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡାକ ମୁଖ୍ୟ ଅଧିକାରୀ, ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ, ଲିଡ୍ ବ୍ୟାଙ୍କ୍ ମ୍ୟାନେଜର, ଆର୍ଥିକ ସାକ୍ଷରତା କାଉନସିଲ,ପୂର୍ବତନ ଜିଲ୍ଲା ଆର୍ଥିକ ସେବା ଓ ସଞ୍ଚୟ ଅଧିକାରୀ ପଦ୍ମନ୍ କୁମାର ରାୟ, ଇଣ୍ଡିଆ ପୋଷ୍ଟ ପେମେଣ୍ଟ ବ୍ୟାଙ୍କ୍ ମ୍ୟାନେଜର, ସି ଏଫ୍ ଏଲ୍ ଓ ମୋହୁର ଓ ବରିକପୁର କ୍ଲଷ୍ଟର୍ ର ସି ଆର ସି ସି ଓ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ମହୁରାର ପ୍ରଧାନ ଶିକ୍ଷକ ଯୋଗ ଦେଇଥିଲେ। ଅତିଥି ମାନେ



ଯୋଗଦେଇଥିବା ଅବିଭାବକ, ଅଙ୍ଗନୱାଡ଼ି ୱର୍କର, ସୁପର୍ଭାଇଜର, ସ୍ୱୟଂ ସହାୟକ ଗୋଷ୍ଠୀ ର କର୍ମକର୍ତ୍ତା ମାନଙ୍କୁ ଆର୍ଥିକ ସାକ୍ଷରତା ଆବଶ୍ୟକତା ସମ୍ପର୍କରେ ଅବଗତ କରାଇବା ସହ ବ୍ୟାଙ୍କ୍ ଓ ଡାକଘରେ ଉପଲବ୍ଧ ଥିବା ସମସ୍ତ ସଞ୍ଚୟ ଓ ସାମାଜିକ ସୁରକ୍ଷା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ଜିଲ୍ଲା ଡାକ ମୁଖ୍ୟ ଅଧିକାରୀ ବିଭିନ୍ନ ସଞ୍ଚୟ ଯୋଜନା ଗୁଡିକ ସମ୍ବନ୍ଧରେ ପୁଙ୍ଖାନୁ ପୁଙ୍ଖ ଭାବେ ଆଲୋଚନା କରିଥିଲେ। ଲିଡ ବ୍ୟାଙ୍କ୍ ମ୍ୟାନେଜର ଲୋକମାନଙ୍କୁ ସାଇବର ଫ୍ରଡ୍ ରୁ ଦୂରେଇ ରହିବା ସମ୍ପର୍କରେ ସଚେତନ କରିଥିଲେ। ପଦ୍ମନ୍ କୁମାର ରାୟ ଲୋକମାନଙ୍କୁ ଚିଟ ଫଣ୍ଡ ଫ୍ରଡ ମାନଙ୍କ ଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେବା ସହ ବ୍ୟାଙ୍କ୍ ଓ ଡାକଘରେ ନିବେଶ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଫ୍ ଲ୍ ସି ଓ ସି ଏଫ୍ ଲ୍ ସାଇବର ଠକ ମାନଙ୍କ ବିଭିନ୍ନ ଠକାମୀ ସମ୍ପର୍କରେ ଆଲୋଚନା କରିବା ସହ ଲୋକମାନଙ୍କୁ ଏପରି ଠକାମିର ଶିକାର ହେବାରୁ ବଞ୍ଚିବାର ଉପାୟ ସମ୍ପର୍କରେ ଜଣାଇଥିଲେ। ସଭା ଶେଷରେ ଏକ କୁଇଜ୍ ପ୍ରତିଯୋଗିତା ହେଇଥିଲା ଓ ଅଭିଭାବକ ମାନଙ୍କୁ ପେନ୍ ପୁରସ୍କାର ଦିଆଯାଇଥିଲା। ସୁକନ୍ୟା ଅନ୍ତର୍ଭୁକ୍ତ କରଣ ଶିବିର ରେ ମାହୁରା ଓ ବାରିକପୁର୍ କ୍ଲଷ୍ଟର ର ସମସ୍ତ ବିଦ୍ୟାଳୟ ର ୧୦ବର୍ଷରୁ କମ କନ୍ୟାମାନଙ୍କ ଅଭିଭାବକ ମାନେ ବହୁମାତ୍ରାରେ ଯୋଗ ଦେଇ ତାଙ୍କ କନ୍ୟା ପାଇଁ ସୁକନ୍ୟା ଓ ପପିଏଫ ଖାତା ଖୋଲିଥିଲେ । ଏଥିସହ ଆଧାର ନଥିବା ଛାତ୍ର ଛାତ୍ରୀ ମାନଙ୍କର ଆଧାର ଅନ୍ତର୍ଭୁକ୍ତ କରାଯାଇଥିଲା। ଏହି ସଭା ରେ ମୋଟ ୧୫୦ ଜଣ କର୍ମକର୍ତ୍ତା ଯୋଗଦେଇଥିଲ।

# ରାଜଧାନୀରେ ୧୫ଲକ୍ଷରୁ ଅଧିକ ଯାନବାହାନ ପଞ୍ଜିକୃତ

ଭୁବନେଶ୍ୱର, ୧୯/୨ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଦୁଇଟି ଆଂଚଳିକ କାର୍ଯ୍ୟାଳୟ ଥିବାବେଳେ ଏଠାରେ ମୋଟ ୧୫,୨୦,୩୪୬ ଗୋଟି ବିଭିନ୍ନ କିସମର ଯାନବାହାନ ପଞ୍ଜିକୃତ ହୋଇଛି । ଏହାଛଡା ଅନ୍ୟ ରାଜ୍ୟ ଓ ଜିଲ୍ଲାରେ ପଞ୍ଜିକୃତ ହୋଇଥିବା ଯାନବାହାନ ମଧ୍ୟ ଏଠାରେ ଚଳାଚଳ କରୁଛି । ରାଜଧାନୀର ଚଳାଚଳ କରୁଥିବା ଯାନବାହାନ ଓ ଏଗୁଡିକୁ ରଖିବାପାଇଁ ସ୍ଥାନ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଏହି ସୂଚନା ଦେଇଛନ୍ତି ।

# ବସ୍ତା ବ୍ଲକରେ ମ୍ୟାଟ୍ରିକ ପରୀକ୍ଷା ଦେଲେ ୨୧୯୯ ବିଦ୍ୟାର୍ଥୀ

ବସ୍ତା, ୧୯/୨ (ନି.ପ୍ର):ବସ୍ତା ବ୍ଲକରେ ଆଜିଠୁ ଆରମ୍ଭ ମ୍ୟାଟ୍ରିକ ପରୀକ୍ଷାରେ ୧୫ ଟି କେନ୍ଦ୍ରରେ ୨୧୯୯ ବିଦ୍ୟାର୍ଥୀ ପରୀକ୍ଷା ଦେଇଛନ୍ତି। ଆଜି ଥିଲା ବିଷୟ ମାତୃଭାଷା । ଏଥିରେ ୨୨୫୪ ଙ୍କ ନାଁ ପଞ୍ଜିକୃତ ହୋଇଥିଲେ ହେଁ ୫୫ ଜଣ ପରୀକ୍ଷା ଦେଇନାହାନ୍ତି। ବ୍ଲକରେ ବସ୍ତା ଶମ୍ଭୁନାଥ ହାଇସ୍କୁଲ, ବସ୍ତା ବାଳିକା ବିଦ୍ୟାଳୟ,ଦରଡ଼ା ଏଲ ଏନ ହାଇସ୍କୁଲ, କଇନଗିରି ବିସି ହାଇସ୍କୁଲ, ଧୃତିପୁର। ହାଟୁ ଚରଣ ହାଇସ୍କୁଲ,ଛଚିନା, ତାଡଦା, ବେଲି, ଭେଲୋର।, ପାଉଁଶକୁଲି, କୋଠିଆ, ବାହାର୍ଦ୍ଦା, ଅମରଦା, ଜାମଶୁଳି, ଗୋଡିଖାଳ ହାଇସ୍କୁଲ କେନ୍ଦ୍ରରେ ବିଦ୍ୟାର୍ଥୀ ପରୀକ୍ଷା ଦେଇଥିବା ଜଣାଯାଇଛି। ଆଜି କୌଣସି ଠାରେ ଅଘଟଣ ହୋଇନଥିବା ଖବର ମିଳିଛି।

# ପାର୍ଟ ଫାଇଲ ଜମି ପଞ୍ଜିକରଣରେ ଗଞ୍ଜାମ ଆଗରେ

ଭୁବନେଶ୍ୱର, ୧୯/୨ (ନି.ପ୍ର): ରାଜ୍ୟ ସରକାର ଜମିକୁ ଭାଗ (ପାର୍ଟ ଫାଇଲ) କରି ବିକ୍ରି ଲାଗି ଅନୁମତି ଦେବାପରେ ସମଗ୍ର ରାଜ୍ୟରେ ଲୋକେ ଆବଶ୍ୟକତା ମୁତାବକ ନିଜ ନିଜ ଜମିକୁ ଭାଗ କରି ବିକ୍ରି କରୁଛନ୍ତି । ଗଞ୍ଜାମ ଜିଲ୍ଲାରେ ଏଭଳି ଭାଗ ଜମି ସର୍ବାଧିକ ୧୧ ହଜାରରୁ ଅଧିକ ପଞ୍ଜିକୃତ ହୋଇ ସାରିଲାଣି । ଜମି ଭାଗ କରି ବିକ୍ରି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ ଲୋକେ ନିଜର ଜମିକୁ ଭାଗ କରି ବିକ୍ରି କରିବାପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗର ବିଜ୍ଞପ୍ତିକୁ ଗତ ବର୍ଷ ଜୁନ ମାସରେ ସରଳୀକରଣ କରାଯାଇଥିଲା ଏବଂ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ଏ ନେଇ ଗତବର୍ଷ ଅକ୍ଟୋବର ମାସରେ ବିସ୍ତୃତ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହାକୁ ପାଳନ କରିବାପାଇଁ ସମସ୍ତ ପଞ୍ଜିକରଣ ଅଧିକାରୀଙ୍କ ସ୍ପଷ୍ଟିକରଣ ପ୍ରଦାନ କରାଯାଇଛି ।

# ପୁଟୁରାରୁ ଦୁଇ ମଦ ବେପାରୀ ଗିରଫ

ବସ୍ତା,୧୯।୨(ନିପ୍ର):ବସ୍ତା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ାଉ କରି ଏହି ବ୍ଲକର ପୁଟୁରା ଗାଁର ଦୁଇ ଜଣ ମଦ ବେପାରୀଙ୍କୁ ଗିରଫ କରାଯାଇଛି ଓ ଦେଶୀ ମଦ ଧରା ଯାଇଛି ।ସେମାନେ ହେଲେ ପୁଟୁରାର ବିଜୟ କୁମାର ଘଡେଇ ଓ ହରିଶ ବଡୁ। ସେମାନଙ୍କ ବିରୋଧରେ ମାମଲା ରୁଜୁ ସହ କୋର୍ଟ ଚାଲାଣ କରାଯାଇଥିବା ଜଣାପଡିଛି।

# ବାରିପଦାରେ ସିଦ୍ଧିବିନାୟକଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

## ୩ହଜାର ମହିଳାଙ୍କ କଳସ ଶୋଭାଯାତ୍ରାରେ କଂପିଲା ବାରିପଦା

ବାରିପଦା , ୧୯/୨ (ନି.ପ୍ର): ଆଜି ବାରିପଦାରେ ପ୍ରତିଷ୍ଠା ହେଉଛି ସିଦ୍ଧିବିନାୟକଙ୍କ ଭବ୍ୟ ମନ୍ଦିର। ଏହି ମନ୍ଦିର ପ୍ରତିଷ୍ଠାରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ବିଶେଷ ଉଦ୍ୟମରେ ହେଉଛି ଏହି ଭବ୍ୟ ଆୟୋଜନ। ଗତ ୨୭ ବର୍ଷ ଧରି ଜନସାଧାରଣଙ୍କ ସହାୟତା ରେ ଅଳ୍ପଅଳ୍ପ କରି ତିଆରି ହୋଇଥିବା ଏହି ମନ୍ଦିରକୁ ଆଜି ମିଳୁଛି ଚୁଡାନ୍ତ ରୂପରେଖ। ସିଦ୍ଧି ବିନାୟକଙ୍କ ସହିତ ମହାଦେବ ଓ ହନୁମାନ ମଧ୍ୟ ପାର୍ଶ୍ୱଦେବତା ଭାବରେ ପ୍ରତିଷ୍ଠା ପାଇବେ। ଏହାକୁ ନେଇ ବହୁ ଗଣ୍ୟମାନ୍ୟ ଭକ୍ତଙ୍କ ଉପସ୍ଥିତିରେ



ଆୟୋଜନ ହୋଇଛି ଏକ ଦିବ୍ୟ କଳସ ଶୋଭାଯାତ୍ରା। ବାରିପଦା ପୋଡା ଅସ୍ତିଆ ସ୍ଥିତ ବୁଢାବଳଙ୍ଗ ନଦୀ ପଠାରୁ ୩ହଜାର ୧ଶହ ମହିଳା ମଥାରେ କଳସ ଧରି ଏକ ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ୩ନମ୍ବର ୱାର୍ଡ, ଫରେଷ୍ଟ କଲୋନୀ ଠାରେ ନବନିର୍ମିତ ଏହି ମନ୍ଦିରରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ନେତାମନ୍ତ୍ରୀ ,ବିଶିଷ୍ଟ ବ୍ୟକ୍ତିମାନଙ୍କ ସହିତ ଲୋକପ୍ରିୟ ସାଧ୍ୱୀ ତଥା ଧର୍ମ ପ୍ରଚାରକ ମା ରାସେଶ୍ୱରୀ ଦେବୀ ମଧ୍ୟ ଉପସ୍ଥିତ ରହିଥିଲେ। ଏହି ଶୋଭାଯାତ୍ରା ଲାଗି ବାରିପଦା ବୁଢାବଳଙ୍ଗ ନଦିକୂଳ ଠାରୁ ମନ୍ଦିର ପର୍ଯ୍ୟନ୍ତ ହୋଇଥିଲା ବ୍ୟାପକ ଆୟୋଜନ। କଳସ ଶୋଭାଯାତ୍ରା ରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ରୁ ମହିଳା ମାନେ ଯୋଗଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିବା ବେଳେ, ବାରିପଦା ସହର ରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହି କାର୍ଯ୍ୟକ୍ରମ ଆଗାମୀ ୨୨ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ବହୁ ମାନ୍ୟ ଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

# 'ଗ୍ରାମିଣ ଚର୍ଚ୍ଚା' ପାଇଁ ମୟୂରଭଂଜରେ ଚାଲିଛି ପ୍ରସ୍ତୁତି

ଉଦଳା, ୧୯/୨ (ନି.ପ୍ର): ଜନଜାତୀୟ ଜ୍ଞାନ କୌଶଳର ସଂରକ୍ଷଣ ଏବଂ ପ୍ରସାର ଉଦ୍ଦେଶ୍ୟରେ ଆତ୍ମଶକ୍ତି ଟ୍ରଷ୍ଟର ଆୟୋଜନରେ ଚଳିତ ଫେବୃଆରୀ ୨୨ ତାରିଖ ଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ଓଡ଼ିଶାର ରାୟଗଡ଼ା ଜିଲ୍ଲାର ବିଷମକଟକଠାରେ 'ଗ୍ରାମିଣ ଚର୍ଚ୍ଚା' ନାମକ ଏକ କାର୍ଯ୍ୟକ୍ରମ ଆୟୋଜିତ ହେବାକୁ ଯାଉଛି । ଏଥିରେ ମୟୂରଭଂଜ ସମେତ ଓଡ଼ିଶାର ୧୭ ଗୋଟି ଜିଲ୍ଲା ଏବଂ ଉତରପ୍ରଦେଶ, ଛତିଶଗଡ଼, ରାଜସ୍ଥାନ, ଝାଡ଼ଖଣ୍ଡ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ ପ୍ରଭୃତି ରାଜ୍ୟ ମାନଙ୍କରୁ ବହୁ ସ୍ୱେଚ୍ଛାସେବୀ ସଂଗଠନ, ଗଣମାଧ୍ୟମର ପ୍ରତିନିଧି ଓ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଉକ୍ତ କାର୍ଯ୍ୟକ୍ରମରେ



ମୟୂରଭଂଜର ଜନଜାଗୃତି ମଂଚର ସଦସ୍ୟ ମାନେ ଅଂଶ ଗ୍ରହଣ କରିବା ସହିତ ଜିଲ୍ଲାରେ ହଜିବାକୁ ବସୁଥିବା ଲୋକ କଥା, କାହାଣୀ, ସଂସ୍କୃତି, ପରମ୍ପରା, କୃଷି ଓ ପରିବେଶର ସଂରକ୍ଷଣ ସମ୍ପର୍କିତ କଥା ସ୍ଥାନଦେବେ ବୋଲି ଜଣାଇଛନ୍ତି। ଏ ବାବଦରେ ମଂଚର ଟିମ ଲିଡ଼ର ଗଦାଧର ଦାଶ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଥିବା ବେଳେ ସଦସ୍ୟ ଆରତୀ ଖଣ୍ଡାପାତ୍ର, ରୁପାଏ ବାସ୍କେ, ନିରୁପମା ଦାସ, ସୁଦର୍ଶନ ଦଳେଇ, କୌଳାସ ନାୟକ, ହରପ୍ରିୟା ଦାସ, ସସ୍ମିତା ମଡ଼େଇ, ରାମଚନ୍ଦ୍ର ସିଂ, ରାମାୟ ମୁର୍ମୁ ଇତ୍ୟାଦି ପ୍ରସ୍ତୁତି ପର୍ବରେ ଲାଗିଥିବା ଜଣାଯାଇଛି । ପାରମ୍ପାରିକ ଖାଦ୍ୟ ପ୍ରଣାଳୀ, ପାରମ୍ପାରିକ ଜ୍ଞାନ ଏବଂ ସମୁଦାୟ ନେତୃତ୍ୱ ବିନା ବିକଶିତ ଗ୍ରାମ ସମ୍ଭବ ନୁହେଁ ବୋଲି ମଂଚ ତରଫରୁ କୁହାଯାଇଛି ।

# ଜମିବାଡ଼ି ମାପଚୁପକୁ ନେଇ ରକ୍ତାକ୍ତ ସଂଘର୍ଷ : ସମ୍ପର୍କୀୟ ଭାଇର ଭୁଜାଲି ମାଡ଼ରେ ଯୁବକ ଗୁରୁତର

ଜଳେଶ୍ୱର, ୧୯/୨ (ନି.ପ୍ର): ଘରୋଇ ଜମିଜମା ବିବାଦକୁ ନେଇ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ସାମାନ୍ୟ ଜମି ମାପଚୁପକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ନିଜ ସମ୍ପର୍କୀୟ ଭାଇଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଯୁବକ ଜଣକ ଗୁରୁତ୍ୱର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ବସ୍ତି ଅଞ୍ଚଳରେ ଦୀର୍ଘ ଦିନ ଧରି ଜମିବାଡ଼ି ମାପଚୁପକୁ ନେଇ ବିବାଦ ଲାଗି ରହିଥିଲା। ଗ୍ରାମର ସେକ କରାମତ ଓରଫ ଗରିବୁଲା ଏହି ବିଷୟକୁ ନେଇ ଅସନ୍ତୋଷ ପ୍ରକାଶ କରି ଆସୁଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ପୁଣି ଥରେ ମାପଚୁପକୁ ନେଇ ଉଭୟ



ପକ୍ଷ ମଧ୍ୟରେ ବଚସା ଆରମ୍ଭ ହୋଇଥିଲା, ଯାହା ପରବର୍ତ୍ତୀ ସମୟରେ ଉଗ୍ର ରୂପ ଧାରଣ କରିଥିଲା। ଝଗଡ଼ା ସମୟରେ ଉତ୍କ୍ଷିପ୍ତ ହୋଇ ସେକ କରାମତ ଏକ ଧାରୁଆ ଭୁଜାଲିରେ ସମ୍ପର୍କୀୟ ଭାଇ ସେକ ସରାଫତଙ୍କୁ ଆକ୍ରମଣ କରିଥିଲେ। ଭୁଜାଲି ମାଡ଼ରେ ସରାଫତଙ୍କ ପେଟ ଓ ଜଙ୍ଘରେ ଗଭୀର ଆଘାତ ଲାଗିଛି। ସୂଚନାଯୋଗ୍ୟ ଯେ, ସେକ ସରାଫତ କତାରରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରନ୍ତି ଏବଂ ମାତ୍ର ତିନି ଦିନ ପୂର୍ବରୁ ଛୁଟିରେ ଘରକୁ ଫେରିଥିଲେ। ରକ୍ତାକ୍ତ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ତୁରନ୍ତ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲକୁ ନେଇଥିଲେ। ମାତ୍ର ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଘଟଣା ସମ୍ପର୍କରେ ଖବର ପାଇ ଜଳେଶ୍ୱର ଥାନା ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଜଳେଶ୍ୱର ଥାନା ରେ ଅଭିଯୋଗ ହୋଇଛି।

# ଆହତଙ୍କୁ ମେଡିକାଲ ପହଞ୍ଚାଇଲେ ପୂର୍ବତନ ବିଧାୟକ

ଖଇରା, ୧୯/୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ନହଙ୍ଗ ଗ୍ରାମର ତିଲୋତ୍ତମା ଦାସ ପୁଅକୁ ଟିଉସନ ରୁ ଆଣିବାକୁ ଯାଉଥିବା ବେଳେ ତାରିଣୀ ଛକ ନିକଟରେ ଦିପୁ ଟୁଡୁ ନାମକ ଯୁବକ ପଛପଟୁ ଧକ୍କା ଦେଇଥିଲା । ଗରସଙ୍ଗ ସଭାସାରି ସେହି ସମୟରେ ସେହି ରାସ୍ତାଦେଇ ଖଇରା ଯାଉଥିବା ପୂର୍ବତନ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ମାନବିକତା ଦେଖାଇ ଗାଡିରୁ ଓହ୍ଲାଇ ପାଖଗ୍ରାମବାସୀଙ୍କ ସହଯୋଗରେ ଆହତ ତିଲୋତ୍ତମାକୁ ଖଇରା ମେଡିକାଲରେ ପହଞ୍ଚାଇଥିଲେ । ଶ୍ରୀ ପାଣିଗ୍ରାହୀଙ୍କ ଏଭଳି କାର୍ଯ୍ୟକୁ ନେଇ ସାଧାରଣରେ ପ୍ରଶଂସା କରାଯାଉଛି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida